


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-249 ◆SUNDAY ◆08 MARCH 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୪୯ ◆ରବିବାର ◆୦୮ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ରଙ୍ଗ କାରଖାନାରେ ଅଗ୍ନିକାଣ୍ଡ; ୫ ମହିଳା ଶ୍ରମିକ ଦଗ୍ଧ



■ ଜୀନ୍ଦ, ୭।୩ (ଏଜେନ୍ସି): ହରିୟାଣାର ଜୀନ୍ଦରେ ଶନିବାର ଦିନ ଏକ ବଡ଼ ଅଗ୍ନିକାଣ୍ଡ ଘଟିଛି। ହୋଲି ପାଇଁ ରଙ୍ଗ ତିଆରି ହେଉଥିବା ଏକ କାରଖାନାରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଯୋଗୁଁ ୫ ଜଣ ମହିଳା ଶ୍ରମିକ ମୃତ୍ୟୁବରଣ କରିଥିବା ବେ।ଳେ ୧୭ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ମହିଳା ଅଛନ୍ତି। ଏହି ଦୁର୍ଘଟଣା ସଫିଦୋର ଭାଟ୍ କଲୋନୀରେ ଘଟିଛି। କାରଖାନର ମୁଖ୍ୟ ଫାଟକରେ ତାଲା ପଡ଼ିଥିଲା। ଫଳରେ ନିଆଁ ଲାଗିବା ପରେ ଶ୍ରମିକମାନେ ବାହରକୁ ଆସି ନପାରି ସେଠାରେ

**୧୭ ଆହତ ହସ୍ପିଟାଲ୍‌ରେ ଭର୍ତ୍ତି**

ଫସି ରହିଥିଲେ। ଜୀବନ ବଞ୍ଚାଇବା ପାଇଁ ଶ୍ରମିକମାନେ ଛାତ ଉପରୁ ଡେଇଁ ପଡ଼ିଥିଲେ। ସୂଚନା ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।


## ଟି-୨୦ ବିଶ୍ୱକପ୍: ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ୍ ଆଜି




■ ଅହମଦାବାଦ୍, ୭।୩ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ପ୍ରଥମ ଟାଇଟଲ ଜିତିବା ଅପେକ୍ଷାରେ ଥିବା ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଟି-୨୦ ବିଶ୍ୱକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ଖେଳାଯିବ। ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡକୁ ୭ ରନ୍‌ରେ ହରାଇ ଭାରତ ଏହି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଉଭୟ ଦଳ ନିକଟରେ ଏକା ଏକା ମ୍ୟାଚ୍ ଜିତାଇବାର ଖେଳାଳି ଥିବାବେଳେ ଫାଇନାଲ ମୁକାବିଲାଟି ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି। ଭାରତର ବିସ୍ଫୋରକ ବ୍ୟାଟିଂ ବନାମ ନ୍ୟୁଜିଲାଣ୍ଡର ସନ୍ତୁଳିତ ବୋଲିଂ ମଧ୍ୟରେ ଏହି ମୁକାବିଲା ହେବ ବୋଲି କୁହାଯାଉଥିଲେ ମଧ୍ୟ ଯେଉଁ ଦଳ ମ୍ୟାଚ୍‌ରେ ଚାପକୁ ଉଚିତ ମୁକାବିଲା କରିପାରିବ ସେହି ଦଳ ଟାଇଟଲ ଜିତିବାର ସମ୍ଭାବନା ଅଧିକ। ଅହମଦାବାଦ୍‌ରେ ▶ପୃଷ୍ଠା-୭

# ଲମ୍ବୁଛି ଯୁଦ୍ଧ; ବିଶ୍ୱ ନେତୃତ୍ୱ ନିରବ

## ତୈଳ ସଙ୍କଟ ଯୋଗୁଁ ଯୋଗାଣ ଶୃଙ୍ଖଳ ଗୁରୁତର ପ୍ରଭାବିତ ହେବା ଆଶଙ୍କା




■ ନୂଆଦିଲ୍ଲୀ, ୭।୩ (ସମିସ): ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଆଜିକୁ ୮ ଦିନ ହେଲା ଆକ୍ରମଣ-ପ୍ରତିଆକ୍ରମଣ ଜାରି ରହିଛି। ଉଭୟ ପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ରହି ଯୁଦ୍ଧ ସ୍ଥିତିକୁ ଗମ୍ଭୀର କରିଦେଇଛନ୍ତି। ଆମେରିକା ନିଜକୁ ସର୍ବଶକ୍ତିଶାଳୀ ସାବ୍ୟସ୍ତ କରିବାକୁ ଯାଇ ଇରାନର ସର୍ବୋଚ୍ଚ ନେତା ନିର୍ଦ୍ଧାରଣରେ ମୁଣ୍ଡ ପୂରାଇଛି। ଖାମନେଇଙ୍କ ପୁଅଙ୍କୁ ସର୍ବୋଚ୍ଚ ନେତା କରାଯାଇଥିବାରୁ ଆମେରିକା କ୍ଷୋଭ ପ୍ରକାଶ କରିବା ସହିତ କହୁଛି ଯେ ଇରାନର ସର୍ବୋଚ୍ଚ ନେତା କିଏ ହେବ, ତାହା ଆମେରିକା ନିର୍ଦ୍ଧାରଣ କରିବ। କେବଳ ଏତିକି ନୁହେଁ, ଆତ୍ମସମର୍ପଣ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍‌କୁ ଚେତାବନୀ ଦେଇଛନ୍ତି। ଏଯାଏଁ ହୋଇଥିବା ଆକ୍ରମଣରେ ଇରାନ୍ ବହୁତ କିଛି ହରାଇ ସାରିଲାଣି, ଏବେ ଶାନ୍ତି ପାଇଁ ବାଟ ଖୋଜୁଛି; ତଥାପି ଆଜି ରାତିରେ ଇରାନ୍ ଉପରେ ସବୁଠୁ ଭୟଙ୍କର ଆକ୍ରମଣ ହେବ ବୋଲି ଟ୍ରମ୍ପ ସାମାଜିକ ଗଣମାଧ୍ୟରେ ପୋଷ୍ଟ କରି ଧମକ ଦେଇଛନ୍ତି। ତେବେ ରାଷ୍ଟ୍ରର ସର୍ବୋଚ୍ଚ ନେତା ଖାମନେଇଙ୍କୁ ହରାଇବା ପରେ ଇରାନ୍‌ର କଠୋରପନ୍ଥୀ ନୀତି ନିର୍ଦ୍ଧାରକ ଗୋଷ୍ଠୀ ଆହୁରି ପ୍ରତିଶୋଧପରାୟଣ ହୋଇଉଠିଛନ୍ତି। ଏହି ନେତୃମଣ୍ଡଳୀ ଆମେରିକାର ଧମକକୁ ନ ଡରି ଆତ୍ମସମର୍ପଣର ପ୍ରଶ୍ନ ଉଠୁନାହିଁ; ଶେଷଗୁଳି ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଟ୍ରମ୍ପଙ୍କୁ ସିଧାସଳଖ ଶୁଣାଇଦେଇଛନ୍ତି। ଏହି ସ୍ଥିତିରେ ମଧ୍ୟପ୍ରାଚ୍ୟର ଏହି ଯୁଦ୍ଧର ପରିସମାପ୍ତି କେବେ ହେବ, ତାହା ଆକଳନ କରିବା ବିଶେଷଜ୍ଞଙ୍କ ପାଇଁ ଦୁରୂହବ୍ୟାପାର ▶ପୃଷ୍ଠା-୭

### ବଢ଼ିବନି ପେଟ୍ରୋଲ-ଡିଜେଲ ମୂଲ୍ୟ: କେନ୍ଦ୍ର

■ ନୂଆଦିଲ୍ଲୀ, ୭।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ଭାରତରେ ତୈଳ ମୂଲ୍ୟ ବଢ଼ିବା ନେଇ ନାନା ଆଶଙ୍କା ପ୍ରକାଶ ପାଇଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇ ଚାଲିଥିବାବେଳେ ଦେଶରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଆକାଶଛୁଆଁ ହୋଇପାରେ ବୋଲି ଅନେକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଉଛି। ସମସ୍ତେ ଏହାକୁ ନେଇ ଆଶଙ୍କିତ ଥିବାବେଳେ ସରକାର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ପଶ୍ଚିମ ଏସିଆରେ ଏଭଳି ସ୍ଥିତି ଲାଗି ରହିଥିଲେ ବି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି କରାଯିବ ନାହିଁ ବୋଲି ସରକାରୀ ସୂତ୍ରରୁ ସୂଚନା ମିଳିଛି। ଏହି ▶ପୃଷ୍ଠା-୭

### ରୋଚକ ସ୍ଥିତିରେ ରାଜ୍ୟସଭା ନିର୍ବାଚନ

## ପ୍ରାର୍ଥୀଙ୍କ ଦିଲ୍ଲୀ ଦୌଡ଼

**ବିଜେପି ଶୀର୍ଷ ନେତାଙ୍କ ସହ ମନମୋହନ, ସୁଜିତ୍‌ଙ୍କ ଆଲୋଚନା**

**କଂଗ୍ରେସ ଅଧ୍ୟକ୍ଷ ଖଡ୍‌ଗେଙ୍କୁ ଭେଟିଲେ 'ମିଳିତ ପ୍ରାର୍ଥୀ' ଦତ୍ତେଶ୍ୱର**

■ ଭୁବନେଶ୍ୱର, ୭।୩ (ସମିସ): ରାଜ୍ୟରେ ୪ ଆସନ ପାଇଁ ମଇଦାନରେ ମୋଟ ୫ ଜଣ ପ୍ରାର୍ଥୀ ରହିବା ପରେ ରାଜ୍ୟସଭା ନିର୍ବାଚନ ନେଇ ରାଜ୍ୟ ରାଜନୀତି ଉଷ୍ମ ହେବାରେ ଲାଗିଛି। ବିଶେଷକରି ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ତୁଙ୍ଗ ନେତା ଅମିତ୍ ଶାହ ଓଡ଼ିଶା ଗସ୍ତରେ ଆସି ଦଳୀୟ ନେତାଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଏହାପରେ ବିଭିନ୍ନ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଏସବୁ ମଧ୍ୟରେ ଅମିତ ଶାହଙ୍କ ବୈଠକ ପରେ ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ପ୍ରାର୍ଥୀ ମନମୋହନ ସାମଲ ଏବଂ ଅନ୍ୟତମ ପ୍ରାର୍ଥୀ ସୁଜିତ୍ କୁମାର ଗତକାଲି ରାତିରେ ଦିଲ୍ଲୀ ଗସ୍ତ କରିଛନ୍ତି। ତାଙ୍କ ସହ ରାଜ୍ୟ ବିଜେପି ପ୍ରଭାରୀ ଓ ସହପ୍ରଭାରୀ ମଧ୍ୟ ଦିଲ୍ଲୀ ଗସ୍ତ କରିଥିବା ଜଣାପଡ଼ିଛି। ଆଜି ଦଳର ଶୀର୍ଷ ନେତାଙ୍କ ସହ ରାଜ୍ୟସଭା ନିର୍ବାଚନ ପ୍ରସଂଗ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଅପରପକ୍ଷେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ଆଜି ନୂଆଦିଲ୍ଲୀରେ ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖଡ୍‌ଗେଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଉପସ୍ଥିତ ଥିଲେ। ଆସନ୍ତା ୯ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ସେହିପରି ୧୬ ତାରିଖରେ ୪ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

### ପଶ୍ଚିମା ଝଡ଼ ସକ୍ରିୟ

## ୨୬ ଜିଲ୍ଲାକୁ ୨ ଦିନ ବର୍ଷା-ବତାସ ଭୟ

■ ଭୁବନେଶ୍ୱର, ୭।୩ (ସମିସ): ଆସନ୍ତା ୯ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳର ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

କେନ୍ଦ୍ର ପକ୍ଷରୁ ପ୍ରଦତ୍ତ ସୂଚନା ଅନୁଯାୟୀ ରବିବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲ୍ଲାରେ ବର୍ଷା ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ,. ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି ଓ ବୌଦ୍ଧରେ ସ୍ଥାନେ ସ୍ଥାନେ ବର୍ଷା ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ। ଏଥିପାଇଁ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ଦିନକରେ ୫ଜଣଙ୍କ ସଳିଳ ସମାଧି

## କୋଲାବରେ ବୁଡ଼ି ୩ ଛାତ୍ର ମୃତ

**ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ଅଭିଭାବକ**

**ହସ୍‌ପିଟାଲ ପରିସରରେ ଉତ୍ତେଜନା**

■ କୋରାପୁଟ, ୭।୩ (ସମିସ): କୋଲାବ ଜଳଭଣ୍ଡାରରେ ଆଜି ଏକ ବଡ଼ ଅଘଟଣ ଘଟିଛି। ଗାଧୋଇବା ବେଳେ ଜଳଭଣ୍ଡାରରେ ବୁଡ଼ି ୩ ଛାତ୍ର ପ୍ରାଣ ହରାଇଛନ୍ତି। ସେମାନେ ହେଲେ, ଲକ୍ଷ୍ମୀପୁର ବ୍ଲକ୍ ଓଡ଼ିଆପେଣ୍ଟ ପଞ୍ଚାୟତ ବିରିଗୁଡ଼ା ଗ୍ରାମର ସ୍ୱସ୍ତିକ ହାଲୱା, ଲମତାପୁଟର ଓମ୍‌ପ୍ରକାଶ ବେହେରା, କୋରାପୁଟ ପୂଜାରୀପୁଟର ଲିଙ୍ଗରାଜ ଖିଲ। ଏମାନେ ସମସ୍ତେ କୋରାପୁଟ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟରେ ଦଶମ ଶ୍ରେଣୀର ଛାତ୍ର। ଏହି ଦୁଃଖଦ ଘଟଣା ସମଗ୍ର କୋରାପୁଟ ଜିଲ୍ଲାରେ ଶୋକର ଛାୟା ଖେଳାଇ ଦେଇଛି।

ସୂଚନାନୁଯାୟୀ, କୋରାପୁଟ ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କୋରାପୁଟ ବ୍ଲକ୍ ମାଛରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମାଟ୍ରିକ୍ ପରୀକ୍ଷା ଦେଉଥିଲେ। ଆଜି ପରୀକ୍ଷାର ଶେଷ ଦିନ ଥିଲା। ପରୀକ୍ଷା ସରିବା ପରେ ସମସ୍ତେ ସ୍କୁଲକୁ ଫେରି ଆସିଲେ। ଆଜି ଶେଷଦିନ ଥିବାରୁ ଠିକ୍ ସମୟରେ ଆସି ନିଜ ପିଲାଙ୍କୁ ଘରକୁ ନେଇଯିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକମାନଙ୍କୁ ଅବଗତ କରିଥିଲେ। ପ୍ରାୟ ସବୁ ପିଲାଙ୍କ ଅଭିଭାବକ ଆସି ନିଜ ପିଲାଙ୍କୁ ନେଇଥିବା ବେଳେ ସ୍ୱସ୍ତିକ, ଓମ୍ ଓ ଲିଙ୍ଗରାଜଙ୍କ ଅଭିଭାବକ ସ୍କୁଲ ଆସିବାରେ ବିଳମ୍ବ ହୋଇଥିଲା। ଏହା ଭିତରେ ଏହି ୩ ସାଙ୍ଗ ସ୍କୁଲ ନିକଟରେ ଥିବା ଉପର କୋଲାବ ଜଳଭଣ୍ଡାରକୁ ଗାଧୋଇବା ପାଇଁ ଚାଲିଯାଇଥିଲେ। କିନ୍ତୁ, ତିନି ଜଣଯାକ ପହଁରା ଶିଖି ନ ଥିବାରୁ ପାଣିରେ ପଶିବା ▶ପୃଷ୍ଠା-୭

## ପୋଖରୀରେ ବୁଡ଼ି ଦୁଇ ସାଙ୍ଗଙ୍କ ମୃତ୍ୟୁ

■ କପ୍ତିପଦା, ୭।୩ (ସମିସ): ପୋଖରୀରେ ବୁଡ଼ି ଦୁଇ ସାଙ୍ଗଙ୍କ ସଳିଳ ସମାଧି। କପ୍ତିପଦା ଥାନା ବଡ଼ଖଲାଡି ନଛିପୁର ଗ୍ରାମରେ ଘଟିଛି ଏଭଳି ହୃଦୟ ବିଦାରକ ଘଟଣା। ମୃତକଦ୍ୱୟ ହେଲେ, ଦାଣ୍ଡଘାଟ ଦେହୁରୀ ସାହି ବିଦ୍ୟାଳୟରେ ପଢୁଥିବା ଶୁଭସନ୍ଧ୍ୟା ନାୟକ (୭) ଏବଂ ରାଜଲକ୍ଷ୍ମୀ ଶଙ୍ଖୁଆଳ (୮)। ଦୁହେଁ ଆଜି ସ୍କୁଲରୁ ଫେରି ଗାଧୋଇବା ପାଇଁ ଘର ନିକଟ ପୋଖରୀକୁ ଯାଇଥିଲେ। ପରିବାରଲୋକେ ନଳକୂପରେ ଗାଧୋଇବାକୁ କହିଥିଲେ ସୁଦ୍ଧା ଦୁଇ ସାଙ୍ଗ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କିଛି ସମୟ ପରେ ଅଚାନକ ପରିବାର ଲୋକେ ଦୁଇ ନାବାଳିକା ଝିଅ ପାଣିରେ ବୁଡ଼ି ଯାଇଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ପରିବାର ସଦସ୍ୟ ପୋଖରୀରେ ପଶି ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କପ୍ତିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ନାବାଳିକା ସାଙ୍ଗ ଏକ ସାଙ୍ଗେ ପୋଖରୀରେ ବୁଡି ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ବାଇକ୍ ଉପରେ ଚଢ଼ିଗଲା ହାଇୱା; ୩ ସାଙ୍ଗ ମୃତ

### କାଳ ହେଲା ରାତିରେ ମେଳଣ ଦେଖି ଯିବା



■ ଭୁବନେଶ୍ୱର/ପାହାଲ, ୭।୩ (ସମିସ): କାଳ ହେଲା ରାତିରେ ମେଳଣ ଦେଖି ଯିବା। ବାଇକ୍ ଉପରେ ହାଇୱା ମାଡ଼ିଯିବାରୁ ୩ ସାଙ୍ଗଙ୍କ ଜୀବନ ଚାଲିଗଲା। ଫୁଲନଖରା-ନିଆଳି ରାସ୍ତାର ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଅନନ୍ତପୁର ଗ୍ରାମ ନିକଟରେ ଗତ ରାତିରେ ଏପରି ଏକ ଛାତିଥରା ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଅଞ୍ଚଳର ରସିତ୍ ରାଉତରାୟ, ଦେବଗଡ଼ ଜିଲ୍ଲାର ବିକାଶ ମହାପାତ୍ର ଏବଂ କସରଦା ଅଞ୍ଚଳର ସତ୍ୟଜିତ ଓଝା। ପୁଲିସ ସୂଚନାନୁଯାୟୀ, ତିନିସାଙ୍ଗ ନିଆଳିରେ ରହି ଏକ ଗ୍ୟାରେଜ୍‌ରେ କାମ କରୁଥିଲେ। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୨ଟାରେ ସେମାନେ ଏକ ବାଇକ୍‌ରେ ଦୋପଟି ମେଳଣ ଦେଖିବାକୁ ଯାଉଥିଲେ। ଫୁଲନଖରା-ନିଆଳି ରାସ୍ତାର ଅନନ୍ତପୁର ଗ୍ରାମ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ହାଇୱା ପଛପଟୁ ସେମାନଙ୍କୁ ଧକ୍କା ଦେବା ସହ ସମସ୍ତଙ୍କ ଉପରେ ମାଡ଼ି ଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE ENGINEERING
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


### ଧାନକିଣା ପ୍ରହସନ

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବି ବେଖାତିର

### ବିଭାଗ ବେଫିକର୍; ହାତ ଟେକିଦେଲେ ଜିଲ୍ଲାପାଳ


**ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ପଡ଼ିବା ପରେ ଦୁଇ ଚାଷୀ ନେଇଥିଲେ ହାଇକୋର୍ଟଙ୍କ ଆଶ୍ରୟ**

**ଧାନ ବିକ୍ରି ପାଇଁ ଅନୁମତି ଦେବାକୁ ହାଇକୋର୍ଟ ଦେଇଥିଲେ ନିର୍ଦ୍ଦେଶ**



■ ଭୁବନେଶ୍ୱର, ୭।୩ (ସମିସ): ଚଳିତ ଖରିଫରେ ଧାନ ବିକ୍ରିକୁ ନେଇ ରାଜ୍ୟବ୍ୟାପୀ ଚାଷୀ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବିରୋଧୀ ବିଜେଡି ଏନେଇ ସଡ଼କରୁ ବିଧାନସଭା ଯାଏଁ କଡ଼ା ପ୍ରତିବାଦ ମଧ୍ୟ କରିଛି। ଅନ୍ୟ ରାଜନୈତିକ ଦଳ, ଚାଷୀ ସଂଗଠନ ମଧ୍ୟ ଏନେଇ ସରକାରଙ୍କୁ କାଠଗଡ଼ାକୁ ଟାଣିଥିଲେ ହେଁ ଧାନକିଣା ସୁରୁଖୁରୁରେ ହେବା ନେଇ ଚାଷୀଙ୍କୁ ସେପରି ଆଖିଦୃଶିଆ ଆଶ୍ୱାସନା ଦେଇପାରି ନାହାନ୍ତି ସରକାର। ଧାନକିଣାକୁ ନେଇ ସରକାରଙ୍କୁ ବିଭିନ୍ନ ମହଲରେ ସମାଲୋଚନାର ଶରବ୍ୟ ହେବାକୁ ପଡୁଥିବା ବେଳେ ଜଗତସିଂହପୁର ବିରିଡ଼ି ଥାନା ଅଞ୍ଚଳ ଏକ ଘଟଣା ସରକାରଙ୍କ ମନୋଭାବ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁଇ ଜଣ ଚାଷୀ ଚଳିତ ଖରିଫରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ସକାଶେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ କରିଥିଲେ; ମାତ୍ର ସରକାରୀ ସ୍ତରରେ ଅବହେଳା କାରଣରୁ ସେମାନଙ୍କର ପଞ୍ଜୀକରଣ ହୋଇପାରିନଥିଲା। ଫଳରେ ସେମାନେ ଧାନ ବିକ୍ରି ପ୍ରକ୍ରିୟାରୁ ବାଦ୍ ପଡ଼ିବା କାରଣରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଚାଷୀଙ୍କର ଧାନ କିଣିବା ପାଇଁ ହାଇକୋର୍ଟ ଗତ ଫେବ୍ରୁଆରୀ ୩ ତାରିଖରୁ ନିର୍ଦ୍ଦେଶ ଦେଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଆଶ୍ଚର୍ଯ୍ୟର କଥା ହଉଛି ଯେ ଜଗତସିଂହପୁର ଜିଲ୍ଲାପାଳ ଏନେଇ ଗତ ୧୭ ତାରିଖରେ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ବିଭାଗ ଏନେଇ କାର୍ଯ୍ୟାନୁଷ୍ଠାନ ନନେବା ଚରମ ଦାୟିତ୍ୱହୀନତାକୁ ଦର୍ଶାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଅନ୍ତର୍ଗତ ଅଣଖିଆ ଗ୍ରାମର ପଦ୍ମଜା ମଞ୍ଜରୀ ସ୍ୱାଇଁ ଓ ବିଷ୍ଣୁ ଚରଣ ସ୍ୱାଇଁ ଚଳିତ ଖରିଫ୍ ଋତୁରୁ ଧାନ ବିକ୍ରି ପାଇଁ ଗତ ଅଗଷ୍ଟ ୨୧ ତାରିଖରେ ଆବେଦନ କରିଥିଲେ। ମାତ୍ର ବିଭାଗ ପକ୍ଷରୁ ପିପିଏସ ପୋର୍ଟାଲରେ ସେମାନଙ୍କର ନାମ ପଞ୍ଜୀକରଣ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଫଳ୍‌ରେ ସେମାନେ ଖରିଫ ଧାନ ବିକ୍ରି ପ୍ରକ୍ରିୟାରୁ ବାଦ୍ ପଡ଼ିଥିଲେ। ଏନେଇ ଉଭୟ ଚାଷୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଏକ ରିଟ୍ ପିଟିସନ ମଧ୍ୟ ଦାୟର କରିଥିଲେ। ଚଳିତ ଖରିଫରେ ▶ପୃଷ୍ଠା-୭




## ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ

# କ୍ଷମା ପ୍ରାର୍ଥନା ପରେ ଇରାନର ବୋମା ମାଡ଼

ତେହେରାନ/ ଦୋହା, ୭ ।୩(ଏଜେନ୍ସି):: ଆକ୍ରମଣ ପାଇଁ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିଆନ ପଡୋଶୀ ଉପସାଗରୀୟ ଦେଶଗୁଡ଼ିକୁ କ୍ଷମା ମାଗିବାର କିଛି ସମୟ ପରେ, କାତାର ଓ ଦୁବାଇ ଉପରେ ପୁଣି ବୋମାମାଡ଼ କରିଛି ଇରାନ । କାତାର ରାଜଧାନୀ ଦୋହାରେ ଆଜି ଏକ ବଡ଼ ଧରଣର ବିସ୍ଫୋରଣ ହୋଇଛି । ଦୋହାରେ ହୋଇଥିବା ଏହି ବିସ୍ଫୋରଣ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧକୁ ଆହୁରି ଭୟାଭୟ କରିବ ବୋଲି ଆଶଙ୍କା ପ୍ରକାଶ ପାଉଛି । ଏହାସହିତ ଦୁବାଇ ବିମାନ ବନ୍ଦର ଉପରେ ମଧ ବୋମାମାଡ଼ଡ଼ ହୋଇଛି । ତେବେ ଇରାନ ଏହି ଆକ୍ରମଣ ପାଇଁ ଦାୟୀ କି ନୁହେଁ, ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ ଏହି ଘଟଣା ରାଜନୈତିକ ସ୍ଥିତିକୁ ଆହୁରି ଜଟିଳ କରିଛି ।

- **ଉପ-ସାଗରୀୟ ଦେଶଗୁଡ଼ିକୁ କ୍ଷମା ମାଗିଲେ ଇରାନ ରାଷ୍ଟ୍ରପତି**
- **ଆମେରିକାକୁ ସମର୍ଥନ କରୁଥିବାରୁ ଆକ୍ରମଣ କରାଯାଉଛି**

ଅନ୍ୟପଟେ ଆମେରିକା ଅର୍ଥ ମନ୍ତ୍ରୀ ସ୍କଟ ବେସେଣ୍ଟ ଧମକ ଦେଇଛନ୍ତି ଯେ ଶନିବାର ବିଳମ୍ବିତ ରାତିରେ ଇରାନ ଉପରେ ଏକ ବିଶାଳ ଆକ୍ରମଣ ହୋଇପାରେ । ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ମିସାଇଲ ଲଞ୍ଚର ଓ କ୍ଷେପଣାସ୍ତ୍ର ନିର୍ମାଣ କେନ୍ଦ୍ରଗୁଡ଼ିକୁ ନଷ୍ଟ କରିବା । ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ- ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଶନିବାର ଅଷ୍ଟମ ଦିନରେ ପହଞ୍ଚିଛି । ଇରାନ ରାଷ୍ଟ୍ରପତି ମାସୁଦ ପେଜେସକିଆନ ଶନିବାର ନିଜର ପଡୋଶୀ ଉପ-ସାଗରୀୟ ଦେଶଗୁଡ଼ିକୁ କ୍ଷମା ପ୍ରାର୍ଥନା କରିଛନ୍ତି । ଏହି ଦେଶଗୁଡ଼ିକ ଉପରେ ବିନା ଉଦ୍ଦେଶ୍ୟରେ ଆକ୍ରମଣ କରିଥିବାରୁ ସେ ଭୁଲ ସ୍ୱୀକାର କରିଛନ୍ତି । ସେ କହିଛନ୍ତି ଯେ ଇରାନର ଅନ୍ୟ ଦେଶଗୁଡ଼ିକ ଉପରେ ଆକ୍ରମଣ କରିବାର କୌଣସି ଉଦ୍ଦେଶ୍ୟ ନାହିଁ । ଏହି ଘୋଷଣା ଏପରି ଏକ ସମୟରେ ଆସିଛି, ଯେତେବେଳେ ଇସ୍ରାଏଲ ଓ ଆମେରିକା ସହ ଇରାନର ସଂଘର୍ଷ ବଢ଼ିବାରେ ଲାଗିଛି । ଏକ ଟେଲିଭିଜନ ଭାଷଣରେ ପେଜେସକିଆନ ସୂଚନା ଦେଇଛନ୍ତି ଯେ, ଇରାନର ଅସ୍ଥାୟୀ ପରିଷଦ ନିଷ୍ପତ୍ତି ନେଇଛି ଯେ, ପଡୋଶୀ ଦେଶଗୁଡ଼ିକ ଉପରେ ଆଉ କୌଣସି ଆକ୍ରମଣ କରାଯିବ ନାହିଁ । ଯଦି ଏହି ଦେଶଗୁଡ଼ିକ ତରଫରୁ ଇରାନ ଉପରେ ଆକ୍ରମଣ ହୁଏ, ତେବେ କେବଳ ସେହି କ୍ଷେତ୍ରରେ ହିଁ ଇରାନ ପ୍ରତିଆକ୍ରମଣ କରିବ । ଏଥିସହ ସେ କହିଛନ୍ତି ଯେ ଯୁଦ୍ଧରେ ଆମେରିକା ଓ ଇସ୍ରାଏଲକୁ ସମର୍ଥନ ଦେଉଥିବାରୁ ଇରାନ ବାଧ ହୋଇ ଆକ୍ରମଣ କରୁଛି ।

ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର 'ବିନା ସର୍ତ୍ତରେ ଆତ୍ମସମର୍ପଣ' ଦାବି କରିଛନ୍ତି, ଯାହାକୁ ଇରାନ ରାଷ୍ଟ୍ରପତି ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି । ଟ୍ରମ୍ପ ସୋସିଆଲ ମିଡ଼ିଆ ଟ୍ରୁଥ୍ ସୋସିଆଲରେ ଉଲ୍ଲେଖ କରିଛନ୍ତି ଯେ ଇରାନ ସହ କୌଣସି ଚୁକ୍ତି ହେବ ନାହିଁ, ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଆତ୍ମସମର୍ପଣ ନ କରିଛି । ସେ କହିଛନ୍ତି ଯେ ଯଦି ଇରାନରେ ନୂଆ ନେତୃତ୍ୱ ଆସେ, ତେବେ ଆମେରିକା ଓ ତାଙ୍କ ମିତ୍ରଦେଶଗୁଡ଼ିକ ମିଶି ଇରାନର ଅର୍ଥନୀତିକୁ ପୁନଃନିର୍ମାଣ କରିବେ ।

ଏହି ସଂଘର୍ଷ ତଥା ଯୁଦ୍ଧ ଏବେ ଇରାନ ସୀମା ପାର ହୋଇ ଇସ୍ରାଏଲ, ଲେବାନନ୍ ଓ ଉପ- ସାଗରୀୟ ଦେଶଗୁଡ଼ିକୁ ପର୍ଯ୍ୟନ୍ତ ବ୍ୟାପିଛି । ମେହରାବାଦ ବିମାନ ବନ୍ଦରରେ ମଧ ଆକ୍ରମଣ ହୋଇଥିବା ଖବର ମିଳିଛି । ଯୁଦ୍ଧରେ ଉଭୟ ପକ୍ଷର ଜୀବନହାନୀ ଘଟିଛି ଓ ଲେବାନନ୍‌ରେ ବହୁ ଲୋକ ବିସ୍ଥାପିତ ହୋଇଛନ୍ତି । ସଂଘର୍ଷ କାରଣରୁ ବିଶ୍ୱ ବଜାରରେ ଅଶାନ୍ତି ଦେଖା ଦେଇଛି ଓ ତେଲ ଦର ବୃଦ୍ଧି ପାଇଛି । ସେପଟେ ଜାତିସଂଘର ଇରାନ ରାଷ୍ଟ୍ରଦୂତ ଅମୀର ସାଇଦ ଇରାଭାନୀ କହିଛନ୍ତି ଯେ ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ଅତିକମ୍‌ରେ ୧୩୩୨ ଇରାନ ନାଗରିକ ମୃତ୍ୟୁବରଣ କରିଛନ୍ତି ଓ ହଜାର ହଜାର ଲୋକ ଆହତ ହୋଇଛନ୍ତି । ସେହିପରି ଇରାନର ଆକ୍ରମଣରେ ଇସ୍ରାଏଲରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୬ ଜଣ ଆମେରିକୀୟ ସେନା ମଧ ମୃତ୍ୟୁବରଣ କରିଥିବାର ଖବର ମିଳିଛି । ଯୁଦ୍ଧର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ମଧ ପଡ଼ିଛି । ୟୁରୋପ ଓ ଆମେରିକାର ଷ୍ଟକ୍ ମାର୍କେଟରେ ଅସ୍ଥିରତା ଦେଖା ଦେଇଛି ଏବଂ ତେଲ ଦର ଯଥେଷ୍ଟ ବୃଦ୍ଧି ପାଇଛି । ବ୍ୟସ୍ତବହୁଳ ହର୍ମୁଜ ପ୍ରଣାଳୀରେ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତେଲ ରପ୍ତାନୀ ହୋଇଥାଏ । କିନ୍ତୁ ଏବେ ସେଠାରେ ଯାତାୟାତରେ ବାଧା ଆସିବାର ଆଶଙ୍କା ସୃଷ୍ଟି ହୋଇଛି । ତେବେ ଇରାନ ରାଷ୍ଟ୍ରପତି କ୍ଷମା ମାଗିବା ପରେ ଏହି ଅଞ୍ଚଳରେ ସ୍ଥିତି ସୁଧୁରିବ ବୋଲି ଆଶା କରାଯାଉଛି ।

## ଆମକୁ ଆତ୍ମସମର୍ପଣ କରାଇବା ସ୍ୱପ୍ନ ଅଧୁରା ରହିବ: ଇରାନ



ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସକିଆନ ଆମେରିକା ଓ ଇସ୍ରାଏଲକୁ କଡ଼ା ଚେତାବନୀ ଦେଇଛନ୍ତି । ଆମେରିକାର 'ବିନା ସର୍ତ୍ତରେ ଆତ୍ମସମର୍ପଣ' ଦାବିକୁ ସେ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି ଓ ଏହାକୁ ଏକ ଦିବା ସ୍ୱପ୍ନ ବୋଲି ସେ କହିଛନ୍ତି । ପେଜେସକିଆନ କହିଛନ୍ତି ଯେ ଇରାନକୁ ଆତ୍ମସମର୍ପଣ କରାଇବାର ଆଶା ଆମେରିକା ଓ ଇସ୍ରାଏଲ ନିଜ ଚିତା ସହିତ ନିଜ କବରକୁ ନେଇଯିବେ । ସେମାନଙ୍କର ଏପରି ଦାବି ତଥା ସ୍ୱପ୍ନ କେବେବି ସାକାର ହେବ ନାହିଁ ବୋଲି ସେ କହିଛନ୍ତି । ଏହାଦ୍ୱାରା ଇରାନର କଡ଼ା ମନୋଭାବ ସ୍ପଷ୍ଟ ହୋଇଛି । ଫଳରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ସଙ୍କଟ ଆହୁରି ବଢ଼ିବା ସହ ଭୟାଭୟ ହେବ ବୋଲି ଆଶଙ୍କା କରାଯାଉଛି । ଇତିମଧ୍ୟରେ ଇସ୍ରାଏଲର ୮୦ରୁ ଅଧିକ ଯୁଦ୍ଧ ବିମାନ ରାଜଧାନୀ ତେହେରାନ ଓ ଇରାନର ମୁଖ୍ୟ ସାମରିକ ଘାଟି ଉପରେ ବ୍ୟାପକ ଆକ୍ରମଣ ଜାରି ରଖିଛନ୍ତି । ଗତ ଏକ ସପ୍ତାହ ମଧ୍ୟରେ ଇରାନରେ ପ୍ରାୟ ୧ ୨୦୦ରୁ ଅଧିକ ଓ ଲେବାନନ୍‌ରେ ୨୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି ।







## ୮୬ କ୍ଷେପଣାସ୍ତ୍ର, ୧୪୮ ଡ୍ରୋନକୁ ଗୁଳିମାରି ଖସାଇଲା ବାହାରିନ

ମାନାମା, ୭ ।୩(ଏଜେନ୍ସି): ଯୁଦ୍ଧ ଚାଲିଥିବା ବେଳେ ବାହାରିନ ସେନା ଏକ ବଡ଼ ଧରଣର ସଫଳତା ହାସଲ କରିଛି । ବାହାରିନ ସେନା ତରଫରୁ ସୂଚନା ଦିଆଯାଇଛି ଯେ ଦେଶ ଉପରେ ହୋଇଥିବା ବିଶ୍ୱାସଘାତକତାପୂର୍ଣ୍ଣ ଆକ୍ରମଣର ମୁକାବିଲା କରି ସେମାନଙ୍କ ଏୟାର ଡିଫେନ୍ସ ସିଷ୍ଟମ ଏପର୍ଯ୍ୟନ୍ତ ୮୬ଟି କ୍ଷେପଣାସ୍ତ୍ର ଓ ୧୪୮ ଡ୍ରୋନକୁ ଆକାଶମାର୍ଗରେ ହିଁ ନଷ୍ଟ କରିଦେଇଛି । ବାହାରିନ ଡିଫେନ୍ସ ଫୋର୍ସର ଜେନେରାଲ କମାଣ୍ଡ କହିଛନ୍ତି ଯେ ସେମାନଙ୍କର ପ୍ରତିରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରୁଛି ଏବଂ କ୍ରମାଗତ ଭାବେ ହେଉଥିବା ଆକ୍ରମଣର ଜବାବ ଦେବାକୁ ସେନା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି । ଇରାନ ହିଁ ଏହି ଆକ୍ରମଣ କରିଥିବା ଅନୁମାନ କରାଯାଉଛି । କାରଣ ବାହାରିନ ଓ ଇରାନ ମଧ୍ୟରେ ସମ୍ପର୍କ ଦୀର୍ଘ ଦିନ ଧରି ଖରାପ ରହିଛି । ବାହାରିନ ସରକାର ଅନେକ ସମୟରେ ଇରାନ ଉପରେ ସେମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ଓ ବିଦ୍ରୋହୀ ଗୋଷ୍ଠୀଙ୍କୁ ସାହାଯ୍ୟ କରିବାର ଅଭିଯୋଗ ଆଣିଥାନ୍ତି ।

## ଆଜରବାଇଜାନରେ ଇରାନର ଆକ୍ରମଣ ଯୋଜନା

ବାକୁ, ୭ ।୩(ଏଜେନ୍ସି): ପଶ୍ଚିମଏସୀୟଦେଶଆଜରବାଇଜାନରେ ଇରାନର ଏକ ବଡ଼ ଧରଣର ଆକ୍ରମଣକୁ ପଣ୍ଡ କରାଯାଇଛି । ଆଜରବାଇଜାନ ସୁରକ୍ଷା ସେବା ପକ୍ଷରୁ ସୂଚନା ଦିଆଯାଇଛି ଯେ ଇରାନ ଦ୍ୱାରା ଯୋଜନାବଦ୍ଧ ଏକ ବଡ଼ ଧରଣର ଆକ୍ରମଣକୁ ସେମାନେ ପଣ୍ଡ କରିବାରେ ସଫଳ ହୋଇଛନ୍ତି । ଏହି ଆକ୍ରମଣର ମୁଖ୍ୟ ଲକ୍ଷ୍ୟ ଥିଲା ତୁର୍କୀ ପର୍ଯ୍ୟନ୍ତ ଯାଇଥିବା ଗୁରୁତ୍ୱପୂର୍ଣ୍ଣ ବାକୁ-ତିବିଲିସ- ସେହାନ (ବିଟିସି) ତୈଳ ପାଇପ୍‌ଲାଇନ୍ । ତୈଳ ପାଇପଲାଇନ୍ ବ୍ୟତୀତ ଇସ୍ରାଏଲ ଦୂତାବାସ, ଏକ ସିନାଗୋଗଗ୍ (ଇହୁଦୀ ପ୍ରାର୍ଥନା ସ୍ଥଳ) ଏବଂ ଆଜରବାଇଜାନର ପ୍ରାଚୀନ ଇହୁଦୀ ସମ୍ପ୍ରଦାୟର ଜଣେ ପ୍ରମୁଖ ନେତାଙ୍କୁ ମଧ ଇରାନ ଟାର୍ଗେଟ କରିବାକୁ ଯୋଜନା କରିଥିଲା । ଆଜରବାଇଜାନ କର୍ତ୍ତୃପକ୍ଷ ଏହି ଘଟଣାକୁ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସ (ଆଇଆରଜିସି) ଦ୍ୱାରା ପରିଚାଳିତ ଏକ 'ସନ୍ତ୍ରାସବାଦୀ' ଷଡ଼ଯନ୍ତ୍ର ବୋଲି ବର୍ଣ୍ଣନା କରିଛନ୍ତି ।

## ରାମ ରହିମ ଦୋଷମୁକ୍ତ

ଚଣ୍ଡିଗଡ଼, ୭ ।୩(ଏଜେନ୍ସି): ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତି ହତ୍ୟା ମାମଲାରୁ ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମ ସିଂ ଦୋଷମୁକ୍ତ ହୋଇଛନ୍ତି । ପଞ୍ଜାବ ଓ ହରିୟାଣା ହାଇକୋର୍ଟ ତାଙ୍କୁ ଶନିବାର ଏହି ବହୁ ଚର୍ଚ୍ଚିତ ହତ୍ୟା ମାମଲାରୁ ଦୋଷମୁକ୍ତ କରିଛନ୍ତି । କୋର୍ଟଙ୍କ ମତରେ, ଏହି ହତ୍ୟାକାଣ୍ଡରେ ରାମ ରହିମଙ୍କ ସମ୍ପୃକ୍ତି ଥିବା ନେଇ ଯଥେଷ୍ଟ ପ୍ରମାଣର ଅଭାବ ରହିଛି । ହାଇକୋର୍ଟ ରାମ ରହିମଙ୍କୁ ଦୋଷମୁକ୍ତ କରିଥିଲେ ମଧ ଏହି ମାମଲାରେ ଅନ୍ୟ ୩ ଜଣ ଦୋଷୀ ଯଥା କୁଲଦୀପ ସିଂହ, ନିର୍ମଳ ସିଂହ ଏବଂ କୃଷ୍ଣଲାଲଙ୍କୁ ଦିଆଯାଇଥିବା ଆଜୀବନ କାରାଦଣ୍ଡାଦେଶକୁ ବଜାୟ ରଖିଛନ୍ତି । ନିର୍ଦ୍ଦୋଶରେ ଖଲାସ ହୋଇଥିଲେ ମଧ ରାମ ରହିମ ଜେଲରୁ ବାହାରି ପାରିବେ ନାହିଁ । କାରଣ ସେ ସାଧ୍ୱୀ ଯୌନ ଶୋଷଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨୦ ବର୍ଷ ଜେଲ୍ ଦଣ୍ଡ ଭୋଗୁଛନ୍ତି । ତେଣୁ ସେ ରୋହତକର ସୁନାରିଆ ଜେଲରେ ହିଁ ରହିବେ । ଉଲ୍ଲେଖଥାଉ କି, ୨୦୦୨ରେ ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା ।

## ଆମେରିକା ବିଷୟରେ ଗୁପ୍ତ ସୂଚନା ଦେଉଛି ରୁଷିଆ



ନୂଆଦିଲ୍ଲୀ, ୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ସଂଘର୍ଷ ମଧ୍ୟରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଆମେରିକାର ଗୁଇନ୍ଦା ସୂଚନା ଅନୁଯାୟୀ, ରୁଷିଆ ଇରାନକୁ ଏପରି କିଛି ସୂଚନା ପ୍ରଦାନ କରୁଛି, ଯାହା ସାହାଯ୍ୟରେ ଇରାନ ଆମେରିକୀୟ ଯୁଦ୍ଧପୋତ, ବିମାନ ଓ ଅନ୍ୟାନ୍ୟ ସାମରିକ ଭିତ୍ତିଭୂମି ତଥା ସମ୍ପତ୍ତିକୁ ଚିହ୍ନଟ କରିବା ସହ ଲକ୍ଷ୍ୟ କରି ଆକ୍ରମଣ କରିପାରିବ । ରୁଷିଆ ଇରାନକୁ ଏଭଳି ସାମରିକ ଗୁଇନ୍ଦା ସୂଚନା ଦେଉଥିବା ଜଣାପଡ଼ିଛି । ତେବେ ରୁଷିଆ ସିଧାସଳଖ ଇରାନର ସାମରିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରୁଥିବାର କୌଣସି ପ୍ରମାଣ ମିଳିପାରିନାହିଁ । ଅନ୍ୟପକ୍ଷ ।।ରେ ଆମେରିକା ରାଷ୍ଟପତି ଡୋନାଲ୍ଡ ଟ୍ରମ୍ପ ଏ ସଂକ୍ରାନ୍ତରେ ହୋଇଥିବା ପ୍ରଶ୍ନକୁ ଏଡାଇ ଯାଇଛନ୍ତି । ହ୍ୱାଇଟ ହାଉସର ପ୍ରେସ ସଚିବ କାରୋଲିନ ଲେଭିଟ୍ କହିଛନ୍ତି ଯେ ଏହି ସୂଚନା ଆଦାନ ପ୍ରଦାନ ଆମେରିକାର ସାମରିକ ଅଭିଯାନ ଉପରେ କୌଣସି ପ୍ରଭାବ ପକାଉନାହିଁ । ସେପଟେ ରୁଷିଆର ପ୍ରଶାସନିକ କେନ୍ଦ୍ର କ୍ରେମଲିନ ଏହି ଘଟଣାକୁ ସ୍ୱୀକାର କରିନାହିଁ କି ଅସ୍ୱୀକାର କରିନାହିଁ । ଇରାନ ନେତୃତ୍ୱଙ୍କ ସହିତ ରୁଷିଆର କଥାବାର୍ତ୍ତା ଜାରି ରହିଛି ବୋଲି କୁହାଯାଇଛି । ସେହିପରି ଇରାନ ନିର୍ମିତ 'ଶାହେଦ' ଡ୍ରୋନ ମୁକାବିଲାରେ ୟୁକ୍ରେନ ନିଜର ଅଭିଜ୍ଞତାକୁ ଆମେରିକାର ସହଯୋଗୀ ଦେଶଗୁଡ଼ିକ ସହ ବାଣ୍ଟିବା ଆରମ୍ଭ କରିଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କି କହିଛନ୍ତି ଯେ ଆମେରିକା ଓ ଅନ୍ୟାନ୍ୟ ଆଞ୍ଚଳିକ ସରକାରମାନେ ସେମାନଙ୍କଠାରୁ ସହାୟତା ମାଗିଛନ୍ତି । ଆବଶ୍ୟକ ସ୍ଥଳେ ଆମେ ସହଯୋଗ କରିବାକୁ ପ୍ରସ୍ତୁତ ଅଛୁ ବୋଲି ଜେଲେଁସ୍କି କହିଛନ୍ତି ।

## ଦୁବାଇରେ ବିସ୍ଫୋରଣ ବିମାନ ସେବା ବାଧାପ୍ରାପ୍ତ


ଦୁବାଇ, ୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ଅଷ୍ଟମ ଦିନରେ ଦୁବାଇରେ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି । ଏହି କାରଣରୁ ବିଶ୍ୱର ଅନ୍ୟତମ ବ୍ୟସ୍ତବହୁଳ ବିମାନବନ୍ଦର, ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଚଳାଚଳ ସାମୟିକ ଭାବେ ବାଧାପ୍ରାପ୍ତ ହୋଇଛି । ଦୁବାଇରେ ବିସ୍ଫୋରଣ ପରେ ସହରରେ ସତର୍କ ସୂଚନା ଜାରି କରାଯାଇଥିଲା । ସରକାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅର୍ଥାତ ଏୟାର ଡିଫେନ୍ସ ସିଷ୍ଟମକୁ ସକ୍ରିୟ କରିଥିଲେ । ବିମାନବନ୍ଦରରେ ଥିବା ଯାତ୍ରୀମାନଙ୍କୁ ସୁରକ୍ଷା ଦୃଷ୍ଟିରୁ ସୁରକ୍ଷିତ ସ୍ଥାନ (ଟ୍ରେନ ସୁଡଙ୍ଗ)କୁ ସ୍ଥାନାନ୍ତର କରାଯାଇଥିଲା । ସାମାଜିକ ଗଣମାଧ୍ୟମଗୁଡ଼ିକରେ ବିମାନବନ୍ଦର ନିକଟରେ ଧୂଆଁ ଦେଖାଯିବାର ଭିଡ଼ିଓ ଭାଇରାଲ ହୋଇଛି । ତେବେ ବିମାନବନ୍ଦରରେ କୌଣସି ଆକ୍ରମଣ ହୋଇନାହିଁ ବୋଲି ଦୁବାଇ ଗଣମାଧ୍ୟମ ଅଫିସ ତରଫରୁ ସୂଚନା ଦିଆଯାଇଛି । ଏକ ମିସାଇଲ କିମ୍ବା ଡ୍ରୋନକୁ ନିଷ୍କ୍ରିୟ କରିବା ପରେ ଖସି ପଡ଼ିଥିବା ଭଗ୍ନାବଶେଷ କାରଣରୁ ଏହି ଘଟଣା ଘଟିଛି ବୋଲି କୁହାଯାଇଛି । ଏଥିରେ କୌଣସି ଜୀବନହାନୀ ବା ଆହତ ହେବାର ଖବର ମିଳିନାହିଁ । ଏହି ଘଟଣା ପରେ ଏମିରେଟ୍ସ ପକ୍ଷରୁ ସମସ୍ତ ବିମାନ ଚଳାଚଳ ସ୍ଥଗିତ ରଖାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କିଛି ସେବା ଆରମ୍ଭ ହୋଇଛି । ଯାତ୍ରୀମାନଙ୍କୁ ଯାତ୍ରା ପୂର୍ବରୁ ବିମାନ ସଂସ୍ଥା ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ସେଠାରୁ ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ।

## ଇସ୍ରାଏଲ ଛାଡୁଛନ୍ତି ଆମେରିକୀୟ ନାଗରିକ

ଜେରୁଜେଲମ, ୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମେରିକୀୟ ନାଗରିକମାନେ ଇସ୍ରାଏଲ ଛାଡୁଛନ୍ତି । ଜେରୁଜେଲମ ସ୍ଥିତ ଆମେରିକୀୟ ଦୂତାବାସ ନିଜ ନାଗରିକଙ୍କୁ ଇସ୍ରାଏଲରୁ ବାହାର କରିବା ପାଇଁ ବସ୍ ସେବା ଆରମ୍ଭ କରିଛି । ଆମେରିକୀୟ ନାଗରିକଙ୍କୁ ସୁରକ୍ଷିତ ଭାବେ ଇସ୍ରାଏଲ ସୀମା ପାର କରାଇ ମିସର (ଇଜିପ୍ଟ)ର ତାବା ସହରକୁ ନିଆଯାଉଛି । ଯେଉଁମାନେ ଇସ୍ରାଏଲ ଛାଡ଼ିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଦୂତାବାସ ତରଫରୁ ପ୍ଲାଟଫର୍ମ 'ଏକ୍ସ'ରେ ଏକ ଅନ୍‌ଲାଇନ ଫର୍ମ ଜାରି କରାଯାଇଛି । କ୍ଷେତ୍ରୀୟ ଉତ୍ତେଜନା ମଧ୍ୟରେ ନିଜ ନାଗରିକଙ୍କୁ ନିରାପଦରେ ସ୍ଥାନାନ୍ତର କରିବା ପାଇଁ ଆମେରିକୀୟ କର୍ତ୍ତୃପକ୍ଷ ସମସ୍ତ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଇସ୍ରାଏଲ ଉପରେ ଇରାନର ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ ପରେ ଆମେରିକା ଏହି ପଦକ୍ଷେପ ନେଇଛି ।

## ମାନବିକତା ଦୃଷ୍ଟିକୋଣରୁ ଇରାନ ଜାହାଜକୁ ଆଶ୍ରୟ: ଜୟଶଙ୍କର

ନୂଆଦିଲ୍ଲୀ, ୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ତୀବ୍ର ସଂଘର୍ଷ ମଧ୍ୟରେ, ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଇରାନର ନୌସେନା ଜାହାଜ 'ଆଇଆରଆଇଏସ୍ ଲାଭାନ'କୁ କୋଚି ବନ୍ଦରରେ ଆଶ୍ରୟ ଦେବା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି । ଜୟଶଙ୍କର କହିଛନ୍ତି ଯେ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ମାନବିକତା ଆଧାରରେ ନିଆଯାଇଥିଲା ।



ଜାହାଜଟି ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା ଓ ସେଥିରେ ଅନେକ ଯୁବ କ୍ୟାଡେଟ ଥିଲେ । ତେଣୁ ସେମାନଙ୍କୁ ସହାୟତା କରିବା ଏକ ମାନବିକ କର୍ତ୍ତବ୍ୟ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି । ଜାହାଜଗୁଡ଼ିକ ଭାରତକୁ ଏକ ନୌସେନା ଅଭ୍ୟାସରେ ଯୋଗ ଦେବା ପାଇଁ ଆସିଥିଲେ । କିନ୍ତୁ ଯେତେବେଳେ, ସେମାନେ ଫେରୁଥିଲେ, ସେତେବେଳେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଥିଲା । ଜୟଶଙ୍କର କହିଛନ୍ତି ଯେ ସେମାନେ ଏକ ଭୁଲ ସମୟରେ ଭୁଲ ସ୍ଥାନରେ ଫସିଯାଇଥିଲେ । ଏହି କ୍ରମରେ ସାମାଜିକ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚାକୁ ସେ ଖଣ୍ଡନ କରିଛନ୍ତି । ସମସ୍ତେ ଭାରତ ମହାସାଗରର ବାସ୍ତବତାକୁ ବୁଝିବା ଦରକାର । ଏହି ଅଞ୍ଚଳରେ ବିଦେଶୀ ସେନା ଉପସ୍ଥିତି କିଛି ନୂଆ ନୁହେଁ । ଡିଏଗୋ-ଗାର୍ସିଆରେ ଆମେରିକା- ବ୍ରିଟିଶ ସାମରିକ ଘାଟି ଓ ଜିବୁଟିରେ ବିଦେଶୀ ସେନା ଉପସ୍ଥିତର ଉଦାହରଣ ଦେଇ ସେ ଏହି କଥା କହିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୪ ତାରିଖରେ ଶ୍ରୀଲଙ୍କା ନିକଟରେ ଆମେରିକାର ଏକ ବୁଡ଼ାଜାହାଜ ଦ୍ୱାରା ଇରାନର ଯୁଦ୍ଧପୋତ 'ଆଇଆରଆଇଏସ୍ ଡେନା'କୁ ଟର୍ପିଡ଼ୋ ମାଡ଼ କରି ବୁଡ଼ାଇ ଦିଆଯାଇଥିଲା ଓ ଏଥିରେ ପ୍ରାୟ ୮୭ ଜଣ ନାବିକ ପ୍ରାଣ ହରାଇଥିଲେ । ଜୟଶଙ୍କର କହିଛନ୍ତି ଯେ ଏହି ସଙ୍କଟ ସମୟରେ ଭାରତ ଅନ୍ତର୍ଜାତୀୟ ନିୟମ ଓ ମାନବିକତାକୁ ଗୁରୁତ୍ୱ ଦେଉଛି । ଇରାନ ସହ ଭାରତର ପୁରୁଣା ସମ୍ପର୍କ ରହିଥିଲେ ମଧ ଭାରତ ସାମରିକ ସଂଘର୍ଷରେ କୌଣସି ପକ୍ଷ ନେଉନାହିଁ, ବରଂ ନିଜର ଆଞ୍ଚଳିକ ସ୍ୱାର୍ଥ ଓ ନାଗରିକ ସୁରକ୍ଷାକୁ ଗୁରୁତ୍ୱ ଦେଉଛି ।

## ତୈଳ କ୍ରୟ ପାଇଁ କାହାରି ଅନୁମତି ଆବଶ୍ୟକ ନୁହେଁ: ଭାରତ

ନୂଆଦିଲ୍ଲୀ, ୭ ।୩(ଏଜେନ୍ସି): ରୁଷିଆଠାରୁ ତେଲ କିଣିବା ପାଇଁ ଆମେରିକା ଦେଇଥିବା ଅନୁମତିକୁ ନେଇ ଆଲୋଚନା ଓ ଚର୍ଚ୍ଚା ଚାଲିଥିବା ବେଳେ ଶନିବାର ଏ ସଂକ୍ରାନ୍ତରେ ଭାରତ ସରକାର ତାଙ୍କ ଅଭିମୁଖ୍ୟ ନେଇ ସ୍ପଷ୍ଟ କରିଛନ୍ତି । ସରକାର ଆଜି ସ୍ପଷ୍ଟ କରିଛନ୍ତି ଯେ ରୁଷିଆଠାରୁ ତୈଳ କ୍ରୟ ପାଇଁ କୌଣସି ଦେଶର ଅନୁମତି ଆବଶ୍ୟକତା ନାହିଁ । ଆମେରିକା ଦ୍ୱାରା ପ୍ରଦାନ କରାଯାଇଥିବା ୩୦ ଦିନିଆ ଛାଡ଼ ବିଷୟରେ ଚାଲିଥିବା ରାଜନୈତିକ ଚର୍ଚ୍ଚା ମଧ୍ୟରେ ସରକାର ସ୍ଥିତି ସ୍ପଷ୍ଟ କରି କହିଛନ୍ତି ଯେ ରୁଷିଆଠାରୁ ତେଲ କିଣିବା ପାଇଁ ଭାରତ କେବେବି କୌଣସି ଦେଶର ଅନୁମତି ଉପରେ ନିର୍ଭରଶୀଳ ନୁହେଁ । ରୁଷିଆ- ୟୁକ୍ରେନ ଯୁଦ୍ଧ ଆରମ୍ଭରୁ ଗତ ୩ ବର୍ଷ ଧରି ଭାରତ ଅନେକ ଆନ୍ତର୍ଜାତୀୟ ଚାପ ସତ୍ତ୍ୱେ ରୁଷିଆରୁ ତେଲ କଣି ଆସୁଛି ଏବଂ ବର୍ତ୍ତମାନ ମଧ ରୁଷିଆ ଭାରତର ସବୁଠାରୁ ବଡ଼ ତୈଳ ଯୋଗାଣକାରୀ ଦେଶ । ଯୁଦ୍ଧ କାରଣରୁ ହର୍ମୁଜ ପ୍ରଣାଳୀରେ ସମସ୍ୟା ଥିଲେ ମଧ ଭାରତର ଶକ୍ତି ସରବରାହ ସ୍ଥିର ରହିଛି । ଭାରତ ନିଜର ତୈଳ ଉତ୍ସଗୁଡ଼ିକୁ ବିବିଧକରଣ କରିଛି ଓ ଏହା ୨୭ରୁ ୪୦ ଦେଶକୁ ବୃଦ୍ଧି କରିଛି । ଭାରତ ସବୁଠାରୁ ସୁଲଭ ମୂଲ୍ୟରେ ଯେଉଁଠାରୁ ମିଳିବ, ସେହିଠାରୁ ତେଲ କିଣିବ । ଆମେରିକା ଯେଉଁ, ୩୦ ଦିନିଆ ଛାଡ଼ ଦେଇଛି, ତାହା କେବଳ ସେହି ତୈଳ ପାଇଁ ଯାହା ସମୁଦ୍ର ମଝିରେ ଥିବା ଜାହାଜଗୁଡ଼ିକରେ ବୋଝେଇ ହୋଇଛି । ସରକାର କହିଛନ୍ତି ଯେ, ଏହି ଛାଡ଼କୁ ଏକ ଅନୁମତି ବୋଲି ଭାବିବା ଭୁଲ, କାରଣ ଏହି ବାଣିଜ୍ୟ ପୂର୍ବରୁ ମଧ ନିରନ୍ତର ଚାଲିଥିଲା । ସୂଚନାଯୋଗ୍ୟ ଯେ, ଭାରତ ପାଖରେ ୨୫୦ ନିୟୁତ ବ୍ୟାରେଲରୁ ଅଧିକ ଅଶୋଧିତ ତୈଳ ଓ ପେଟ୍ରୋଲିୟମ ପଦାର୍ଥର ଭଣ୍ଡାର ରହିଛି । ଯାହା ପ୍ରାୟ ୭ରୁ ୮ ସପ୍ତାହ ପାଇଁ ଯଥେଷ୍ଟ । ଏହା ବ୍ୟତୀତ ଭାରତର ବାର୍ଷିକ ତୈଳ ଶୋଧନ କ୍ଷମତା ୨୫୮ ନିୟୁତ ମେଟ୍ରିକ ଟନ୍, ଯାହାକି ଦେଶର ଚାହିଦାଠାରୁ ଅଧିକ ।

## ଭାରତର ସାର୍ବଭୌମତ୍ୱ ଉପରେ ଆକ୍ରମଣ: ରାହୁଲ

ନୂଆଦିଲ୍ଲୀ, ୭ ।୩(ଏଜେନ୍ସି): ରୁଷିଆଠାରୁ ତେଲ କିଣିବା ପ୍ରସଙ୍ଗରେ ଭାରତକୁ ଆମେରିକାର ୩୦ ଦିନିଆ ଛାଡ଼ ପ୍ରଦାନ କରିବା ନେଇ ଭାରତୀୟ ରାଜନୀତିରେ ବେଶ୍ ହଇଚଇ ସୃଷ୍ଟି ହୋଇଛି । ଏଥିପାଇଁ ସରକାରଙ୍କୁ କଂଗ୍ରେସ କଡ଼ା ସମାଲୋଚନା କରିଛି । ଏହାକୁ ଦେଶର ସାର୍ବଭୌମତ୍ୱ ଉପରେ ଏକ ପ୍ରହାର ଓ ଏହା ଆମେରିକାର ବ୍ଲାକମେଲ୍ ବୋଲି କଂଗ୍ରେସ କହିଛି । କଂଗ୍ରେସ ବରିଷ୍ଠ ନେତା ରାହୁଲ ଗାନ୍ଧୀ ପ୍ରଶ୍ନ କରିଛନ୍ତି ଯେ ଭାରତ ରୁଷିଆ କିମ୍ବା ଇରାନଠାରୁ ତେଲ କିଣିବକି ନାହିଁ, ତାହା କଣ ଆମେରିକା ସ୍ଥିର କରିବ? ଏହା ଆମ ପ୍ରଧାନମନ୍ତ୍ରୀ ନୁହେଁ, ବରଂ ଆମେରିକା ଦ୍ୱାରା ନିର୍ଦ୍ଧାରିତ ହେଉଛି । ସେହିପରି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ ଭାରତର ରଣନୈତିକ ସ୍ୱାଧୀନତା ଓ ସାର୍ବଭୌମତ୍ୱ ବିପଦରେ ପଡ଼ିଛି । ସେ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ବିଭିନ୍ନ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆମେରିକାର ଚାପ ରହିଛି, ଯାହା ଫଳରେ ଭାରତର କୂଟନୈତିକ ସ୍ଥାନ ସଙ୍କୁଚିତ ହେବାରେ ଲାଗିଛି । ଅନ୍ୟତମ କଂଗ୍ରେସ ନେତା ଜୟରାମ ରମେଶ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି ଯେ ଟ୍ରମ୍ପଙ୍କର ଏହି ଖେଳ କେତେଦିନ ଚାଲିବ? ଦେଶ କେତେଦିନ ପର୍ଯ୍ୟନ୍ତ ଆମେରିକାର ବ୍ଲାକମେଲ ସହିବ? ସେହିପରି ମନୀଷ ତିୱାରୀ କହିଛନ୍ତି ଯେ ଏଭଳି ଚାପପୂର୍ଣ୍ଣ ଭାଷା କେବଳ ନବ-ସାମ୍ରାଜ୍ୟବାଦୀ ଅହଂକାରକୁ ପ୍ରଦର୍ଶିତ କରେ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କର ନୀରବତାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି ।

# ରାଜପଥରେ ଦନ୍ତା; ଯାତାୟାତ ଠପ୍



ବୈଶିଙ୍ଗା, ୭।୩ (ସମିସ): ସୀମାନ୍ତବର୍ତ୍ତୀ ବାଲେଶ୍ୱର ଜିଲ୍ଲାରୁ ପୁଣି ଫେରିଛନ୍ତି ଦୁଇ ଦନ୍ତା। ଶନିବାର ସକାଳେ ଏହି ଦୁଇ ଦନ୍ତାହାତୀ ମାଣତ୍ରୀ ବୈଶିଙ୍ଗା ଏମ୍‌ଡିଆର୍ ୭୦ ଖିରିପଦା ରାସ୍ତାରେ ବିଚରଣ କରିବାରୁ ଦୀର୍ଘ ସମୟ ଧରି ଯାତାୟାତ ଠପ୍ ହୋଇଯାଇଥିଲା। ଯଦିଓ ହାତୀ ଦୁଇଟିର ସ୍ୱଭାବ ଅତ୍ୟନ୍ତ ଶାନ୍ତ ରହିଛି, କିନ୍ତୁ ଫଟୋ ଉଠାଇବାର ଉତ୍ସୁକତା ଯୋଗୁଁ ଲୋକେ ହାତୀର ଅଧିକ ନିକଟତର ହେବା ଘଟଣା ବନବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି। ଏପଟେ ସକାଳୁ ସକାଳୁ ହାତୀ ବାହାରି ମାଣତ୍ରୀ ବୈଶିଙ୍ଗା ରାସ୍ତା ଖିରିପଦାସ୍ଥିତ ମୋହନପୁର ଜଙ୍ଗଲରେ ପ୍ରବେଶ କରିଥିବା ଦେଖିବାକୁ ମିଳିଛି। ଶହଶହ ଲୋକ ହାତୀ ପାଖକୁ ଯାଇ ଦେଖିବା ସହ ଫଟୋ ଉଠାଇବାରୁ ଗହଳି ଲାଗିଥିଲା। ଖୋଲାମେଲାରେ ହାତୀ ବୁଲୁଥିବା ବେଳେ ହାତୀ ସହିତ ସେଲ୍‌ଫି ଉଠାଇବା ଭଳି ଦୁଃସାହସ କରୁଥିବା ନିଶ୍ଚିତ ଅଘଟଣ ଆଶଙ୍କା କରି ଘଟଣାସ୍ଥଳରେ ବୈଶିଙ୍ଗା ବନପାଳ ସଦଳବଳ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ରହିବା ସହ ହାତୀଠାରୁ ଦୂରେଇ ରହିବାକୁ ଲୋକଙ୍କୁ ବାରଣ କରିଥିଲେ। ହାତୀଟି ଦିବାଲୋକରେ ରାଜ୍ୟ ରାଜପଥ ମୁଖ୍ୟ ରାସ୍ତା ଉପରେ ବିଚରଣ କରୁଥିବାରୁ ଘଣ୍ଟାଘଣ୍ଟା ସମୟ ପାଇଁ ଯାତାୟାତ ପ୍ରଭାବିତ ହୋଇଥିଲା। ଶେଷରେ ହାତୀଟି ମୋହନପୁର ଜଙ୍ଗଲରେ ପ୍ରବେଶ କରିଥିବାର ବନପାଳ ସୂଚନା ଦେଇଛନ୍ତି।

# ୫ ବର୍ଷର ଶିଶୁକୁ ଅପହରଣ ପରେ ଗଳାକାଟି ହତ୍ୟା



- ଅଖାବସ୍ତାରୁ ଉଦ୍ଧାର ହେଲା ରକ୍ତ ଜୁଡୁବୁଡୁ ଶବ
- ଥାନାରେ ଦାଦା ଅଟକ

ବିଷମକଟକ, ୭।୩ (ସମିସ): ପାଞ୍ଚ ବର୍ଷର ଶିଶୁକୁ ଅପହରଣ ପରେ ଗଳା କାଟି ହତ୍ୟା। ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଚାଟିକଣା ସଦର ପଞ୍ଚାୟତର ପୁରୁଣା ଷ୍ଟେସନ୍ ସାହିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ହତ୍ୟାର ଶିକାର ନବାଳକଜଣଙ୍କ ହେଲା, ପୁରୁଷୋତ୍ତମ ଗନ୍ତାୟତଙ୍କ ବଡ଼ପୁଅ ଋଷି ଗନ୍ତାୟତ। ଦୁର୍ବୃତ୍ତମାନେ ତାକୁ ହତ୍ୟା କରିବା ପରେ ଏକ ଅଖାବସ୍ତାରେ ପୂରାଇ ଫୋପାଡ଼ି ଦେଇଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ପୁଲିସ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇଛି। କେଉଁ କାରଣରୁ ଦୁର୍ବୃତ୍ତମାନେ ଜଣେ ନିଷ୍ପାପ ଶିଶୁର ଜୀବନ ନେଇଗଲେ, ତାହା ଜଣାପଡ଼ି ନଥିବା ବେଳେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ ଋଷିର ଦାଦା ଚନ୍ଦନ ଗନ୍ତାୟତଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଋଷିକୁ କିଛି ଦୁର୍ବୃତ୍ତ ଅପହରଣ କରିନେଇଥିଲେ। କିଛି ସମୟ ପରେ ତା' ମାମୁଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ସେଥିରେ ଉଲ୍ଲେଖ ଥିଲା ଯେ ସେମାନେ ଋଷିକୁ ଅପହରଣ କରିଛନ୍ତି। ଶନିବାର ସକାଳ ସୁଦ୍ଧା ୪ଲକ୍ଷ ଟଙ୍କା ନ ଦେଲେ ସେମାନେ ଋଷିକୁ ହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ। ଏହାସହ, ଏ ସଂକ୍ରାନ୍ତିରେ ପୁଲିସ କିମ୍ବା କୌଣସି ବାହାର ଲୋକଙ୍କୁ ଜଣାଇଲେ ଏହାର ପରିଣତି ଭୟଙ୍କର ହେବ ବୋଲି ସେଥିରେ ଉଲ୍ଲେଖ କରିଥିଲେ। ଏଥିରେ ଭୟଭୀତ ହୋଇ ପରିବାରଲୋକ ଋଷିକୁ ବହୁ ଖୋଜାଖୋଜି କରିବା ପରେ ତାଙ୍କ ପୁରୁଣା ଘର ପଛପଟୁ ଏକ ଅଖାବସ୍ତାରୁ ତା'ର ମୃତଦେହ ଉଦ୍ଧାର କରିଥିଲେ। କେହି ଦୁର୍ବୃତ୍ତ ଋଷିର ଗଳା କାଟି ହତ୍ୟା କରିବା ପରେ ଏକ ଅଖା ବସ୍ତାରେ ପୂରାଇ ଫୋପାଡ଼ି ଦେଇଥିବା କୁହାଯାଉଛି। ବିଷମକଟକ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ହତ୍ୟାକାରୀକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବିଷମକଟକ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି।

## ତୈଳ ଦର ବୃଦ୍ଧି ଓ ସଙ୍କଟ ଆଶଙ୍କା

# ଗ୍ୟାସ୍ ମିଳୁନି; ପେଟ୍ରୋଲ ଟାଙ୍କିରେ ଲମ୍ବା ଲାଇନ

ଭୁବନେଶ୍ୱର, ୭।୩ (ସମିସ): ଆମେରିକା-ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗି ରହିଥିବା ବେଳେ ବିଶ୍ୱବାସୀଙ୍କୁ ତୈଳ ଚିନ୍ତା ଘାରିଛି। ଏହାର ସିଧାସଳଖ ପ୍ରଭାବ ଓଡ଼ିଶାରେ ମଧ୍ୟ ପଡ଼ିଛି। ତୈଳ ଦର ବୃଦ୍ଧି ଓ ସଙ୍କଟ ଆଶଙ୍କା କରି ଲୋକମାନେ ପେଟ୍ରୋଲ ଡିଜେଲ୍ ବୋହି ନେଉଛନ୍ତି। ଶୁକ୍ରବାର ରାତିରୁ ପେଟ୍ରୋଲ୍ ଟାଙ୍କିରେ ଲମ୍ବା ଲାଇନ୍ ଲାଗିଥିବା ବେଳେ ଆଜି ସ୍ଥିତି ଅସମ୍ଭାଳ ହୋଇଛି। ଅନେକ ପେଟ୍ରୋଲ୍ ଟାଙ୍କିରୁ ପେଟ୍ରୋଲ-ଡିଜେଲ୍ ସରି ଯାଇଛି। ଅନୁରୂପ ଭାବେ ଗ୍ୟାସ ଦର ବୃଦ୍ଧି ସାଙ୍ଗକୁ ବୁକିଂ ନ ହେବା କୋକୁଆ ଭୟ ଖେଳାଇଛି। କଳାରେ ଗ୍ୟାସ ସିଲିଣ୍ଡର କିଣି ମହଜୁଦ ରଖିବାକୁ ଶ୍ରେୟସ୍କର ମଣୁଛନ୍ତି। ଯୋଗାଣ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପେଟ୍ରୋଲିୟମ ଡିଲର୍ ସଂଘ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଲୋକେ ବିଶ୍ୱାସ କରିପାରୁ ନାହାନ୍ତି।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି କ୍ରମାଗତ ଭାବେ ଉଗ୍ର ରୂପ ଧାରଣ କରୁଛି। ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକରେ ଉତ୍ତେଜନା ଲାଗି ରହିଥିବାରୁ ଏବଂ ଯୁଦ୍ଧରେ ଏକାଧିକ ତୈଳ ବିଶୋଧନାଗାର ବ୍ୟାପକ ପ୍ରଭାବିତ ହୋଇଥିବାରୁ ତୈଳ ସଙ୍କଟ ଆଶଙ୍କା କରାଯାଉଛି। ମାତ୍ର ଏହି ସମୟରେ ଉପଯୁକ୍ତ ସଚେତନ କରାନଯିବାରୁ ଲୋକେ ମାତ୍ରାଧିକ ଭୟଭୀତ ହୋଇ ପଡ଼ିଛନ୍ତି। ଲୋକଙ୍କ ଆଶଙ୍କା ଓ ମନର ଭୟକୁ ସରକାରୀ ନିଷ୍କ୍ରିୟତା ଅଧିକ ଶକ୍ତ କରିଛି। ପ୍ରଥମେ ଫୋନ୍, ହ୍ୱାଟସ୍‌ଆପ୍ ପରି ଗ୍ୟାସ୍ ବୁକିଂ କରିବାର ସମସ୍ତ ମାଧ୍ୟମ କାମ କରିବା ବନ୍ଦ କରିଦେଲା। ପ୍ରାୟ ୩ଦିନ ପୂର୍ବରୁ ଅର୍ଥାତ୍ ଗୁରୁବାରଠାରୁ ଗ୍ୟାସ୍ ବୁକିଂ ଏକପ୍ରକାର ଠପ୍ ହୋଇଗଲା। ଆଜି ଗ୍ୟାସ ସିଲିଣ୍ଡର ମୂଲ୍ୟ ଅଚାନକ ବଢ଼ିଯିବା ପରେ ଲୋକଙ୍କ ଆଶଙ୍କା ଦୃଢ଼ୀଭୂତ ହୋଇଛି।



- ୩ ଦିନ ହେବ ଗ୍ୟାସ ବୁକିଂ ଠପ୍, ଅଚାନକ ବଢ଼ିଗଲା ଦର
- ଗୁଜବ କହିଲେ ଯୋଗାଣ ମନ୍ତ୍ରୀ, ଭୟଭୀତ ନ ହେବାକୁ ପରାମର୍ଶ

ଗ୍ୟାସ୍ କମ ପରିମାଣରେ ମହଜୁଦ ଥିବାରୁ ଦରବୃଦ୍ଧି ହୋଇଥିବା ଆଶଙ୍କା କରି ଲୋକେ କଳାରେ ଅଧିକ ଦାମ ଦେଇ ସିଲିଣ୍ଡର୍ ବୋହି ନେଉଛନ୍ତି। ଗ୍ୟାସ ସଙ୍କଟ ଅବଶ୍ୟମ୍ଭାବୀ ଆଶଙ୍କା ସାଧାରଣ ଲୋକଙ୍କୁ ଘାରିଥିବା ବେଳେ ପେଟ୍ରୋଲ-ଡିଜେଲ୍ ମଧ୍ୟ ଖୁବ୍‌ଶୀଘ୍ର ଶେଷ ହୋଇଯିବ ବୋଲି ଲୋକମାନେ ଏକପ୍ରକାର ନିଶ୍ଚିତ ହୋଇଯାଇଛନ୍ତି। ଫଳରେ ଆଜି ରାତିରୁ ପେଟ୍ରୋଲ ପମ୍ପରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି। ଗାଡ଼ି ଟାଙ୍କି ଫୁଲ୍ କରିବା ସହ ବ୍ୟାରେଲ ମାଧ୍ୟମରେ ବୋହି ନେଉଥିବାରୁ ଉତ୍କଟ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରାୟ ସମସ୍ତ ଜିଲ୍ଲାରେ ପେଟ୍ରୋଲ ଟାଙ୍କିରେ ଲମ୍ବା ଲାଇନ ଲାଗିଥିବା ବେଳେ ବହୁ ଜିଲ୍ଲାରେ ପେଟ୍ରୋଲ-ଡିଜେଲ୍ ସରିଯାଇଛି। ଏହାର ସୁଯୋଗ ନେଇ ରାଜ୍ୟସାରା କଳାବଜାର ବୃଦ୍ଧି ପାଇଛି।

ଅପରପକ୍ଷେ, ବିଳମ୍ବରେ ଚେତିଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ରାଜ୍ୟରେ ଯଥେଷ୍ଟ ପରିମାଣର ତେଲ ମହଜୁଦ ଅଛି। ତେଲ ସରିଯିବା ଏକ ଗୁଜବ। ଭୟଭୀତ ବା ଚିନ୍ତା କରିବାର କିଛି କାରଣ ନାହିଁ। ବିଭ୍ରାନ୍ତିକର ତଥ୍ୟ ଉପରେ ବିଶ୍ୱାସ ନକରି କେବଳ ସରକାରୀ ତଥ୍ୟ ଉପରେ ବିଶ୍ୱାସ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାସହ କଳାବଜାରୀଙ୍କ ଉପରେ ସରକାର କଡ଼ା ନଜର ରଖିଛନ୍ତି। ତେଲ ସମେତ ନିତ୍ୟବ୍ୟବହୃତ ସାମଗ୍ରୀ କଳାବଜାର କଲେ, କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ସେହିପରି ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି ଯେ ଝାରସୁଗୁଡ଼ା ଡିପୋରୁ ତେଲ ପହଞ୍ଚିବାରେ ସାମାନ୍ୟ କିଛି ବିଳମ୍ବ ଯୋଗୁଁ ଏଭଳି ସ୍ଥିତି ଉପୁଜିଛି। ଖୁବଶୀଘ୍ର ଏଥିରେ ସୁଧାର ଆସିବ, ତେଣୁ ଭୟଭୀତ ନ ହେବାକୁ ସେ ଲୋକମାନଙ୍କୁ ଅନୁରୋଧ କରିଛନ୍ତି।

# ଚର୍ମ ସ୍ପର୍ଶ ଅନିବାର୍ଯ୍ୟ ନୁହେଁ; ପୋଷାକ ଉପରୁ ଛୁଇଁବା ବି 'ଯୌନ ନିର୍ଯାତନା': ହାଇକୋର୍ଟ

କଟକ, ୭।୩ (ସମିସ): ଯୌନ ଅପରାଧରୁ ନାବାଳିକାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଣୀତ 'ପୋକ୍ସୋ' ଆଇନର ବ୍ୟାଖ୍ୟା କରି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଯୌନ ନିର୍ଯାତନା ମାମଲାରେ ଅପରାଧ ପ୍ରମାଣିତ କରିବା ପାଇଁ 'ଚର୍ମ ସହ ଚର୍ମର ସ୍ପର୍ଶ' ହେବା ଅନିବାର୍ଯ୍ୟ ନୁହେଁ। ଅଭିଯୁକ୍ତର ଉଦ୍ଦେଶ୍ୟ ଯୌନ ଅଭିସନ୍ଧିମୂଳକ ହୋଇଥିଲେ ପୋଷାକ ଉପରୁ କରାଯାଇଥିବା ସ୍ପର୍ଶ ମଧ୍ୟ ପୋକ୍ସୋ ଆଇନର ଧାରା-୭ ଅନୁଯାୟୀ ଯୌନ ନିର୍ଯାତନା ବୋଲି କହିଛନ୍ତି ହାଇକୋର୍ଟ। ଏକ ଯୌନ ନିର୍ଯାତନା ମାମଲାରେ ଦଣ୍ଡିତ ଅଭିଯୁକ୍ତ ଅବିନାଶ ଦିଗାଲ ପକ୍ଷରୁ ନିମ୍ନ ଅଦାଲତଙ୍କ ଆଦେଶ ବିରୋଧରେ ରୁଜୁ ଅପିଲର ଶୁଣାଣି କରି ଜଷ୍ଟିସ ଡ.ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ହାଇକୋର୍ଟ କହିଛନ୍ତି ଯେ, ପୀଡ଼ିତାଙ୍କ ବୟାନ 'ଧ୍ରୁବତାରା' ସଦୃଶ। ଯୌନ ନିର୍ଯାତନା ମାମଲାରେ ପୀଡ଼ିତାଙ୍କ ବକ୍ତବ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଉଚିତ। ଯଦି ତାଙ୍କ କଥାରେ କୌଣସି ପରସ୍ପର ବିରୋଧୀ ତଥ୍ୟ ନାହିଁ, ତେବେ ତାଙ୍କୁ ନ୍ୟାୟ ଦେବା ପାଇଁ ଅନ୍ୟ କୌଣସି ବାହ୍ୟ ସାକ୍ଷୀର ଆବଶ୍ୟକତା ପଡ଼ିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ସାଧାରଣତଃ ଅନେକ ମାମଲାରେ ସାକ୍ଷୀମାନେ ନିଜ ବୟାନରୁ ଓହରିଯିବା ପରେ ଅପରାଧୀ ଖସିଯିବାର ବାଟ ପାଇଯାଏ। କିନ୍ତୁ, ପୋକ୍ସୋ ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଭିନ୍ନ ତଥା କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଣୁ ଫୁଲବାଣୀ ସ୍ୱତନ୍ତ୍ର ଅଦାଲତ ଅଭିଯୁକ୍ତକୁ ଆଇପିସିର ଦଫା-୩୫୪ ଓ ପୋକ୍ସୋ ଆଇନର ଧାରା -୮ରେ ପ୍ରଦାନ କରିଥିବା ୩ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦୦୦ ଟଙ୍କା ଜରିମାନା ଆଦେଶକୁ ହାଇକୋର୍ଟ କାଏମ ରଖିବା ସହ ଅଭିଯୁକ୍ତର ଅପିଲ୍‌କୁ ଖାରଜ କରିଦେଇଛନ୍ତି।



## ପୀଡ଼ିତାଙ୍କ ବୟାନ ଦୋଷୀକୁ ଦଣ୍ଡବିଧାନ ପାଇଁ ଯଥେଷ୍ଟ

ମାମଲାର ବିବରଣୀ ଅନୁଯାୟୀ, ଗତ ୨୦୨୧ ଅଗଷ୍ଟ ୨୬ରେ ଜଣେ ୧୭ ବର୍ଷୀୟା ନାବାଳିକା ନିଜ ପରିବାର ସହ ଏକ ବସ୍‌ରେ ରାଇକିଆରୁ ଜି.ଉଦୟଗିରି ଯାଉଥିଲେ। ବସ୍‌ଟି ରାଇକିଆ ଯୁକୋ ବ୍ୟାଙ୍କ୍ ଛକ ନିକଟରେ ଅଟକିଥିବା ବେଳେ ବାହାରୁ ଅଭିଯୁକ୍ତ ଅବିନାଶ ଝରକା ବାଟେ ହାତ ପୂରାଇ ନାବାଳିକାଙ୍କୁ ଅସଦାଚରଣ କରିଥିଲା। ନାବାଳିକାଜଣଙ୍କ ପାଟି କରିବା ପରେ ତାଙ୍କ ପିତା ଅଭିଯୁକ୍ତକୁ ଧରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ସେଠାରୁ ଖସି ପଳାଇଥିଲା। ପରେ ନାବାଳିକାଙ୍କ ପିତାଙ୍କ ଏତଲା ଆଧାରରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାରେ ବସ୍ ଚାଳକ ଏବଂ କଣ୍ଡକ୍ଟର୍ ପରବର୍ତ୍ତୀ ସମୟରେ ଅଦାଲତରେ ଅଭିଯୁକ୍ତକୁ ଚିହ୍ନିବାକୁ ମନା କରିଦେଇଥିଲେ। କିନ୍ତୁ, ପୋକ୍ସୋ ଆଇନରେ ରୁଜୁ ଏହି ମାମଲାରେ ଗତ ୨୦୨୪ରେ ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତକୁ ୩ ବର୍ଷର ସଶ୍ରମ କାରାଦଣ୍ଡ ସହ ୫୦୦୦ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଥିଲେ। ଏହି ଆଦେଶକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଜଙ୍ଗଲ ଜମିର ସୀମା ନିର୍ଦ୍ଧାରଣ ଏବଂ ପଟ୍ଟା ଓ ନକ୍ସାର ହେବ ସଂଶୋଧନ

ଭୁବନେଶ୍ୱର, ୭।୩ (ସମିସ): ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ସଂଶୋଧନ ଆଇନରେ ଉଲ୍ଲିଖିତ ଅଧିକାର ଅନୁଯାୟୀ ରାଜସ୍ୱ ବିଭାଗ ଦ୍ୱାରା ସେଥିରେ ନିର୍ଦ୍ଦିଷ୍ଟ ଥିବା ଜଙ୍ଗଲ ଜମିର ଅନ୍ତିମ ନକ୍ସା ପ୍ରସ୍ତୁତ କରାଯିବ। ରାଜସ୍ୱ ଅଥବା ଜଙ୍ଗଲ ବିଭାଗର ଯେଉଁ ରେକର୍ଡରେ ସେହି ଜମି ରହିଛି, ସମ୍ପୃକ୍ତ କର୍ତ୍ତୃପକ୍ଷ ସେହି ରେକର୍ଡରେ ତାକୁ ସମ୍ମିଳିତ କରିବେ। ଏଥିନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଜାରି କରିଛନ୍ତି। ରାଜ୍ୟର ନିୟମର ପ୍ରାସଙ୍ଗିକତାକୁ ନେଇ ଦିଆଯାଇଥିବା ସମୟସୀମା କିମ୍ବା ତିନି ମାସର ସମୟସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଚିଠିରେ ଉଲ୍ଲେଖ ରହିଛି।

**ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ସଚିବଙ୍କ ଚିଠି**

ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ଜଙ୍ଗଲ ଜମିର ପର୍ଯ୍ୟବେକ୍ଷଣ କରି ବକେୟା ଥିବା ଜଙ୍ଗଲ ଜମି ସ୍ୱତ୍ୱ ଗୁଡ଼ିକର ସୀମା ନିର୍ଦ୍ଧାରଣ (ଡିମାର୍କେସନ୍) ସହ 'ଭୂଲେଖ' ଡାଟାବେସରେ ବକେୟା ଥିବା ପଟ୍ଟା ଓ ନକ୍ସା ସଂଶୋଧନ କାର୍ଯ୍ୟକୁ ୩୦ ଏପ୍ରିଲ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମ୍ବନ୍ଧୀୟ ସମସ୍ତ ସଂଶୋଧିତ ସୂଚନା ସରକାରୀ ରେକର୍ଡରେ ତୁରନ୍ତ ସମ୍ମିଳିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ହିତାଧିକାରୀମାନଙ୍କ ଅଧିକାରର ସୁରକ୍ଷା ହେବା ସହ ସେମାନେ ସଠିକ୍ ଭାବରେ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଇପାରିବେ ବୋଲି ରାଜସ୍ୱ ସଚିବ ଆଶାବ୍ୟକ୍ତ କରିଛନ୍ତି।

# ନନ୍ଦନକାନନ ଆସିବେ ୫ ପ୍ରଜାତିର ୧୧ ଜୀବଜନ୍ତୁ

ବାରଙ୍ଗ, ୭।୩(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆସିବେ ନୂଆ ଅତିଥି। ପ୍ରଥମଥର ପାଇଁ ରିଙ୍ଗ ଟେଲଡ୍ ଲେମୁର୍ ନନ୍ଦନକାନନକୁ ଆସିବାକୁ ଯାଉଛି। ଚଳିତବର୍ଷ ପ୍ରଥମ କରି ପଶୁପକ୍ଷୀ ଅଦଳବଦଳ ପକ୍ରିୟା ଆରମ୍ଭ ହୋଇଛି। ପ୍ରାଣୀ ଅଦଳବଦଳ ପକ୍ରିୟା ବିଶାଖାପାଟଣାର ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ ସହ ଆରମ୍ଭ ହୋଇଛି। ସେଣ୍ଟ୍ରାଲ ଜୁ' ଅଥରିଟି, ନୂଆଦିଲ୍ଲୀ ଏହାକୁ ଅନୁମୋଦନ କରିଛି। ଏହି ଅଦଳବଦଳ ପକ୍ରିୟା ମାର୍ଚ୍ଚ ୭ରୁ ୧୦ ତାରିଖ ଯାଏଁ ଚାଲିବ ବୋଲି ସ୍ଥିର କରାଯାଇଛି। ଶୁକ୍ରବାର ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନର ଏକ ଦଳ ନନ୍ଦନକାନନରେ ପହଞ୍ଚିଛନ୍ତି। ଏହି ଦଳ ନନ୍ଦନକାନନରୁ ଗୋଟିଏ ଅଣ୍ଡିରା ଓ ୨ଟି ମାଈ ବାରାସିଂହା, ଗୋଟିଏ ଅଣ୍ଡିରା ଓ ୨ଟି ମାଈ ଚଉଶିଙ୍ଗା, ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ ଆସାମିଜ୍ ମାଙ୍କଡ଼, ୨ଟି ଅଣ୍ଡିରା ଓ ୨ଟି ମାଈ ଗୁରାଣ୍ଡି ଏବଂ ଗୋଟିଏ ଅଣ୍ଡିରା ଓ ୨ଟି ମାଈ ଘଡ଼ିଆଳ କୁମ୍ଭୀରଙ୍କୁ ସାଙ୍ଗରେ ନେଇ ଯାଇଛନ୍ତି। ପ୍ରତି ବଦଳରେ ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ ଜଙ୍ଗଲୀ କୁକୁର, ଗୋଟିଏ ସଲଫର୍ କ୍ରେଷ୍ଟ କୁକ୍କୁଟ, ୨ଟି ଅଣ୍ଡିରା ଓ ୨ଟି ମାଈ ବୋନେଟ ମାକାକ୍, ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ ନିଲଗାଇ ସହ ନୂଆ କରି ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈ ରିଙ୍ଗ ଟେଲଡ ଲେମୁର ପ୍ରଜାତି ଆସିବ। ଏହି ସବୁ ନୂଆ ଅତିଥିଙ୍କୁ ସାଙ୍ଗରେ ଧରି ଆସନ୍ତା ୧୦ ତାରିଖରେ ନନ୍ଦନକାନନରୁ ଯାଇଥିବା ଟିମ୍ ସାଙ୍ଗରେ ନେଇ ଆସିବେ ବୋଲି ସୂଚନା ମିଳିଛି। ତେବେ ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନରୁ ୫ ପ୍ରଜାତିର ୧୧ ଜୀବଜନ୍ତୁ ଆସିବାକୁ ଥିବା ବେଳେ ନନ୍ଦନକାନନରୁ ୫ ପ୍ରଜାତିର ୧୪ ଜୀବଜନ୍ତୁ ସେଠାକୁ ପଠାଯାଇଛି।



ପୁରୀ ଗସ୍ତରେ ଆସିଥିବା ଦକ୍ଷିଣ ଭାରତୀୟ ସିନେ ତାରକା ନାଗା ଚୈତନ୍ୟ ଓ ଅଭିନେତ୍ରୀ ଶୋଭିତା ଧୂଳିପାଲା ରଘୁରାଜପୁରର ପ୍ରସିଦ୍ଧ ପଟ୍ଟଚିତ୍ର କିଣୁଛନ୍ତି

# ଶେଷ ଦର୍ଶନରେ ଜଗା

## ନାଟମଣ୍ଡପରେ ଅସୁସ୍ଥ, ହସ୍‌ପିଟାଲରେ ମୃତ୍ୟୁ

ପୁରୀ,୭।୩(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ବେଳେ ଅସୁସ୍ଥ ହୋଇପଡିଥିବା ଜଣେ ଶ୍ରଦ୍ଧାଳୁଙ୍କୁ ହସ୍ପିଟାଲରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ସେ ହେଉଛନ୍ତି ଉତ୍ତରପ୍ରଦେଶର ଆନନ୍ଦ କଶ୍ୟପ (୬୫)। ସୂଚନା ଅନୁଯାୟୀ, ଆନନ୍ଦ ପରିବାର ସଦସ୍ୟଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ଲାଗି ପୁରୀ ଆସିଥିଲେ। ଶନିବାର ଅପରାହ୍ନରେ ସପରିବାର ନାଟମଣ୍ଡପରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରୁଥିଲେ। ଏହି ସମୟରେ ହଠାତ୍ ଆନନ୍ଦ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଶ୍ରୀମନ୍ଦିର ବାହାରକୁ ନେଇ ଆସିଥିଲେ। ଏହାପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ତେବେ ତାଙ୍କର କ'ଣ ପାଇଁ ମୃତ୍ୟୁ ହେଲା ସେ ନେଇ କିଛି ସ୍ପଷ୍ଟ ସୂଚନା ଜଣାପଡି ନାହିଁ। ଅପରପକ୍ଷେ ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି ଜଣାପଡିଛି।

## ଶେଷ ନିଃଶ୍ୱାସ ନେଉଛି ମାଓ ସଂଗଠନ

# ୧୩୦ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୭।୩ (ସମିସ): ମାଓ ଦମନ କ୍ଷେତ୍ରରେ ପୁଣି ବଡ଼ ସଫଳତା ମିଳିଛି। ବିପୁଳ ପରିମାଣର ବନ୍ଧୁକ ଓ ଗୋଳାବାରୁଦ ସହ ୧୩୦ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ୩ଜଣ ରାଜ୍ୟ କମିଟି ସଦସ୍ୟ, ଜଣେ ଆଞ୍ଚଳିକ କମିଟି ସଦସ୍ୟ, ୧୦ଜଣ ଡିଭିଜନାଲ କମିଟି ସଦସ୍ୟ, ୪୬ଜଣ କ୍ଷେତ୍ର କମିଟି ସଦସ୍ୟ ଏବଂ ୭୦ଜଣ ଦଳୀୟ ସଦସ୍ୟ ରହିଛନ୍ତି।






## ୧୨୪ ବନ୍ଧୁକ, ୧୨୦୫ ଗୁଳି ଜବତ

ଛତିଶଗଡ଼ ଦକ୍ଷିଣ ବସ୍ତର୍ ଏବଂ ତେଲଙ୍ଗାନା ଅଞ୍ଚଳ ସହ ଓଡ଼ିଶାରେ ଅନେକ ବଡ଼ବଡ଼ ହିଂସାକାଣ୍ଡରେ ଜଡ଼ିତ ଏହି ମାଓବାଦୀମାନେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଓ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ୧୨୪ଟି ବନ୍ଧୁକ ଓ ୧୨୦୫ ରାଉଣ୍ଡ ଗୁଳି ପୁଲିସକୁ ହସ୍ତାନ୍ତର କରିଛନ୍ତି। ସେଥିରେ ୨୦ଟି ଇନ୍‌ସାସ୍ ରାଇଫଲ୍, ୧୮ଟି ଏସ୍‌ଏଲ୍‌ଆର୍, ୨୫ଟି ଏକେ-୪୭, ଏସ୍‌ଏଲଆର, ୩୦୩, ପିସ୍ତଲ ଭଳି ବହୁ ବନ୍ଧୁକ ଓ ୧୨୦୫ ରାଉଣ୍ଡ ଗୁଳି ମଧ୍ୟ ରହିଛି।

ସୂଚନାନୁଯାୟୀ, ଗତ ୨୧ ଅକ୍ଟୋବର ୨୦୨୫ରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ମାଓବାଦୀମାନଙ୍କୁ ଆତ୍ମସମର୍ପଣ କରିବାକୁ ନିବେଦନ କରିଥିଲେ।

ମାର୍ଚ୍ଚ ୨୦୨୬ ଶେଷ ସୁଦ୍ଧା ମାଓ ସଙ୍ଗଠନକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ବେଳେ ଆଜି ଏକାସାଙ୍ଗରେ ଏତେ ସଂଖ୍ୟାରେ ମାଓବାଦୀଙ୍କ ଆତ୍ମସମର୍ପଣ ସୁରକ୍ଷା ବଳ ପାଇଁ ଏକ ବଡ଼ ସଫଳତା ଏବଂ ମାଓ ସଙ୍ଗଠନର ଶେଷ ନିଃଶ୍ୱାସ ବୋଲି କୁହାଯାଉଛି। ଆତ୍ମସମର୍ପଣ କରିଥିବା ୧୩୦ ମାଓବାଦୀଙ୍କ ମଧ୍ୟରେ ଡିଭିସିଏମ୍, ପିସିସିସିଏମ୍, ଏସିଏମ ଭଳି ବହୁ କ୍ୟାଡର୍ ମାଓବାଦୀ ରହିଛନ୍ତି। ଏହି ସମସ୍ତ ମାଓବାଦୀମାନେ ଦଣ୍ଡକାରଣ୍ୟ ମାଓ ସଙ୍ଗଠନ, ପିଏଲଜି ବାଟାଲିଆନ ନମ୍ବର ୧ ଭଳି ମାଓ ସଙ୍ଗଠନରେ ସକ୍ରିୟ ଥିଲେ। ସମସ୍ତ ମାଓବାଦୀଙ୍କୁ ପୁନର୍ବାସ ଯୋଜନା ଅଧୀନରେ ସହାୟତା ରାଶି ପ୍ରଦାନ କରାଯାଇଛି। ଏହା ମଧ୍ୟରେ ଡିଭିସିଏମ୍ କ୍ୟାଡର୍ ମାଓବାଦୀଙ୍କୁ ପାଞ୍ଚଲକ୍ଷ ଟଙ୍କା, ଏସିଏମ କ୍ୟାଡର୍‌ଙ୍କୁ ଚାରି ଲକ୍ଷ ଟଙ୍କା, ଦଳୀୟ ସଦସ୍ୟ ପାଇଁ ଏକଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହାସହ ଅନ୍ୟାନ୍ୟ ସୁବିଧା ମଧ୍ୟ ଏହି ଆତ୍ମସମର୍ପଣକାରୀଙ୍କୁ ପ୍ରଦାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ସେହିପରି ଏମାନେ ପୁଲିସକୁ ହସ୍ତାନ୍ତର କରିଥିବା ବନ୍ଧୁକ ଓ ଗୁଳି, ବୋମା ପାଇଁ ମଧ୍ୟ ଅତିରିକ୍ତ ସହାୟତା ରାଶି ପ୍ରଦାନ କରାଯିବ। ତେବେ ଏହି ସମସ୍ତ ଆତ୍ମସମର୍ପଣକାରୀଙ୍କୁ ସର୍ବମୋଟ ୪କୋଟି ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ବଣ୍ଟନ କରାଯିବ। ମାଓବାଦୀ କ୍ୟାଡର୍‌ଙ୍କ ପୁନର୍ବାସ ଅଧୀନରେ ଆବଶ୍ୟକ ସମସ୍ତ ଅତିରିକ୍ତ ସୁବିଧା ପ୍ରଦାନ କରାଯିବ। ସେହିପରି, ସେମାନଙ୍କୁ ସମ୍ମାନ ଏବଂ ସୁରକ୍ଷା ସହିତ ସେମାନଙ୍କର ଜୀବନ ପୁନର୍ବାର ଆରମ୍ଭ କରିବାର ସୁଯୋଗ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ରେଡ୍ଡୀ ପ୍ରକାଶ କରିଛନ୍ତି।

## ରାଜ୍ୟ ସରକାରଙ୍କ ସହ ଆଲୋଚନା ସଫଳ

# ଆନ୍ଦୋଳନରୁ ଓହରିଲା ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର୍ସ ୱେଲ୍‌ଫେୟାର୍ ଆସୋସିଏସନ୍

ଭୁବନେଶ୍ୱର, ୭।୩ (ସମିସ): ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଆଲୋଚନା ସଫଳ ହେବା ପରେ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର୍ସ ୱେଲଫେୟାର୍ ଆସୋସିଏସନ୍ (ଏଓସିଡବ୍ଲ୍ୟୁଏ) ନିଜର ୧୪ ଦିନିଆ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଘୋଷଣା କରିଛି। ୮ ସୂତ୍ରୀ ଦାବି ପୂରଣ ପାଇଁ ପ୍ରାୟ ୭୦,୦୦୦ ଠିକାଦାରଙ୍କୁ ପ୍ରତିନିଧିତ୍ୱ କରୁଥିବା ତିନୋଟି ପ୍ରମୁଖ ସଂଗଠନ ଗତ ଫେବୃଆରୀ ୨୦ତାରିଖରୁ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନ ଜାରି ରଖିଥିଲେ। ଫଳରେ ରାଜ୍ୟରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଠପ୍ ହୋଇପଡ଼ିଥିଲା। ଏହି କ୍ରମରେ ଆସୋସିଏସନ୍‌ର ପ୍ରତିନିଧିମାନେ ଲୋକସେବା ଭବନରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ଭେଟି ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ସଂଘର ସମସ୍ତ ଦାବି ଉପରେ ପର୍ଯ୍ୟାୟକ୍ରମେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆସୋସିଏସନ୍‌ର ସଭାପତି ଜଗଦୀଶ ପାତ୍ର ସୂଚନା ଦେଇଛନ୍ତି ଯେ ସରକାରଙ୍କ ସହ ସଫଳ ଆଲୋଚନା ପରେ ସଂଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଛି। ବର୍ତ୍ତମାନ ଆମେ ଏହି ସମସ୍ତ ପ୍ରସଙ୍ଗରେ ଓଡ଼ିଶା ସରକାରଙ୍କ ଆନୁଷ୍ଠାନିକ ବିଜ୍ଞପ୍ତିକୁ ଅପେକ୍ଷା କରିଛୁ ବୋଲି ସେ କହିଛନ୍ତି।

**ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀ**

# ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

ଥୁଆମୂଳରାମପୁର, ୭ ।୩(ସମିସ)



ସରକାରଙ୍କ ପକ୍ଷରୁ ଗରିବ ଓ ଅସହାୟ ପରିବାରଙ୍କୁ ପକ୍କା ଘର ଯୋଗାଇବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନା ପରି ବିଭିନ୍ନ ଯୋଜନା ଚାଲୁ ରହିଥିବା ସତ୍ତ୍ୱେ ମଧ୍ୟ ଅନେକ ଯୋଗ୍ୟ ଗରିବ ପରିବାର ଯୋଜନାରୁ ବଞ୍ଚିତ ରହିଛନ୍ତି ।ଏମାନଙ୍କ ପାଇଁ ପକ୍କା ଘର ଆଜି ବି ସ୍ୱପ୍ନ ହୋଇ ରହିଛି । ଝାଟିମାଟିର କୁଡିଆ, ଚାଳଛପର ଘର କିମ୍ବା ଅସଜଡା ଭଙ୍ଗା ଦଦରା ଘର ହିଁ ଏମାନଙ୍କର ଏକମାତ୍ର ଭରସା । ଘର ସଜାଡିବା ପାଇଁ ଆର୍ଥିକ ସମ୍ବଳ ନଥିବାରୁ ସେମାନେ ବିପଦପୂର୍ଣ୍ଣ ପରିସ୍ଥିତିରେ ଜୀବନଯାପନ କରୁଛନ୍ତି । ବର୍ଷା ଋତୁ ଆସିଲେ ଘର ଧସିପଡ଼ିବାର ଭୟ ଓ ପାଣି ପସିବାର ସମସ୍ୟା ଦେଖାଯାଏ । ଏହାସହ ଗ୍ରୀଷ୍ମର ତିବ୍ର ଖରା ଓ ଶୀତର କାକର ମଧ୍ୟ ଏମାନଙ୍କ ପାଇଁ ଅସହ୍ୟ ଯନ୍ତ୍ରଣା ହୋଇଥାଏ । କିନ୍ତୁ ଏହି ଦୁଃଖ କଷ୍ଟ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ନଜରକୁ ପହଞ୍ଚୁନାହିଁ ବୋଲି ଅଭିଯୋଗ ହେଉଛି । ଏହାର ଜ୍ୱଳନ୍ତ ଉଦାହରଣ ଥୁଆମୂଳରାମପୁର ବ୍ଲକ ସଦର ମହକୁମା କାଳୀ ମନ୍ଦିର ଉପରପଡ଼ାରେ ଦେଖିବାକୁ ମିଳିଛି । ସେଠାରେ ବସବାସ କରୁଥିବା ବୃଦ୍ଧା ୱାର୍ଡ ମେମ୍ବର ଉଆଁସୀ ମାଝୀ ନିଜ ରୋଗଣା ସ୍ୱାମୀ ଗୋବର୍ଦ୍ଧନ ମାଝୀ(୭୫), ମଝିଆ ପୁଅ ବ୍ରଜ (୩୦), ବୋହୂ ମଞ୍ଜୁରୀ, ୫ ବର୍ଷର ନାତୁଣୀ, ୪ ମାସର ନାତି ଏବଂ ସାନ ପୁଅ ବୈଦ୍ୟନାଥ (୨୫) ସହ ଏକ ଭଙ୍ଗା ଦଦରା ମାଟି ଘରରେ ରହୁଛନ୍ତି । ଅନ୍ୟପଟେ ବଡ ପୁଅ ବଳରାମ (୩୫) ନିଜ ପରିବାର ବୋହୂ ଜୟନ୍ତୀ, ୬ ବର୍ଷର ନାତୁଣୀ ଓ ୪ ବର୍ଷର ନାତିସହ ଅନ୍ୟ ଏକ ଘରରେ ରହୁଛନ୍ତି । ସେ ଋଣ କରି ମୁଣ୍ଡ ଗୁଞ୍ଜିବା ପାଇଁ ଏକ ଛୋଟ ଘର ତିଆରି କରିଥିଲେ ମଧ୍ୟ ଏବେ ସେହି ଋଣର ଭାର ତାଙ୍କ ଦିନ ମଜୁରୀର ଆୟକୁ ବନ୍ଧକ କରିଦେଇଛି । ଘରକୁ ସଜାଡିବା ପାଇଁ ମଧ୍ୟ ସେ ଅସମର୍ଥ ବୋଲି କହିଛନ୍ତି । ବିଶେଷ କଥା ହେଉଛି, ଉଆଁସୀ ମାଝୀ ସଦର ଗ୍ରାମ ପଞ୍ଚାୟତର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନପ୍ରତିନିଧି ହୋଇଥିବା ସତ୍ତ୍ୱେ ମଧ୍ୟ ତାଙ୍କ ପରିବାର ଆବାସ ଯୋଜନାର ସୁବିଧା ପାଇପାରିନାହାନ୍ତି । ସେ ସରପଞ୍ଚ, ପିଇଓ ଓ ବିଡିଓଙ୍କୁ ଅନେକଥର ଅନୁରୋଧ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆବାସ ଘର ମଞ୍ଜୁର ହୋଇନଥିବା ଜଣାପଡ଼ିଛି । ଫଳରେ ପରିବାର ଭଙ୍ଗା ମାଟିଘର, ପଲିଥିନ ଢଙ୍କା କୁଡିଆରେ ବର୍ଷା ଓ ଶୀତକୁ ସହି ଦୁର୍ବିସହ ଜୀବନଯାପନ କରୁଛନ୍ତି ।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଯୋଗ୍ୟ ହିତାଧିକାରୀ ଥିଲେ ମଧ୍ୟ ପ୍ରଶାସନିକ ଅସୁବିଧା, ତାଲିକା ତ୍ରୁଟି ଓ ସଚେତନତା ଅଭାବରୁ ଅନେକ ଗରିବ ପରିବାର ଯୋଜନାର ଲାଭ ପାଇପାରୁନାହାନ୍ତି । ସରକାର ଓ ସ୍ଥାନୀୟ ପ୍ରଶାସନ ଯଥାଶୀଘ୍ର ଯାଞ୍ଚ କରି ଯୋଗ୍ୟ ପରିବାରଙ୍କୁ ଆବାସ ଘର ମଞ୍ଜୁର କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି ।

## ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସହାୟତା



**ନୂଆପଡ଼ା, ୭ ।୩(ସମିସ):** ଓଡ଼ିଶା ରାଜ୍ୟ ସୀମାନ୍ତବର୍ତ୍ତୀ ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ୧୭ ଜଣ ମାଓବାଦୀଙ୍କୁ ସରକାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ ଗରିଆବନ୍ଧ ପୁଲିସ ନିକଟରେ ଏଯାଏଁ ୨୯ ଜଣ ମାଓବାଦୀ ଅସ୍ତ୍ରଛାଡି ଆତ୍ମସମର୍ପଣ କରିଛନ୍ତି । ଶନିବାର ଏକ ସ୍ୱତନ୍ତ୍ର ଉତ୍ସବରେ ୧୭ଜଣ ମାଓବାଦୀଙ୍କୁ ୫୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି । ପୂର୍ବରୁ ୧୨ ଜଣଙ୍କୁ ସହାୟତା ଦିଆଯାଇଛି ।ଗରିଆବନ୍ଧ ଜିଲ୍ଲାପାଳ ଭଗବାନ ସିଂହ ଓ ଏସ୍‌ପି ଦେବବ୍ରତ ସିରମୋର ଆୟୋଜିତ କାର୍ଯ୍ୟକ୍ରମରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସହାୟତା ରାଶି ପ୍ରଦାନ କରିଛନ୍ତି ।

# ଖଡ଼ିଆଳ ସହରର ନାମକରଣ ନେଇ ବୈଠକ



**ଖଡ଼ିଆଳ, ୭ ।୩(ସମିସ):** ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ସହରର ନାମକୁ ଇଂରେଜ ସରକାରଙ୍କ ଶାସନାଧୀନ ସମୟରେ ଖଡିଆଳ ସହର ନାମକୁ ଅପଭ୍ରଂଶ କରି ଇଂରାଜୀରେ ଖରିଆର କରିଦିଆଗଲା ।ଏହାର ନାମ ଓଡ଼ିଆରେ ଖଡ଼ିଆଳ ଲେଖ ହେଉଥିଲେ ହେଁ ଇଂରାଜୀରେ ଖରିଆର ଲେଖା ହୋଇଆସୁଛି । ଏହାକୁ ପରିବର୍ତ୍ତନ କରିବାକୁ ଖଡ଼ିଆଳ ସହରବାସୀ ଦାବି କରୁଛନ୍ତି । ଏଥିପାଇଁ ଶୁକ୍ରବାର ଖଡ଼ିଆଳ ଠାରେ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ଦାବିପତ୍ର ପ୍ରଦାନ କରିଛନ୍ତି । ବୈଠକରେ ତହସିଲଦାର ନରସିଂହ ଗଦବା, ଖଡିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଡ.ଅଞ୍ଜଳି ପାଢ଼ୀ, ନୀଳ ଲୋହିତ ସିଂ ଦେଓ, ନିମାଇଁ ଚରଣ ତାଣ୍ଡି, ଜିତେନ୍ଦ୍ର ନାଥ ପଟ୍ଟନାୟକ, ଗୋବର୍ଦ୍ଧନ ସୁନା, ସିଦ୍ଧାର୍ଥ ଶଙ୍କର ଯୋଷୀ, ରଞ୍ଜିତ ସିଂ ମହାରଥା, ସତିଶ ପଟ୍ଟନାୟକ, କିଶୋର ବାଗ, ଲାଲୁ ଦଣ୍ଡସେନା, ବିଭୂତି ବିଶି, ବେହେରା ସମେତ ସରକାରୀ କର୍ମଚାରୀମାନେ ଯୋଗ ଦେଇଥିଲେ । ଆଗକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

# ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ସମୀକ୍ଷା ବୈଠକ



**ନୂଆପଡ଼ା, ୭ ।୩(ସମିସ):** ନୂଆପଡ଼ା ଜିଲ୍ଲାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ)ର ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚିନ୍ମୟ ସାଗର ଡିସିପିୟୁ ଦ୍ୱାରା ଶିଶୁମାନଙ୍କ ସୁରକ୍ଷା, ଉଦ୍ଧାର, ପୁନର୍ବାସ ଓ ଆଇନଗତ ସହାୟତା ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ସମୀକ୍ଷା ମୁତାବକ ବାହାର ରାଜ୍ୟରୁ ଫେରନ୍ତା ପ୍ରବାସୀ ଶ୍ରମିକ ପରିବାରକୁ ଚିହ୍ନଟ କରାଯାଇ ୧୧ ଜଣ ଏକକ ମାଆଙ୍କୁ ଜୀବିକା ସହାୟତା ବାବଦରେ ୪ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା କୁହାଯାଇଛି । ଜିଲ୍ଲାରେ ଅନାଥ ଶିଶୁ ସର୍ଭେ କରାଯାଇ ପାଞ୍ଚ ଜଣ କନ୍ୟାଶିଶୁଙ୍କୁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ଜିଲ୍ଲାରେ ୪୦୪ ଜଣ ଅନାଥ ଶିଶୁ ଓ ୬୮୩୫ ଜଣ ଏକକ ବାପା/ମାଆ ଅଛନ୍ତି । ସମସ୍ତଙ୍କୁ ଶିଶୁ ସୁରକ୍ଷା କମିଟି (ସିଡବ୍ଲୁସି) ସମ୍ମୁଖରେ ଉପସ୍ଥାପନ କରି ତାଙ୍କର ସମସ୍ୟା ଶୁଣାଯିବ । ଏହାସହ ଜିଲ୍ଲାରେ ଦୁଇଟି ଶିଶୁଙ୍କ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସଫଳତାର ସହିତ ସମ୍ପନ୍ନ ହୋଇଥିବାରୁ ଜିଲ୍ଲାପାଳ ଖୁସି ବ୍ୟକ୍ତ କରିଥିଲେ । କାର୍ଯ୍ୟରତ ମହିଳାଙ୍କ ପାଇଁ ଶିଶୁ ଯତ୍ନ ଗୃହ (କ୍ରେଚ) ସ୍ଥାପନ, ଏକକ ଅଭିଭାବକ ଓ ବିଧବାମାନଙ୍କ ଡାଟାବେସ୍ ସୃଷ୍ଟି ଓ ସେମାନଙ୍କୁ ଜୀବନ ଜୀବିକା ସହାୟତା ପ୍ରଦାନ କରିବାକୁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବୈଠକରେ ଜିଲ୍ଲା କଲ୍ୟାଣ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଏସ. ଗୀତା, ଜିଲ୍ଲା ଶ୍ରମ ଅଧିକାରୀ ଜାସ୍ମିନ ସାହୁ, ଜିଲ୍ଲା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଫଣିନ୍ଦ୍ରମ ଦେଓ, ସଦସ୍ୟ ବବିତା ମିଶ୍ର, ସ୍ପେସିଆଲାଇଜ୍ଡ ଆଡପ୍ସନ ଏଜେନ୍ସିର ଅଧିକାରୀ, ଚାଇଲ୍ଡଲାଇନ ସଦସ୍ୟ, ପ୍ରୋଜେକ୍ଟ କୋଓର୍ଡିନେଟର ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ ।

## ନିର୍ବାଚନ ମଣ୍ଡଳୀ ଫେରାଇ ଆଣିବାକୁ ଉଦ୍ୟମ

**କେସିଙ୍ଗା, ୭ ।୩(ସମିସ):** ୧୯୬୭ ମସିହାରୁ ଅସ୍ତିତ୍ୱରେ ଥିବା କଳାହାଣ୍ଡି ଜିଲ୍ଲାର କେସିଙ୍ଗା ନିର୍ବାଚନ ମଣ୍ଡଳୀ କୁ ୨୦୦୮ ମସିହାରେ ସୀମା ନିର୍ଦ୍ଧାରଣ ନାମରେ କାଟି ନିର୍ବାଚନ ମଣ୍ଡଳୀରୁ କାଢି କେସିଙ୍ଗାରେ ଥିବା ୨୬ ପଞ୍ଚାୟତ ମଧ୍ୟରୁ କିଛି ପଞ୍ଚାୟତକୁ ନର୍ଲା ନିର୍ବାଚନ ମଣ୍ଡଳୀରେ ଏବଂ କିଛି ପଞ୍ଚାୟତକୁ ଭବାନୀପାଟଣା ସଦର ନିର୍ବାଚନ ମଣ୍ଡଳୀରେ ସାମିଲ କରାଯାଇଥିଲା । କେସିଙ୍ଗା ସହରକୁ ସଦର ନିର୍ବାଚନ ମଣ୍ଡଳୀରେ ସାମିଲ କରାଯାଇଥିଲା ।ବର୍ତ୍ତମାନ ନିର୍ବାଚନ ମଣ୍ଡଳୀମାନଙ୍କର ପୁନଃ ସୀମା ନିର୍ଦ୍ଧାରଣ ସହିତ ନିର୍ବାଚନ ମଣ୍ଡଳୀ ସଂଖ୍ୟା ବଢ଼ିବ ବୋଲି ସରକାର ପକ୍ଷରୁ ଘୋଷଣା କରାଯିବା ପରେ ଜିଲ୍ଲାର କୋକସରା, କେସିଙ୍ଗା ସମେତ ଆଉକିଛି ସ୍ଥାନରେ ନିର୍ବାଚନମଣ୍ଡଳୀ ପୁନଃ ସ୍ଥାପନ ପାଇଁ ଅଞ୍ଚଳବାସୀଙ୍କ ଉଦ୍ୟମ ଆରମ୍ଭ ହୋଇ ଗଲାଣି ।କେସିଙ୍ଗା ରେ ମଧ୍ୟ ଏନେଇ ଜୋର୍‌ଦାର ଉଦ୍ୟମ ଆରମ୍ଭ ହୋଇଯାଇଛି ।କେସିଙ୍ଗାରେ ପ୍ରଥମେ ମାଟି ଦ୍ୱିତୀୟରେ ପାର୍ଟିର ପ୍ରାଥମିକତା ନେଇ ସବୁ ଦଳର ନେତା ଓ କର୍ମୀମାନେ କେସିଙ୍ଗା ନିର୍ବାଚନ ମଣ୍ଡଳୀ କିପରି ନିଜର ପରିଚୟ ପାଇବ ସେଥିପାଇଁ ଅହରହ ନିଜର ପ୍ରୟାସ ଜାରି ରଖିଛନ୍ତି ।କେବଳ ରାଜନୈତିକ ଦଳର ନେତା କିମ୍ବା କର୍ମୀ ଏଥିରେ ସଂଶ୍ଳିଷ୍ଟ ଅଛନ୍ତି ତାହା ନୁହେଁ ବରଂ କେସିଙ୍ଗାର ଅନେକ ସାମାଜିକ ସଂଗଠନ, ବୁଦ୍ଧିଜିବୀ, କେସିଙ୍ଗା ଓକିଲ ସଂଘ, ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ କେସିଙ୍ଗା ନିର୍ବାଚନ ମଣ୍ଡଳୀ କିପରି ଫେରିବ ନିଜର ଆଭିମୁଖ୍ୟ ସ୍ପଷ୍ଟ କରୁଛନ୍ତି । ଉକ୍ତ ବିଷୟ ଉପରେ ଅନେକ ଥର ବୈଠକ ଅନୁଷ୍ଠିତ ହୋଇଛି ଶିଘ୍ର ବୈଠକ ଅନୁଷ୍ଠିତ ହୋଇ କେସିଙ୍ଗା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି ।

# ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟକୁ ରାସ୍ତା ନିର୍ମାଣ ଦାବି



**କୋକସରା, ୭ ।୩(ସମିସ):** କୋକସରା ବ୍ଲକ ସଦର ମହକୁମା ଠାରେ ଥିବା ରାଜରାଜୁଡା ଅମଳର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା । ତେବେ ନବୀନ ସରକାର ସମୟରେ ନୂତନ ପ୍ରାଣୀ ଚିକିତ୍ସାଳୟ କୋଠା ନିର୍ମାଣ ହୋଇ ଉଦ୍‌ଘାଟନ ମଧ୍ୟ ହୋଇସାରିଛି । ହେଲେ ପରିତାପର ବିଷୟ ଏହି ନୂତନ ପ୍ରାଣୀ ଚିକିତ୍ସାଳୟକୁ ଯିବା ପାଇଁ ରାସ୍ତା ନାହିଁ । ପୂର୍ବରୁ ଥିବା ପୁରୁଣା ଚିକିତ୍ସାଳୟକ ଜାତୀୟ ରାଜପଥ ୨୬ରୁ ପକା ରାସ୍ତା ଥିବାରୁ କୋଣସି ଅସୁବିଧାର ହେଉ ନଥିଲା ।ଏବେ ନୂତନ ପ୍ରାଣୀ ଚିକିତ୍ସାଳୟକୁ ଯିବାକୁ ହେଲେ ରାସ୍ତାନ ଥିବାରୁ କଷ୍ଟେ ମଷ୍ଟେ ପ୍ରାଣୀ ଚିକିତ୍ସକ ଓ ପ୍ରାଣୀ ଚିକତ୍ସା ପାଇଁ ଆସୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ପାଖରେ ଥିବା ଓମ୍ଫେଡ ଦୁଗ୍ଧ ଭଣ୍ଡାରଠାରୁ ଡ୍ରେନେଜ ସୁବିଧା ନ ଥିବାରୁ ନିର୍ଗତ ପାଣି ଅଫିସ ଓ ପ୍ରାଣୀ ଚିକିତ୍ସାଳୟ ମୁହଁଦେଇ ବହି ଯାଉଛି । ନୂତନ ପ୍ରାଣୀ ଚିକିତ୍ସାଳୟ କୁ ରାସ୍ତା ଓ ଡ୍ରେନ ନିର୍ମାଣ କରାଯିବ ପାଇଁ ଜନ ସାଧାରଣରେ ଦାବି ହୋଇଛି ।

## ୨ ନାଗ ଉଦ୍ଧାର



**ଖଡ଼ିଆଳ, ୭ ।୩(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ୱାର୍ଡ ନଂ ୧୦ର ଗୋପାଳ ପଟେଲଙ୍କ ଘର ନିକଟରୁ ଦୁଇଟି ନାଗ ସାପ ଉଦ୍ଧାର କରାଯାଇଛି । ଗୋଟିକର ଲମ୍ବ ୬ ଫୁଟ ହୋଇଥିବା ବେଳେ ଅନ୍ୟଟିର ଲମ୍ବ ୫ଫୁଟ ରହିଥିଲା । ଶ୍ରୀ ପଟେଲ ସାପ ଦୁଇଟିକୁ ଦେଖିବା ଘର ମାତ୍ରେ ଖଡ଼ିଆଳ ବ୍ଲକ ମାଣ୍ଡୋସିଲଗ୍ରାମର ହରି ସିଂ ପାନ ସାପ ଧରାଳୀଙ୍କୁ ଖବର ଦେଇଥିଲେ । ସେ ଆସି ଦୁଇଟି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ ।ସୂଚନା ଥା ଉକି ହରି ସିଂ ଆଜକୁ ୩୦ ବର୍ଷ ହେଲା ବିଭିନ୍ନ ଗ୍ରାମକୁ ଯାଇ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦିଅନ୍ତି । ଶ୍ରୀ ହରି ସିଂ ପାନକୁ ଜଙ୍ଗଲ ବିଭାଗ ତରଫରୁ ଅନେକ ଥର ସମ୍ମାନିତ କରାଯାଇଛି ।

**● ପୋଖରୀରେ ବୁଡି ଛାତ୍ର ମୃତ୍ୟୁ ଘଟଣା**

## ସ୍କୁଲ କର୍ତ୍ତୃପକ୍ଷଙ୍କ ନାମରେ ଏନ୍‌ଏଚ୍‌ଆରସିରେ ମାମଲା

**ଭବାନୀପାଟଣା, ୭ ।୩(ସମିସ):** ଭବାନୀପାଟଣା ବ୍ଲକ ଉପକଣ୍ଠସ୍ଥିତ ମେଦିନୀପୁର ଶାସ୍ତ୍ରୀଜୀ ଶିକ୍ଷାନିକେତନର ନବମ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ସାହୁ (୧୪)ଙ୍କ ହୋଲି ତଥା ବୁଧବାର ଦିନ ପୋଖରୀରେ ବୁଡି ମୃତ୍ୟୁ ଘଟଣା ଜିଲ୍ଲାରେ ଚର୍ଚ୍ଚାର କାରଣ ପାଲଟିଛି । ମୃତକଙ୍କ ବାପା ମନ୍ମଥ ସାହୁ ସ୍କୁଲ କର୍ତ୍ତୃପକ୍ଷ ନାମରେ ସ୍ଥାନୀୟ ସଦର ଥାନାରେ ଏତଲା ଦେବା ପରେ ପୁଲିସ ଶାସ୍ତ୍ରୀଜୀ ଶିକ୍ଷା ନିକେତନର ହଷ୍ଟେଲ ୱାର୍ଡେନ, ସିକ୍ୟୁରିଟି ଗାର୍ଡ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ । କେବଳ ସେତିକି ନୁହେଁ ପରବର୍ତ୍ତୀ ସମୟରେ ତଦନ୍ତରେ ସହଯୋଗ ପାଇଁ ନୋଟିସ ଜାରୀ କରିଥିବା ଜଣାପଡ଼ିଛି । ଅନ୍ୟପଟେ ଶନିବାର ଏହି ଘଟଣାକୁ ନେଇ ମାନବଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବଧିକାର କମିଶନ (ଏନ୍‌ଏଚ୍‌ଆରସି)ରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ଅବହେଳା କରିଥିବା ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସମେତ ମୃତକଙ୍କ ପରିବାରକୁ କ୍ଷତି ପୂରଣ ଦେବାକୁ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଏହି ଘଟଣା ଶିକ୍ଷା ଅନୁଷ୍ଠାନର ଦାୟିତ୍ୱହୀନତାକୁ ସୂଚାଉଛି । ମାମଲାର ତଦନ୍ତକାରୀ ଅଫିସର କହିଛନ୍ତି ଯେ ହୋଲିଦିନ ପୋଖରୀକୁ ୩୦/୪୦ଜଣ ଛାତ୍ର ଗାଧୋଇବାକୁ ଯାଇଥିଲେ । ହୋଲି ଦିନ ହଷ୍ଟେଲରୁ ବାହାରି ନିର୍ଦ୍ଦିଷ୍ଟଭାବେ କେତେ ଛାତ୍ର ଗଲେ ସେ ହିସାବ ମଧ୍ୟ ସଠିକ୍ ତଥ୍ୟ ମିଳିନାହିଁବୋଲି ପୋଲିସ କହିଛି । ତଦନ୍ତ ଚାଲୁ ରହିଛି ।ବିଭିନ୍ନ ଦିଗ ଉପରେ ପୋଲିସ ନଜର ରଖିଛି । ଆଗକୁ ଶିକ୍ଷା ଅନୁଷ୍ଠାନର ଅନ୍ୟମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାର ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ ।

## ବସ୍‌କୁ ଧକ୍କା ଦେଇ ବାଇକ୍ ଆରୋହୀ ମୃତ

**କୋକସରା, ୭ ।୩(ସମିସ):** କୋକସରା ଥାନା ଲଡୁଗାଁ-ଚିକିଲି ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି । ବସ୍‌କୁ ଧକ୍କା ଦେଇ ଜଣେ ବାଇକ୍ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜୟପାଟଣା ବ୍ଲକ ବାଞ୍ଜିବାହାଲ ଗ୍ରାମର ପୁରୁନ ଚଲାନ(୩୨) ବୋଲି ଜଣାପଡ଼ିଛି ।ସୂଚନା ମୁତାବକ, ଫୁପଗାଁ, କରାଡଙ୍ଗରୀପଡ଼ାରୁ ବିବାହ ଭୋଜି ଖାଇ ପୁରୁନ ଓଶାଦ ମାଝୀ ବାଇକ୍ ଯୋଗେ ନିଜ ଗାଁ ଅଭିମୁଖେ ଯାଉଥିଲେ ।ଏହି ସମୟରେ ଚିକିଲି ପେଟ୍ରୋଲ ପମ୍ପ ନିକଟରେ ବସ୍‌କୁ ସେମାନେ ଧକ୍କା ଦେଇଥିଲେ । ଫଳରେ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ । ସ୍ଥାନୀୟ ସ୍ୱେଚ୍ଛାସେବୀ ପୁଲିସକୁ ଖବର ଦେବାପରେ ଆମ୍ବୁଲାନ୍ସ ଯୋଗେ ଗୁରୁତର ପୁରୁନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଶନିବାର କୋକସରା ମେଡ଼ିକାଲରେ ଶବ ବ୍ୟବଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି ।କୋକସରା ପୁଲିସ ଥାନାରେ ମାମଲା ରୁଜୁ କରି ଦୁର୍ଘଟଣା ହୋଇଥିବା ବସ୍ ଓ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ନୂତନ ଥାନାଧିକାରୀଙ୍କ ଯୋଗଦାନ



**ଧର୍ମଗଡ଼/ଗୋଲାମୁଣ୍ଡା, ୭ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନାରେ ଯଶୋବନ୍ତ ସେଲମା ନୂତନ ଥାନା ଅଧିକାରୀ ଭାବରେ ଯୋଗଦାନ କରିଛନ୍ତି । ପୂର୍ବରୁ ଗୋଲାମୁଣ୍ଡା ଥାନା ଅଧିକାରି ଜ୍ୟୋତିପ୍ରକାଶ ତାଣ୍ଡିଙ୍କୁ ଜିଲ୍ଲା ସାଇବର ଥାନାକୁ ବଦଳି ହେବା ପରେ, ଯଶୋବନ୍ତ ସେଲମାଙ୍କୁ ଦାୟିତ୍ୱ ଦିଆଯାଇଛି । ତାଙ୍କ ଯୋଗଦାନ ପରେ ଗୋଲାମୁଣ୍ଡା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ତଥା ଲୋକଙ୍କୁ ସୁରକ୍ଷା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଆଶା କରାଯାଉଛି । ନୂତନ ଥାନା ଅଧିକାରୀ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ବିଭିନ୍ନ ସମସ୍ୟା ଚୋରି ଡକାୟତି, ଶ୍ରମିକ ଚାଲାଣ ଏବଂ ଅପରାଧିକ କାର୍ଯ୍ୟକଳାପ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

**● ସ୍ୱଚ୍ଛ ଭାରତ ଅଭିଯାନ ସଚେତନତା**

# ସୋସେଙ୍ଗରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

**କୋମନା/ସିନାପାଲି, ୭ ।୩(ସମିସ):** ନୂଆପଡ଼ା ଜିଲ୍ଲାର ସୁନାବେଡା ଅଭୟାରଣ୍ୟ ଅଞ୍ଚଳ ସୋସେଙ୍ଗ ପଞ୍ଚାୟତର ସୋସେଙ୍ଗ ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ ସହିତ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ନୂଆପଡ଼ାଜିଲ୍ଲାର ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡ଼.ଦ୍ୱାରିକାନାଥ ଶତପଥି ସମ୍ମାନିତ ଅତିଥି ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ (ଡିପିଏମ୍) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସତ୍ୟ ନାରାୟଣ ତ୍ରିପାଠୀ ଯୋଗଦାନ କରି ଅନେକ ଦିଗ ଉପରେ ଲୋକଙ୍କୁ ବୁଝାଇଥିଲେ । ଅନ୍ୟତମ ଅତିଥି ଭାବରେ କୋମନା ବିଡ଼ିଓ ପବିତ୍ର କୁମାର ସାମଲ ଓ ସୋସେଙ୍ଗ ପଞ୍ଚାୟତ ସରପଞ୍ଚ ମମତା ଧରୁଆ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।



ପିପୁଲ୍ସ ଟୁ ପିପୁଲ୍ସ ହେଲ୍ଥ ଫାଉଣ୍ଡେସନ୍ (ପିପିଏଚଏଫ)ର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଆଲୋକ ଚନ୍ଦ୍ର ମହାନ୍ତି, ଡ. ସଂକଳ୍ପ ଦାସ (ଦାନ୍ତ ଚିକିତ୍ସକ) ଏବଂ ନୂଆପଡ଼ା ଏମ ଏମୟୁର ଏକ ଦଳ ମଧ୍ୟରେ ଡ. ସଞ୍ଜୁକ୍ତା ବେହେରା, (ଚିକିତ୍ସା ଅଧିକାରୀ) ପ୍ରେମଚାନ୍ଦ ବୈଠାରୁ, (ଫାର୍ମାସିଷ୍ଟ), ଭାରତୀ ପଣ୍ଡା (ଷ୍ଟାଫ୍‌ନର୍ସ) କୃଷ୍ଣ ଚନ୍ଦ୍ର ସବର, (ଲ୍ୟାବ୍ ଟେକ୍ନିସିଆନ୍) ଓ ତୁଳସୀ ବଛା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।ସ୍ୱଚ୍ଛ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ସହିତସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଯେଉଁଠାରେ ଗ୍ରାମବାସୀମାନେ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଚାପ ପରୀକ୍ଷା, ଡାକ୍ତରୀ ପରାମର୍ଶ ଏବଂ ନିର୍ଦ୍ଦିଷ୍ଟ ମାଗଣା ଔଷଧ ପାଇଥିଲେ । ସ୍ୱାସ୍ଥ୍ୟ କର୍ମଚାରୀମାନେ ପୁଷ୍ଟିସାର, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ଏବଂ ପ୍ରତିଷେଧକ ଯତ୍ନ ଉପରେ ପରାମର୍ଶ ମଧ୍ୟ ପ୍ରଦାନ କରିଥିଲେ । ପ୍ରାୟ ୨୦୦ ମହିଳା ଏବଂ କିଶୋରୀ ବାଳିକାଙ୍କୁ ସ୍ୱଚ୍ଛତା କିଟ୍ ପ୍ରଦାନ କରିଥିଲେ ।

**'ବସୁଧା' ଯୋଜନା ଫେଲ୍**

# ଫ୍ଲୋରାଇଡ୍‌ଯୁକ୍ତ ପାଣି ପିଉଛନ୍ତି ମହୁଲଭଟା ଗ୍ରାମବାସୀ

କୋମନା, ୭ ।୩(ସମିସ)



ସରକାର ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ 'ବସୁଧା' ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମହୁଲଭଟା ଗାଁରେ ଯୋଜନା କେବଳ ପ୍ରହସନ ପାଲଟିଛି । ଗାଁରେ ପାଇପ୍ ଲାଇନ ବିଛାଯାଇଛି, ହେଲେ ଲୋକଙ୍କ ଶୋଷ ମେଣ୍ଟାଇବାରେ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି । ପାଣି ପାଇଁ ଗାଁରେ ଏବେ ଦେଖାଦେଇଛି ତୀବ୍ର ଅସନ୍ତୋଷ । ପାନୀୟ ଜଳ ଯୋଗାଣ ବିଭାଗର ଅପାରଗତା ଯୋଗୁଁ ଗାଁକୁ ଠିକ୍ ଭାବେ ପାଣି ପହଞ୍ଚି ପାରୁନାହିଁ । ଫଳରେ ଗାଁର ପ୍ରାୟ ୧୦୦୦ରୁ ଅଧିକ ଲୋକ ଏବେ ନଳକୂଅ ପାଣି ଉପରେ ନିର୍ଭର କରୁଛନ୍ତି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଯେ ସେମାନେ ବାଧ୍ୟ ହୋଇ ଯେଉଁ ନଳକୂଅ ପାଣି ପିଉଛନ୍ତି, ତାହା ଫ୍ଲୋରାଇଡ୍ ଯୁକ୍ତ । ଏହି ବିଷାକ୍ତ ପାଣି ପିଇବା ଦ୍ୱାରା ଶରୀର ଉପରେ କୁପ୍ରଭାବ ପଡ଼ିବା ସହ ହାଡ଼ ଜନିତ ରୋଗ ହେବାର ଭୟ ସୃଷ୍ଟି ହୋଇଛି । ପାଇପ୍ ଅଛି କିନ୍ତୁ ପାଣି ନାହିଁ । ବାରମ୍ବାର ବିଭାଗକୁ ଜଣାଇଲେ ମଧ୍ୟ କେହି ଶୁଣୁନାହାନ୍ତି କି କୌଣସି ପଦକ୍ଷେପ ନେଉନାହିଁ । ଫ୍ଲୋରାଇଡ୍ ପାଣି ପିଇବା ଦ୍ୱାରା ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ବିପଦରେ ।ପ୍ରଶାସନ ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ନେଇ ପାଣି ଯୋଗାଣ ସମସ୍ୟାର ସମାଧାନ ନହୁଏ ତେବେ ଆଗାମୀ ଦିନରେ ଏହା ଏକ ବଡ଼ ଆନ୍ଦୋଳନର ରୂପ ନେଇପାରେ ।

# ମଣ୍ଡଳକୁ ଗଡୁନି ସରକାରୀ ବସ୍



**ବେଲପଡା,୭ ।୩(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକର ମଣ୍ଡଳ ଗାଁ ଦେଇ ସରକାରୀ ବସ୍ ଚଳାଚଳ କରିବାକୁ ଦାବି ହେଉଛି । ଗାଁରେ ୧୦ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି । ଆଖ ପାଖ ଅଞ୍ଚଳର ଅଧିକାଂଶ ଲୋକ ମଣ୍ଡଳ ଗାଁ ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାନ୍ତି; କିନ୍ତୁ ଏହି ଗାଁ ରାସ୍ତା ଦେଇ କୌଣସି ବସ୍ ଚଳାଚଳ କରୁନି । ଏଣୁ ଅନେକ ଲୋକ ହଇରାଣ ହେଉଛନ୍ତି । ଏମିତି କି ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ବସ୍ ସେବା ମଧ୍ୟ ନାହିଁ । ଲୋକେ ବ୍ଲକ, ହସ୍ପିଟାଲ ବା ବିଭିନ୍ନ ସ୍ଥାନକୁ ଯାତାୟାତ ପାଇଁ ହଇରାଣ ହେଉଛନ୍ତି । ଅତ୍ୟଧିକ ଟଙ୍କା ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏହି ରାସ୍ତା ସଇଁତଲାରୁ ବେଲପଡା ବ୍ଲକ୍‌କୁ ସଂଯୋଗ ହୋଇଛି । ମଣ୍ଡଳ ଗାଁରୁ ବିଭିନ୍ନ ଦିଗକୁ ରାସ୍ତା ରହିଛି । ଏକ ଜନଗହଳିପୂର୍ଣ୍ଣ ସହର । ତଥାପି ଗମନା ଗମନର ସୁବିଧା ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି । ଗାଁରେ ସରକାରୀ ଅର୍ଥରେ ଏକ ନୂତନ ବସଷ୍ଟାଣ୍ଡ ମଧ୍ୟ ରହିଛି; କିନ୍ତୁ ଗାଁ ଦେଇ ବସ୍ ଯାଉନି । ଏଣୁ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ବିଭାଗ ଦୃଷ୍ଟି ଦେଇ ଅଞ୍ଚଳକୁ ବସ୍ ଚଳାଚଳ କରିବାକୁ ଅଭିମନ୍ୟୁ ପୁରୋହିତ, କୁଞ୍ଜ ବିହାରୀ ଅଗସ୍ତି, ଧ୍ରୁବରାଜ ଖରସେଲ, ରାମେଶ୍ୱର ଖରସେଲ, ଅମିତାବ ଠାକୁର, ବିଶ୍ୱ ବାଗ, ଗୋପାଳ ନାଏକ, ସନ୍ୟାସୀ ଭଙ୍ଗାଗୁରିଆ, ନିମାଇ ମହାନନ୍ଦ, ମୁକୁନ୍ଦ ଖମାରି, ରୁନା ଅଗସ୍ତି, ପିଣ୍ଟୁ ଖମାରି, ଦିଲୀପ ପାଢ଼ୀ ପ୍ରମୁଖ ଦାବି କରିଛନ୍ତି । ନ ହେଲେ ଆନ୍ଦୋଳନ କରିବାକୁ ଏମାନେ ଚେତାବନୀ ଦେଇଛନ୍ତି ।

# ଭାଙ୍ଗିଗଲାଣି ସ୍ମାର୍ଟ ଟ୍ରାଫିକ ଲାଇଟ

**ବଲାଙ୍ଗିର,୭।୩(ସମିସ)**

ବଲାଙ୍ଗିର ସହରରେ ହୁଗୁଳା ହୋଇପଡିଛି ସ୍ୱୟଂଚାଳିତ ଟ୍ରାଫିକ ବ୍ୟବସ୍ଥା । ସହରର ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସୁରକ୍ଷିତ ସହର ପ୍ରକଳ୍ପ ଅଧୀନରେ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥା ସହ ଉଚ୍ଚକ୍ଷମତା ସଂପନ୍ନ ସିସିଟିଭି ସହରର ବିଭିନ୍ନ ଟ୍ରାଫିକ ପୋଷ୍ଟରେ ଲଗାଯାଇଥିଲା । ଏଥିପାଇଁ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ବର୍ତ୍ତମାନ ସମୟରେ ଏହି ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡଛି । ୪ଟି ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥାରୁ ମାତ୍ର ଗୋଟିଏ କାର୍ଯ୍ୟକ୍ଷମ ରହିଛି । ଅନ୍ୟ ୩ଟି ବନ୍ଦ ହୋଇପଡିଛି । କାହାର ଖୁଣ୍ଟ ଭାଙ୍ଗିଯାଇଛି ତ ଆଉ କାହାର ଟ୍ରାଫିକ ଲାଇଟ ଭାଙ୍ଗି ଉପରେ ଝୁଲୁଛି । ଏମିତିରେ ଆଉ କିଛି ଛକରେ ପୁଣି ଏହି ବ୍ୟବସ୍ଥା କରିବା ପାଇଁ ଯୋଜନା କରାଯାଉଥିବା ବେଳେ ତାହାର ମଧ୍ୟ ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି ।

ବଲାଙ୍ଗିର ଟ୍ରାଫିକ ବ୍ୟବସ୍ଥା ସବୁବେଳେ ଏକ ପ୍ରଶ୍ନ ହୋଇରହିଛି । ସହରରେ ଟ୍ରାଫିକ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ୨୦୨୨ ମସିହାରେ ସୁରକ୍ଷିତ ସହର ପ୍ରକଳ୍ପ ଅଧୀନରେ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥା ସହ ସିସିଟିଭି ଲଗାଯାଇଥିଲା । ଏଥିପାଇଁ ପ୍ରାୟ ୧ କୋଟି ଟଙ୍କାରୁ ଅଧିକ ଅନୁଦାନ ଦିଆଯାଇଥିଲା । ଏଥିରେ କଚେରୀ ଛକ, ପାଟନା ହୋଟେଲ ଛକ, ଭାଗରଥୀ ଛକ ଓ ଆରଟିଓ ଛକରେ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥା କରାଯାଇଥିଲା । ସହରର ସମସ୍ତ ମୁଖ୍ୟ ଛକରେ ଉଚ୍ଚ



- ୩ ଟ୍ରାଫିକରେ ସ୍ୱୟଂଚାଳିତ ସିଗନାଲ ବନ୍ଦ
- ସ୍ମାର୍ଟରୁ ପୁଣି ପୂର୍ବାବସ୍ଥାରେ ଚାଲିଛି ଟ୍ରାଫିକ ନିୟନ୍ତ୍ରଣ

କ୍ଷମତା ସଂପନ୍ନ ସିସିଟିଭି କ୍ୟାମେରା ଲଗାଯାଇଥିଲା । ପରବର୍ତ୍ତୀ ସମୟରେ ମଧ୍ୟ ଆହୁରି ଅଧିକ ଟଙ୍କା ଖର୍ଚ୍ଚ କରାଯାଇ କ୍ୟାମେରା ଲଗାଯାଇଥିଲା । ତେବେ ବର୍ତ୍ତମାନ ସମୟରେ କେତେ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ ଅଛି ସେନେଇ କୌଣସି ସୂଚନା ମିଳିନି । ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥାର ବିକଳ ଚିତ୍ର ସାମ୍ନାକୁ ଆସିଛି । ଆରମ୍ଭ ହେବାର କିଛି ବର୍ଷ ଭିତରେ ହିଁ କଚେରୀ ଛକରେ ଥିବା ସ୍ୱୟଂଚାଳିତ ଟ୍ରାଫିକ ସିଗନାଲ ବନ୍ଦ ହୋଇଯାଇଥିଲା । ଏହା ଏକ ସଂକୀର୍ଣ୍ଣ ଛକ । ସେହି ସମୟରେ ରାସ୍ତାରେ ଡିଭାଇଡର ନିର୍ମାଣ କରି ଆହୁରି ସଂକୀର୍ଣ୍ଣ କରାଯାଇଥିଲା । ଏହାଫଳରେ ଛକ ଦେଇ ଯାଉଥିବା ଭାରୀଯାନ ଧକ୍କାରେ ଏହି ଟ୍ରାଫିକ ଖୁଣ୍ଟ ଭାଙ୍ଗି ଯାଉଥିବା ଦେଖିବାକୁ ମିଳିଥିଲା । ଏହାଫଳରେ ତାହା ବନ୍ଦ ହୋଇଯାଇଥିଲା । ସେହିପରି କଚେରୀ ଛକରେ ଥିବା ଟ୍ରାଫିକ ପୋଷ୍ଟର କିଛି ଠିକଣା ନାହିଁ । କେତେବେଳେ ଚାଲିଥାଏ କେତେବେଳେ ପୁଣି ବନ୍ଦ ପଡିଥାଏ । କିଛି ମାସ ହେଲା ଏହି ଟ୍ରାଫିକରେ ମଧ୍ୟ ସ୍ୱୟଂଚାଳିତ ଟ୍ରାଫିକ ସିଗନାଲ ବନ୍ଦ ପଡିଛି । ଖୁଣ୍ଟରେ ଲାଗିଥିବା ଲାଇଟ ଭାଙ୍ଗି ଝୁଲୁଥିବା ବେଳେ ଏହା ଆଉ ଥରେ କେବେ କାର୍ଯ୍ୟକ୍ଷମ ହେବ ତାହା କହିବା ମୁସ୍କିଲ । ସେହିପରି ଭାଗରଥୀ ଛକ ଟ୍ରାଫିକ ସିଗନାଲ ଠିକ୍ ରହିଥିବା ବେଳେ ଆରଟିଓ ଛକରେ ଥିବା ଟ୍ରାଫିକ ସିଗନାଲ କିଛି ମାସ ହେଲା ବନ୍ଦ ପଡିଥିବା ଦେଖିବାକୁ ମିଳିଛି । କାହିଁକି ବନ୍ଦ ପଡିଛି ସେନେଇ ମଧ୍ୟ କିଛି ସୂଚନା କାହା ପାଖରେ ନାହିଁ । ଏମିତିରେ ସହରର ଆଉ କିଛି ସ୍ଥାନ ପିପି ଏକାଡେମୀ ଛକ, ମହାଦେବ ମନ୍ଦିର ଛକ ସହ ଆଉ କିଛି ସ୍ଥାନରେ ଏହି ବ୍ୟବସ୍ଥା କରିବାକୁ ଯୋଜନା ରହିଥିବା ବେଳେ ତାହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି । ତେବେ ରକ୍ଷଣା ବେକ୍ଷଣ ଅଭାବ ସହ ମନମୁଖୀ କାରବାର ଯୋଗୁ ଏହି ବ୍ୟବସ୍ଥା ସହରରେ ଫେଲ୍ ମାରିଛି । ଏଥିରେ ସୁଧାର ଆଣିବା ଦିଗରେ ମଧ୍ୟ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି ।

# ୫ ମାସ ବ୍ୟବହୃତ ଥାନା ଉଦ୍‌ଘାଟିତ

**ବଲାଙ୍ଗିର,୭ ।୩(ସମିସ):** ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ଓ ଆଗଲପୁର ଥାନା ଉଦ୍‌ଘାଟିତ ହୋଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ କରକମଳରେ ଏହା ଉଦ୍‌ଘାଟିତ ହୋଇଛି; କିନ୍ତୁ ଜିଲ୍ଲାର ଏହି ଦୁଇ ଥାନା ଉଦ୍‌ଘାଟନ ହେବାର ପ୍ରାୟ ୫ ମାସ ପୂର୍ବରୁ ନୂତନ କୋଠାକୁ ସ୍ଥାନାନ୍ତର ହୋଇଥିଲା । ବର୍ତ୍ତମାନ ଉଦ୍‌ଘାଟନକୁ ନେଇ ପ୍ରଶ୍ନ ଉଠିଛି ।

ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତରେ ଆସି ରାଜ୍ୟରେ ନିର୍ମାଣ ହୋଇଥିବା ନୂତନ ଥାନା କୋଠା ଉଦ୍‌ଘାଟନ କରିଛନ୍ତି । ଏଥିରେ ଆଗଲପୁର ଓ ପୁଇନ୍ତଲା ଥାନା ଉଦ୍‌ଘାଟିତ ହୋଇଛି । ଆଭାସି ମାଧ୍ୟମରେ ଥାନାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ତେବେ ଏହି ଉଦଘାଟନୀ କାର୍ଯ୍ୟକ୍ରମ ଭିତରେ ଦୁଇ ଥାନାକୁ ନେଇ ବିବାଦ ଦେଖାଦେଇଛି । ଉଦ୍‌ଘାଟନ ପୂର୍ବରୁ ଦୁଇ ଥାନା କାର୍ଯ୍ୟକ୍ଷମ ହୋଇଛି । ଗତ ସେପ୍ଟେମ୍ବର ମାସରେ ହିଁ ଏହି ଦୁଇ ଥାନାରେ ପୂଜାର୍ଚ୍ଚନା କରି କାର୍ଯ୍ୟ ଆରମ୍ଭ ହୋଇଛି । ଯଦି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇ ନ ଥିଲା ତେବେ ନୂତନ ଥାନା ଆରମ୍ଭ କରିବାକୁ କାହା ନିର୍ଦ୍ଦେଶ ରହିଥିଲା ତାହା ଏବେ ପ୍ରଶ୍ନ ଉଠିଛି । ଯଦି ସେହି ସମୟରେ ଉଦ୍‌ଘାଟନ ପୂର୍ବରୁ କାର୍ଯ୍ୟକ୍ଷମ କରିବାକୁ ବିଭାଗୀୟ ନିର୍ଦ୍ଦେଶ ରହିଥିଲା ତେବେ ଶୁକ୍ରବାର ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ'ଣ ଆବଶ୍ୟକ ଥିଲା ତାହା ଆଉ ଏକ ପ୍ରଶ୍ନ ସୃଷ୍ଟି କରିଛି । ଏଥିରୁ ସ୍ପଷ୍ଟ ଯେ ଅଧିକାରୀମାନଙ୍କ ନୂତନ ଥାନା କୋଠା ପ୍ରେମ ଯୋଗୁଁ ଉଦ୍‌ଘାଟନ ପୂର୍ବରୁ ବ୍ୟବହାର କରାଯାଇଥିବା ଆଲୋଚନା ହେଉଛି ।



# ବ୍ଲକ୍‌ସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ



**ଖପ୍ରାଖୋଲ, ୭ ।୩ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ାନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥି ରୂପେ ବ୍ଲକ୍ ଅଧ୍ୟକ୍ଷା ନିରୂପମା ପଟେଲ, ସମ୍ମାନୀତ ଅତିଥି ରୂପେ ପଦ୍ମ କୁମାର ସିଂ ବରିହା, ସନ୍ତୋଷ ଭଇଁସାଲ, ସିଡିପିଓ ଅମିତା ପଣ୍ଡା, ଓଏଭି ଅଧ୍ୟକ୍ଷା ସରିତା ନାଏକ, ଓଏଲ୍‌ଏମ ବିପିଏମ ପଙ୍କଜିନି ତରାସିଆ, ବ୍ଲକ କୃଷି ଅଧିକାରୀ ସନ୍ତୋଷ ମେହେର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲ, ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ସ୍ଥାନୀୟ ସରପଞ୍ଚ ବେଟିଖାଇ ସେହ୍ରାଆ, ମହିଳା ଚାଷୀ ସରୋଜିନୀ ସାହୁ, ରଶ୍ମିତା ପାତ୍ର, ସୂର୍ଯ୍ୟ ବରିହା, ଗୌରୀ ଭୁଏ, ଡାକ୍ତର ମୋନିକା ମଲ୍ଲିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପବିତ୍ର ପଟେଲ, ଉମେଶ ଗୁପ୍ତା, ପ୍ରଶାନ୍ତ ନନ୍ଦ, ମାଧୁରୀ ଦୀପଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଏମବିକେ, ସିଆରପି ଉପସ୍ଥିତ ଥିଲେ । ଏଫ୍‌ଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଓଏଲ୍‌ଏମ ବିପିଏମ ପାଙ୍କଜିନୀ ତରାଶିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲୋଇସିଂହା,୭ ।୩(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ହରେକୃଷ୍ଣ ଉଚ୍ଚ ମହତାବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପବିତ୍ର ମୋହନ ମେହେର, ତହସିଲଦାର ଟିଙ୍କୁନୁ ପୁଟା, ବିଡିଓ ଅକ୍ଷୟ ପାଣି ଉଣ୍ଡୁ, ବିଦ୍ୟାଳୟ ହୀରକ ଜୟନ୍ତୀ କମିଟି ସଭାପତି ଦିଲୀପ ବେହେରା, କୋଷାଧ୍ୟକ୍ଷ ରାଜ ନାରାୟଣ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ନବ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉଦ୍ଧବ ଚରଣ ପଟେଲ ସଭାପତିତ୍ୱ କରିଥିଲେ । ଶିକ୍ଷକ ଭକ୍ତ ଚରଣ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।



# ଚଳଚ୍ଚିତ୍ର 'ସଂଘର୍ଷ' ପାଇଁ ପ୍ରସ୍ତୁତି

**ବଲାଙ୍ଗିର,୭ ।୩(ସମିସ):** ଏ.କେ.ଫିଲ୍ମ ବଲାଙ୍ଗିରର ଆଗାମୀ ଚଳଚ୍ଚିତ୍ର ସଂଘର୍ଷ ପାଇଁ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ସମାଜସେବୀ ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ପୌରାଧ୍ୟକ୍ଷା ଲିକା ସାହୁ, ବାର୍ ଆସୋସିଏସନ ସଭାପତି ବାସୁଦେବ ରଥ, ଗୁରୁଶ୍ରୀ ଘାସିରାମ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଦୀପ୍ତି ପ୍ରସାଦ ଦାଶ ସଭା ପରି.ଳନା କରିଥିଲେ । ବିଶିଷ୍ଟ କଳାକାରମାନେ ଏଥିରେ ଯୋଗ ଦେଇଥିଲେ । ଚଳଚ୍ଚିତ୍ରଟିର ନିର୍ଦ୍ଦେଶକ ଅଶୋକ ମିଶ୍ର ଚଳଚ୍ଚିତ୍ର ସଂପର୍କରେ ସୂଚନା ଦେଇଥିଲେ । ରାମଶଙ୍କର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।





# ଘୁନସରରେ ଜବରଦଖଲ ଉଚ୍ଛେଦ



**ସଇଁତଲା,୭ ।୩(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଘୁନସର ଗାଁର ହାଟପଦା ନିକଟରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଧ ହୋଇଛି । ଦୀର୍ଘଦିନ ଧରି କେତେକ ବ୍ୟକ୍ତି ବେଆଇନ ଭାବେ ଏଠାରେ ଦୋକାନ ନିର୍ମାଣ କରିଥିଲେ । ପ୍ରଶାସନ ପକ୍ଷରୁ ଶେଷରେ ଏହାକୁ ଉଚ୍ଛେଦ ଗ୍ରହଣ କରାଯାଇଛି । ସଇଁତଲା ଅତିରିକ୍ତ ତହସିଲଦାର ମୋହନ ମୁଣ୍ଡା (ମାଜିଷ୍ଟ୍ରେଟ) ସ୍ଥାନୀୟ ସରପଞ୍ଚ ଅନୁରାଧା ସେଠ, ସଇଁତଲା ଥାନାଧିକାରୀ ଖଗେଶ୍ୱର ବିଶ୍ୱାଲ, ଏସଆଇ ଆଲୋକ ଭୋଇ, ପୂର୍ଣ୍ଣିମା ଦେହୁରୀ, ମାଧୁରୀ ଛୁରା, ଆରଆଇ ଅଶ୍ୱିନୀ ଜାଲ ପ୍ରମୁଖଙ୍କ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ କରାଯାଇଥିଲା ।

# ବୀଣାପାଣି କଲେଜରେ ଜୈବିକ କୃଷି ଉପରେ ଆଲୋଚନା


**ବେଲପଡା, ୭ ।୩(ସମିସ):** ଧୂମାଭଟା ବୀଣାପାଣି କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଜୈବିକ କୃଷି ଉପରେ ଆଲୋଚନା ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ମମତା ସେନାପତିଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ମୁଖ୍ୟ ମଦନ ମହନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।



ବିଶ୍ୱଜିତ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । +୨ ଅଧ୍ୟକ୍ଷ ଦେବାର୍ଚ୍ଚନ ନାଗ ମଞ୍ଚାସୀନ ଥିଲେ । ନିତୁ ମେହେର ଅତିଥି ପରିଚୟ ଦେଇଥି୍ଲେ । ଲମ୍ବୋଦର ବୁଢ଼େକ, ଲୋକନାଥ ବୁଢ଼େକ, ମନୋଜ ବୁଢ଼େକ, ଦିନେଶ ମେହେର, ଆଲୋକ ଦେହରି, ସୁନିତା ବୁଢ଼େକ, ମୀରା ନାଏକ, ମନୀଷା ବୁଡେକ, ଫକୀରମୋହନ ରଣା, ଅଙ୍କୁଶ ପ୍ରଧାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

**ଡୁକେରଚଚରା ଗାଁରେ ମନରେଗା ଦୁର୍ନୀତି**

# ଶ୍ରମିକ ବଦଳରେ ମେସିନରେ କାମ



- ଭିଡିଓ ଭାଇରାଲ ପରେ ଚର୍ଚ୍ଚା
- ମାଟି କାମ ପାଇଁ ୧୦ ଲକ୍ଷ ଟଙ୍କା ଆସିଛି
- ଗାଁ ସାଥୀ ଠିକାଦାର ସାଜିଛନ୍ତି



**ସଇଁତଲା, ୭ ।୩(ସମିସ):** ଗ୍ରାମୀଣ ଅଞ୍ଚଳରେ ବେରୋଜଗାରୀ ହ୍ରାସ କରିବା ସହ ଦାଦନ ସମସ୍ୟାକୁ ରୋକିବା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ରହିଛି । ଗ୍ରାମୀଣ ଶ୍ରମିକଙ୍କୁ ବର୍ଷକୁ କମ୍‌ରେ ୧୦୦ ଦିନର କାମ ଯୋଗାଇ ଦେବା ଏହାର ଲକ୍ଷ୍ୟ; କିନ୍ତୁ ଏହି ଯୋଜନାର ଉଦ୍ଦେଶ୍ୟକୁ ଅବହେଳା କରି ବହୁ ସ୍ଥାନରେ ଦୁର୍ନୀତି ଓ ଅନିୟମିତତା ହେଉଥିବା ଅଭିଯୋଗ ଆସୁଛି । ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ୍ ଜୁରାବନ୍ଧ ପଞ୍ଚାୟତ ଡୁକେରଚଚରା ଗାଁରେ ଏହାର ଏକ ତାଜା ଉଦାହରଣ ଦେଖିବାକୁ ମିଳିଛି । ଏହି ଗାଁରେ ମନରେଗା ଯୋଜନାରେ ହେଉଥିବା ଏକ କାମକୁ ନେଇ ବର୍ତ୍ତମାନ ବଡ଼ ବିବାଦ ସୃଷ୍ଟି ହୋଇଛି । ଗାଁର ତେତେଲମୁଣ୍ଡା ମାଟି କାମ ପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା; କିନ୍ତୁ ଏହି କାମରେ ଶ୍ରମିକଙ୍କୁ ନିଯୁକ୍ତି ଦେବା ବଦଳରେ ମେସିନ ବ୍ୟବହାର କରାଯାଇଥିବା ଅଭିଯୋଗ ଆସିଛି । ଏହାର ଏକ ଭିଡିଓ ଭାଇରାଲ ହୋଇଛି । ଏହି କାମ ମନରେଗା ଯୋଜନା ଅଧୀନରେ ହେବାକୁ ଥିବାରୁ ଏଠାରେ ଗ୍ରାମୀଣ ଶ୍ରମିକଙ୍କୁ କାମ ମିଳିବା କଥା; କିନ୍ତୁ ଶ୍ରମିକଙ୍କୁ କାମ ଦେବା ବଦଳରେ ଜେସିବି ଓ ଅନ୍ୟାନ୍ୟ ମେସିନ ବ୍ୟବହାର କରି କାମ କରାଯାଉଛି । ଗାଁ ଲୋକେ ଏଭଳି ଗୁରୁତର ଅଭିଯୋଗ କରିଛନ୍ତି । ଏହାର ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି । ମନରେଗା ନିୟମ ଅନୁସାରେ ଏହି ଯୋଜନାରେ ମେସିନ ବ୍ୟବହାର କରିବା ନିଷିଦ୍ଧ । ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ଶ୍ରମିକଙ୍କୁ କାମ ଦେଇ ରୋଜଗାର ଯୋଗାଇବା । ତଥାପି ଏଠାରେ ମେସିନ ବ୍ୟବହାର ହେଉଛି । ଏଣୁ ଗାଁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ଏହି କାମରେ ମେସିନ ବ୍ୟବହାର କରାଯାଉଥିବା ବେଳେ କେହି ଭାଇରାଲ କରିଦେଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ମନରେଗା ଯୋଜନାରେ ଶ୍ରମିକମାନେ କାମ ପାଇବାର ଥିଲେ ମଧ୍ୟ ସେମାନଙ୍କୁ କାମ ଦିଆଯାଉନି । ଏହା ପରିବର୍ତ୍ତେ ମେସିନ ଲଗାଇ କାମ କରାଯାଉଛି । କାଗଜପତ୍ରରେ ଶ୍ରମିକଙ୍କ ନାମ ଦେଖାଇ ଟଙ୍କା ଉଠାଯାଉଛି । ଗାଁ ସାଥୀ ଠିକାଦାର ସାଜିଛନ୍ତି । ମନରେଗା ଯୋଜନାରେ ଗାଁ ସାଥୀ ଭାବେ କାମ କରୁଥିବା ବ୍ୟକ୍ତି ନିଜେ ଠିକାଦାର ଭୂମିକା ତୁଲାଉଛନ୍ତି । ଗାଁ ସାଥୀଙ୍କ ମୂଳ କାମ ହେଉଛି ଗ୍ରାମବାସୀଙ୍କୁ ଯୋଜନା ସମ୍ପର୍କରେ ସଚେତନ କରିବା ଓ କାମର ଠିକ୍ ନିର୍ବାହକୁ ସୁନିଶ୍ଚିତ କରିବା । ସେ କିନ୍ତୁ ଠିକାଦାର ସାଜିଛନ୍ତି । ତେବେ ବଲାଙ୍ଗୀର ଜିଲ୍ଲା ଦାଦନ ସମସ୍ୟା ପାଇଁ ପରିଚିତ । ଅନେକ ଗରିବ ଶ୍ରମିକ କାମ ନ ଥିବାରୁ ଅନ୍ୟ ରାଜ୍ୟକୁ ଦାଦନ ଭାବେ କାମ କରିବାକୁ ଯାଆନ୍ତି । ଏହି ସମସ୍ୟାକୁ ରୋକିବା ପାଇଁ ମନରେଗା ଯୋଜନା ଆରମ୍ଭ କରାଯାଇଥିଲା । ଯୋଜନା ମାଧ୍ୟମରେ ଗ୍ରାମୀଣ ଲୋକଙ୍କୁ ନିଜ ଗାଁରେ କାମ ମିଳିଲେ ସେମାନେ ଅନ୍ୟ ରାଜ୍ୟକୁ ଦାଦନ ଭାବେ ଯିବାକୁ ପଡ଼ିବ ନାହିଁ; କିନ୍ତୁ ଏପରି ଯୋଜନାରେ ମେସିନ ବ୍ୟବହାର କରି ଶ୍ରମିକଙ୍କୁ କାମ ଦିଆଯାଉନି । ଏଣୁ ଏହି ଯୋଜନା କିଭଳି ସଫଳ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏନେଇ ସଇଁତଲା ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧାଙ୍କୁ ପଚାରିବାରୁ ତାଙ୍କ ପାଖକୁ ଅଭିଯୋଗ ଆସିନାହିଁ । ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

**୧୪ ବ୍ଲକ୍‌କୁ ମାତ୍ର ୩୬ ଆମ୍ବୁଲାନ୍ସ**

# ଗୋଟିଏ ମଧ୍ୟ ଅଧିକ ଦେଲେନି

**ବଲାଙ୍ଗିର,୭।୩(ସମିସ)**



ରାଜ୍ୟରେ ଆମ୍ବୁଲାନ୍ସ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ କିଛି ମାସ ଭିତରେ ୩ଟି ପର୍ଯ୍ୟାୟରେ ପ୍ରାୟ ୪୨୮ ନୂତନ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି । ସରକାର ବିଭିନ୍ନ ଜିଲ୍ଲା ପାଇଁ ଲୋକାର୍ପଣ କରିଥିବା ଘୋଷଣା କରିଛନ୍ତି । ତଥାପି ବଲାଙ୍ଗିର ଜିଲ୍ଲାରେ ୧୦୮ ଆମ୍ବୁଲାନ୍ସ ସେବା ନିଅଣ୍ଟ ପଡିଛି । ନୂତନ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି; କିନ୍ତୁ ତାହା ପୂର୍ବ ସଂଖ୍ୟା ସହ ସମାନ । ଯେତିକି ଆମ୍ବୁଲାନ୍ସ ହଟାଇ ଦିଆଯାଇଛି ସେତିକି ଆମ୍ବୁଲାନ୍ସ ହିଁ ଜିଲ୍ଲାକୁ ଦିଆଯାଇଛି । ଗୋଟିଏ ପଟେ ସୁଦୃଢ ଆମ୍ବୁଲାନ୍ସ ବ୍ୟବସ୍ଥାକୁ ନେଇ ସରକାର ବାହାବା ନେଇ ପ୍ରଚାର କରୁଛନ୍ତି । ଅସଲ ସତ୍ୟ କିନ୍ତୁ ଭିନ୍ନ ।

ବଲାଙ୍ଗିର ଜିଲ୍ଲାରେ ରୋଗୀ ମୃତ୍ୟୁ ଘଟଣାରେ ଆମ୍ବୁଲାନ୍ସ ବ୍ୟବସ୍ଥା ବିବାଦ ଘେରରେ ରହିଥାଏ । ଅନେକ ସମୟରେ ଡାକ୍ତରଖାନା ଆଣିବାରେ ବିଳମ୍ବ ହେଉଥିବାରୁ ରୋଗୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହୋଇଥାଏ । ବିଶେଷ କରି ଦୁର୍ଘଟଣା ସମୟରେ ୧୦୮ ଆମ୍ବୁଲାନ୍ସ ସୁବିଧାକୁ ନେଇ ଲୋକେ ପ୍ରଶ୍ନ ଉଠାଇଥାନ୍ତି । ଜିଲ୍ଲାରେ ଥିବା ଆମ୍ବୁଲାନ୍ସ ଅଭାବ ଏହାର ପ୍ରମୁଖ କାରଣ । ଜିଲ୍ଲାରେ ସମୁଦାୟ ୪୩ଟି ଆମ୍ବୁଲାନ୍ସ ରହିଛି । ଏଥିରେ ୩୬ଟି ୧୦୮ ଓ ୧୭ଟି ୧୦୨ ଆମ୍ବୁଲାନ୍ସ ଅନ୍ତର୍ଭୁକ୍ତ । ୩୬ଟି ୧୦୮ ଆମ୍ବୁଲାନ୍ସ ମଧ୍ୟରୁ ୧୯ଟି ଏଏଲଏସ ବା ଆଡଭାନ୍ସ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ରହିଛି । ୧୭ଟି ବିଏଲଏସ ବା ବେସିକ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ରହିଛି । ତେବେ ବଲାଙ୍ଗିରକୁ ଅତିରିକ୍ତ ଗୋଟିଏ ବି ଆମ୍ବୁଲାନ୍ସ ଦିଆଯାଇନାହିଁ । ଯାହା କିଛି ଆସିଛି ତାହା ପୁରୁଣା ଆମ୍ବୁଲାନ୍ସ ହଟାଇବା ବଦଳରେ ହିଁ ଦିଆଯାଇଛି । ୩୬ଟି ୧୦୮ ଆମ୍ବୁଲାନ୍ସ ମଧ୍ୟରୁ ୧୭ଟି ବିଏସ-୪ ମଡେଲ ରହିଥିଲା । ଯାହାକୁ ଆମ୍ବୁଲାନ୍ସ ଗାଇଡଲାଇନ ଅନୁସାରେ ହଟାଇ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାକୁ ୧୩ ଟି ଆମ୍ବୁଲାନ୍ସ ଆସଛି । ୧୧ଟି ନିୟୋଜିତ କରାଯାଇଛି । ବଳକା ୨ଟି ଆମ୍ବୁଲାନ୍ସ ଗ୍ରହଣ କରାଯାଇଛି; କିନ୍ତୁ ଅନରୋଡ ହୋଇନି । ଆଉ ୪ଟି ଆମ୍ବୁଲାନ୍ସ ଖୁବଶୀଘ୍ର ଆସିବାକୁ ଯୋଜନା ରହିଛି । ଗୋଟିଏ ପଟେ ରାଜ୍ୟ ସରକାର ଆମ୍ବୁଲାନ୍ସ ବ୍ୟବସ୍ଥାକୁ ଅଧିକ ସୁଦୃଢ କରାଯାଉଥିବା କହୁଛନ୍ତି । ଅନ୍ୟପଟେ ଯେତିକି ଆମ୍ବୁଲାନ୍ସ ନେଇଛନ୍ତି ସେତିକି ଆମ୍ବୁଲାନ୍ସ ହିଁ ଦିଆଯାଉଛି । ଗୋଟିଏ ବି ଅତିରିକ୍ତ ଆମ୍ବୁଲାନ୍ସ ଦିଆଯାଇନି । ଏଣୁ ପରିସ୍ଥିତି ଯେମିତିକୁ ସେମିତି ରହିଛି । ଆମ୍ବୁଲାନ୍ସର ଆବଶ୍ୟକତାକୁ ପୂରଣ କରିବାରେ ସରକାର ବିଫଳ ହୋଇଛନ୍ତି ।

- ହଟିଲା ଯେତିକି ଆସିଲା ସେତିକି
- ୧୭ ପୁରୁଣା ଗଲା; ୧୭ ନୂତନ ବ୍ୟବସ୍ଥା
- ୧୩ ଆସିଛି ଆଉ ୪ ଆସିବ, ତଥାପି ନିଅଣ୍ଟ

ନୂତନ ଆମ୍ବୁଲାନ୍ସ ଆସିଲେ ମଧ୍ୟ ରୋଗୀଙ୍କ ପାଖକୁ ବିଳମ୍ବିତ ସ୍ୱାସ୍ଥ୍ୟସେବା ପହଞ୍ଚୁଛି । କହିବାକୁ ଗଲେ ଡବଲ ଇଞ୍ଜିନ ସରକାରରେ ପ୍ରଚାର ପ୍ରବଳ । କାମ କିନ୍ତୁ ଅତି ଦୁର୍ବଳରୁ ଦୁର୍ବଳ । ସୂଚନାଯୋଗ୍ୟ, ପୂର୍ବରୁ ଏହି ଆମ୍ବୁଲାନ୍ସ ସେବା ଜିକିତ୍ସା ହେଲ୍ଥକେୟାର ହାତରେ ରହିଥିଲା । ଏବେ ଏହି ସେବା ଜିବିକେ-ଇଏମଆରଆଇ ଗ୍ରୀନ ହେଲ୍ଥ ସାର୍ଭିସ ସଂସ୍ଥା ହାତରେ ରହିଛି ।

# ବାବା



ପ୍ରତିଭା ପରିଡ଼ା



ଭାବ ଅଭାବର ସଂସାର ଚାଲିଥିଲା ଏକରକମ ସୁରୁଖୁରୁରେ । ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଆଉ ଜଣକ ତାଙ୍କର ଚାରି ବର୍ଷର ଟିକି ପୁଅଟି । ଦୁହେଁ ମିଶି ସଂସାରକୁ ଚଳାଇ ନେଉଥିଲେ । ସବୁଦିନ ପୁଅକୁ ଗାଧୋଇ, ଖୁଆଇ ସାରି ତାକୁ ସାଇକେଲରେ ବସାଇ ବାପା ସ୍କୁଲକୁ ନେଇ ଯାଉଥିଲେ । ଆଉ ଠିକ୍ ବେଳରେ ବାପପୁଅ ଦୁହେଁ ସ୍କୁଲରୁ ଘରକୁ ଫେରୁଥିଲେ ।

ପିଲାଟି ଭାରି ବୁଦ୍ଧିଆ ଥିଲା ସତ, କିନ୍ତୁ ଜିଦଖୋର ବି କମ୍ ନଥିଲା । ଜିଦ୍ କରୁଥିଲା, "ଖାଇବିନି, ଏବେ ପାଠ ପଢ଼ିବିନି ।" ପାଟି କରି ଜୋର୍‌ରେ କାନ୍ଦୁଥିଲା । ପୁଅଟି ଏମିତି ଜିଦ୍ କରି କାନ୍ଦୁଥିଲା ବେଳେ ପ୍ରାୟ ଶାନ୍ତ ରହୁଥିବା ବାପା ଟିକି ପୁଅର ମଥା ଆଉଁଷି ଦେଇ କହୁଥିଲେ, "ଏଇତକ ସାରିଦିଅ ବାବା !"

ପିଲାଟି ଆହୁରି ଜିଦ୍ କରୁଥିଲା, "ନା ନା ମୁଁ ତୁମ କଥା ମାନିବିନି । ଜମା ଖାଇବିନି । ତୁମେ କିଏ କି ?" ବାପା ଜଣକ ପୁଅଟିର କେଶ ସଜାଡୁ ସଜାଡୁ ତା'ର କୁନି କୁନି ଦୁଇ ପାପୁଲିକୁ ନିଜ ଗାଲରେ ଘଷି କହୁଥିଲେ "ମୁଁ ପରା ତୋର ବାବା । ଏଇତକ ସାରିଦିଅ ।"

ପିଲାଟି ବାପାଙ୍କ ମୁହଁକୁ ଚାହିଁ ରହୁଥିଲା, ବାପାଙ୍କ କୋଳରେ ମୁଣ୍ଡ ଗୁଞ୍ଜି ଦେଉଥିଲା । ସବୁକଥା ଚଟାପଟ ମାନି ନେଉଥିଲା । ତା'ପରେ ବାପପୁଅ ଦୁହେଁ ହସି ଦେଉଥିଲେ ।

ଥରେ ଥରେ ପୁଅଟି ରାତିରେ ଶୋଇବା ବେଳେ ବାପାଙ୍କୁ କହୁଥିଲା, "ସମସ୍ତଙ୍କ ଘରେ ମାଆ ଅଛନ୍ତି, ହେଲେ ଆମର କାହିଁକି ମାଆ ନାହାନ୍ତି?" କିଛି ସମୟ ପୁଅକୁ ଚାହିଁ ରହିବା ପରେ ବାପା ଧୀରେ ଧୀରେ କହୁଥିଲେ, "ସମସ୍ତଙ୍କ ଘରେ ମାଆ ଥାଆନ୍ତି, କିନ୍ତୁ ସମସ୍ତଙ୍କ ଭାଗ୍ୟରେ ମାଆ ନଥାନ୍ତି ।" ଏତକ କହି ପୁଅକୁ ନିଜ ଛାତିରେ ଚାପି ଧରନ୍ତି । ତା'ପରେ ପୁଅଟି ଧୀରେ ଧୀରେ ଶୋଇ ପଡ଼େ, ବାପା ବି ।

ସମୟ ତା'ର ନିଜ ହିସାବରେ ଗଡ଼ି ଯାଉଥିଲା । ସଂସାର ବି ବଦଳି ଯାଉଥିଲା । ତା' ସହିତ ବଦଳି ଯାଉଥିଲା ପରିସ୍ଥିତି, ପରିବେଶ ଓ ମଣିଷ ବି । ଏହା ଭିତରେ ଟିକି ପୁଅଟି କେବଳ ବୟସରେ ବଡ଼ ହୋଇଯାଇ ନଥିଲା, ଶିକ୍ଷାରେ, ଯୋଗ୍ୟତାରେ, ଆର୍ଥିକ କ୍ଷମତାରେ ବି ବେଶ୍ ସମର୍ଥ ହୋଇ ସାରିଥିଲା । ପାଠ ଶେଷ କରି ଗୋଟିଏ ଆନ୍ତର୍ଜାତୀୟ ସଂସ୍ଥାରେ ଜଣେ ଉଚ୍ଚପଦସ୍ଥ ଅଧିକାରୀ ଭାବରେ ପ୍ରତିଷ୍ଠିତ ହୋଇସାରିଥିଲା । ବୋହୂ ବି ଆସିଯାଇଥିଲା ଘରକୁ ।

କିଛି ବର୍ଷ ପରେ ଏବେ ବାପାଙ୍କର ବୃତ୍ତିରୁ ଅବସର । ଅର୍ଥାତ୍ ଏବେ ବିଶ୍ରାମ ନେବାର ସମୟ । ବାପା ଖୁସି ଖୁସି ଲାଗୁଥିଲେ ବି । ତେବେ ସବୁକିଛି ଠିକ୍‌ଠାକ୍ ଚାଲିଥିବା ବେଳେ ବାପା ଧୀରେ ଧୀରେ ଦୁର୍ବଳ ହୋଇ ପଡୁଥିଲେ । ବାପାଙ୍କର ସ୍ୱର ଅସ୍ପଷ୍ଟ ହୋଇ ଆସୁଥିଲା । ବେଳେ ବେଳେ ତାଙ୍କର ଝାଡ଼ା, ପରିସ୍ରା ବନ୍ଦ ହୋଇ ଯାଉଥିଲା । ପୁଣି କେବେ କେବେ ଦେହରେ ଜ୍ୱର ଭର୍ତ୍ତି ହୋଇ ଯାଉଥିଲା । ଭାରି କଷ୍ଟ ଭୋଗୁଥିଲେ । ବାପା ହସ୍‌ପିଟାଲ୍ ଯାଉଥିଲେ, ପୁଣି କିଛି ଦିନ ହସ୍‌ପିଟାଲରେ ରହି ଘରକୁ ଫେରୁଥିଲେ । ରୋଗ ସମ୍ପର୍କରେ କହି କେହି ଡାକ୍ତର କିଛି କହି ପାରୁ ନଥିଲେ । ବାପା କେବଳ ଯନ୍ତ୍ରଣାରେ ହସୁଥିଲେ । ହୁଇଲ୍ ଚେୟାରରେ ବସି ରହୁଥିଲେ । କେମିତି ନୀରବ ହୋଇ ଯାଇଥିଲେ ।

ଏବେ ପୁଅଟି ଖାଲି ଉହଳ ବିକଳ ହେଉଥିଲା । ଭିତରେ ଭିତରେ ଆକ୍ରାମାକ୍ରା ହୋଇ ପଡୁଥିଲା । ଅଫିସ୍‌ରେ ସ୍ଥିର ହୋଇ ବସି ପାରୁ ନଥିଲା । କେତେ ବେଳେ ଛାତ ଉପରେ ଏକୁଟିଆ ବସି ରହି ଘଣ୍ଟା ଘଣ୍ଟା କାଳ ଆକାଶକୁ ଚାହିଁ ରହୁଥିଲା ତ, ପୁଣି କେତେ ବେଳେ ଡାକ୍ତର ଦେଇଥିବା ପ୍ରେସ୍କ୍ରିପସନ୍ ଆଉ ଔଷଧ ଇଞ୍ଜେକସନ୍ ପ୍ୟାକେଟ୍ ଅଣ୍ଡାଳୁ ଥିଲା ।

ଏବେ ପ୍ରଥମ ଆଉ ପ୍ରଧାନ ସମସ୍ୟା ଥିଲା, ବାପା କିଛି ଖାଉ ନଥିଲେ । କିଛି ବି କହି ପାରୁ ନଥିଲେ । ଗତକାଲି ବାପା ହସ୍‌ପିଟାଲ୍‌ରୁ ଫେରିଛନ୍ତି । ଅଫିସ୍‌ରୁ ଫେରି ଶୁଖିଲା ହସ ଖେଳେଇ ପୁଅ ବସିପଡ଼ିଲା ବାପାଙ୍କ ପାଖରେ । ଛୋଟ ପିଲାଙ୍କ ମଥା ଆଉଁଷି ଦେବା ଭଳି ପୁଅଟି ଧୀରେ ଧୀରେ ବାପାଙ୍କ ମଥା ଆଉଁଷି ଦେଉଥିଲା, କେଶ ସଜାଡୁ ଥିଲା । ବାପାଙ୍କ ଦୁଇ କାନ୍ଧ, ପିଠି ଆଉ ହାତକୁ ଆସ୍ତେ ଆସ୍ତେ ନିଜ ହାତରେ ଚାପି ଧରୁଥିଲା । ବାପା କିନ୍ତୁ ବସି ରହି ଥିଲେ ଶିଥିଳ, ଚୁପ୍‌ଚାପ୍ ।

ଏତିକି ବେଳକୁ ବୋହୂଟି ଜୁସ୍ ଗ୍ଲାସ୍ ଧରି ଆସିଲା, "ବାପାଙ୍କୁ ଏତକ ପିଆଇ ଦିଅ ତ । କିଛି ଖାଇ ନାହାଁନ୍ତି ଆଜି ।" ବୋହୂଟିର ଆଖିରୁ ଲୁହଧାର ଗଡ଼ି ଆସୁଥିଲା ।

ଏବେ ପୁଅଟିର ପାଳି । ଜୁସ୍ ଗ୍ଲାସ୍ ଧରି ବାପାଙ୍କ ଓଠରେ ଛୁଆଁଇ ସେ ନେହୁରା ହେଉଥିଲା, "ଏଇତକ ସାରିଦିଅ ବାବା ।" ବାପା ମୁହଁ ବୁଲେଇ ଦେଲେ ଅନ୍ୟ ଦିଗକୁ । ପୁଅଟି ଥରୁଥିଲା, ଭିତରେ ଭିତରେ ଲୋଟାକୋଟା ହୋଇ ପଡୁଥିଲା । କିଛିଟା ନିସ୍ତେଜତା, କିଛି ଦେହ କଷ୍ଟର ପ୍ରକୋପ, ଆଉ ବିସ୍ମରଣ ଜନିତ କ୍ଳାନ୍ତିରେ ବାପା ଅବସନ୍ନ ହୋଇପଡୁଥିଲେ ।

"ତୁ କିଏ କି? ମୁଁ କଥା ମାନିବିନି ।" ପୁଅ ସାଙ୍କୁଡ଼ି ଯାଉଥିଲା, ତା'ର ଛାତି ରୁନ୍ଧି ହୋଇଯାଉଥିଲା କୋହରେ । ଆଖିରେ ତା'ର ଟୋପାଏ ବି ପାଣି ବାହାରୁ ନଥିଲା । ସ୍ମୃତିତକ ଟାଣି ଓଟାରି ହୋଇ ତା' ମଥାକୁ ଖିନ୍‌ଭିନ୍ କରିଦେଉଥିଲା । ବୋହୂଟି ପାଖରେ କାକୁସ୍ଥରେ ଛିଡ଼ା ହୋଇ ରହିଥିଲା ନିର୍ବାକ୍ ମୂର୍ତ୍ତିଟିଏ ଭଳି ।

ଏଥରକ ବାପାଙ୍କ ଆହୁରି ପାଖକୁ ଘୁଞ୍ଚିଗଲା ପୁଅଟି । ଗୋଟିଏ ହାତରେ ବାପାଙ୍କ ପିଠି ଆଉଁଷି ଆର ହାତରେ ବାପାଙ୍କ ଦୁର୍ବଳ ଶିରାଳ ପାପୁଲିକୁ ନିଜ ଗାଲରେ ଘଷୁଥିଲା ସେ । ଏବେ ଓଦା ଓଦା ଗଳାରେ ରହି ରହି ପୁଅ ଅତିକଷ୍ଟରେ ଉଚ୍ଚାରଣ କରୁଥିଲା "ମୁଁ ପରା ତୁମର ବାବା ! ଏଇତକ ସାରିଦିଅ ଏଥର । ଏଇତକ ସାରିଦିଅ ତ ବାବା !"

ଏଥର କେଜାଣି କାହିଁକି ଅସ୍ଥିର ହୋଇପଡ଼ିଲା ସିଏ । ବଡ଼ ବଡ଼ ଲୁହ ଟୋପା ଖସି ପଡ଼ିଲା ତା' ଆଖିରୁ । ବାପା ସେମିତି ଜୁଳୁଜୁଳୁ ଦୋ ଦୋ ଚିହ୍ନା ଆଖିରେ ଚାହିଁ ରହିଥିଲେ ପୁଅକୁ ।

କିଛି କ୍ଷଣ ପରେ ହୁଇଲ ଚେୟାର୍‌ରେ ବସିଥିବା ବାପା ନିଜର ମଥା ଗୁଞ୍ଜି ଦେଲେ ପୁଅ ଛାତିରେ । ଏବେ ପୁଅ ଧରିଥିବା ଜୁସ୍ ଗ୍ଲାସ୍‌ଟି ଛୁଆଁଉ ଥିଲା ତାଙ୍କ ଓଠରେ । ବାପା ଦୁଇ ତିନି ଢୋକ ପିଇଦେଲେ କାହିଁ କେତେ କାଳର ତୃଷାର୍ତ୍ତ ଭଳି ।


ଗୋଟିଏ ହାତରେ ଜୁସ୍ ଗ୍ଲାସ୍ ଧରି ଆର ହାତରେ ବାପାଙ୍କ ପାପୁଲିକୁ ନିଜ ଗାଲରେ ଘଷୁଥିଲା ପୁଅଟି । ସତରେ ସେ ଯେମିତି ନିଜେ ବାପାଟିଏ, କୁନି ପୁଅକୁ ଖୁଆଇ ଦେଉଛି ।

ପାର୍କ ପାରାଡାଇଜ୍ କଲୋନୀ
ରଘୁନାଥପୁର, ନନ୍ଦନକାନନ ରୋଡ୍
କିଟ୍ ଛକ, ଭୁବନେଶ୍ୱର - ୭୫୧୦୨୪
ମୋ: ୮ ୯୧୭ ୬୦୩୪୪୨

## ପୁସ୍ତକ ପରିଚୟ

### ସନେଟ୍ ଶହେ ଏକାବନ

ମନୋଜ ପଟ୍ଟନାୟକ





ପୂର୍ବୀ ପ୍ରକାଶନୀ
ଅନ୍ନପୂର୍ଣ୍ଣା ରେସିଡେନ୍‌ସୀ,ଭୁବନେଶ୍ୱର- ୭୫୧୦୦୨
ପ୍ରଥମ ସଂସ୍କରଣ: ୨୦୨୫, ମୂଲ୍ୟ: ୨୦୦ ଟଙ୍କା

ସନେଟ୍ ବା ଚତୁର୍ଦ୍ଦଶପଦୀ ହେଉଛି ଏକ କଠୋର ଶୃଙ୍ଖଳାଧୀନ କବିତା ରଚନା ଶୈଳୀ । ପ୍ରତୀକ, ରୂପକଳ୍ପ, ମିଥ୍ ଆଦିର ବ୍ୟବହାରରେ ସନେଟ୍ ଅଧିକ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇଥାଏ । ସେ ଦୃଷ୍ଟିରୁ କବି ମନୋଜ ପଟ୍ଟନାୟକଙ୍କ 'ସନେଟ୍ ଶହେ ଏକାବନ' ପୁସ୍ତକର ସନେଟ୍‌ଗୁଡ଼ିକ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଜହ୍ନରାତି ହେଉ କି ଋତୁରାଜ ବସନ୍ତ, ମନରେ ପ୍ରେମ ଓ ରୋମାଞ୍ଚ ଭରିଦିଏ । ପ୍ରେମ, ଫଗୁଣ, ମାନବୀୟ ସୌନ୍ଦର୍ଯ୍ୟ କବି ପ୍ରାଣକୁ ମୋହାଚ୍ଛନ୍ନ କରିଛି । ସେଥିପାଇଁ ଏହି ପୁସ୍ତକର 'ବିହ୍ୱଳ ସ୍ୱପ୍ନ', 'ଜହ୍ନରାତି', 'ଶାରଦ ଗାଆଁ', 'ପ୍ରତୀପୂର୍ଣ୍ଣ ଋତୁ', 'ଦେହ କାନ୍ଥ', 'ଅଲିଖିତ ମିଶ୍ରରାଗ', 'ଜୀବନ ପର୍ବ', 'ଯଉବନର ଚିତ୍ରଗୀତି' ଆଦି ସନେଟ୍‌ଗୁଡ଼ିକ ମନଛୁଆଁ ହୋଇଛି । ପ୍ରେମ, ଯୌବନ, ସ୍ୱପ୍ନ, ଆଶା, ଆକାଂକ୍ଷା, ନାରୀର ସୌନ୍ଦର୍ଯ୍ୟ, ଋତୁ ବର୍ଣ୍ଣନାର ଚିତ୍ର ସନେଟ୍‌ଗୁଡ଼ିକରେ ମାର୍ମିକ ଭାବେ ଚିତ୍ରିତ ହୋଇଛି । ହୃଦୟର ଗଭୀର ଅନୁରାଗ, ଭାବର ଉଚ୍ଛ୍ୱାସ, ସରଳ ଓ ବୋଧଗମ୍ୟ ଭାଷା ଯୋଗୁଁ ଏହି ପୁସ୍ତକର ସନେଟ୍‌ଗୁଡ଼ିକ ପ୍ରାଣସ୍ପର୍ଶୀ ହୋଇଛି । 'ସନେଟ୍ ଶହେ ଏକାବନ' ପୁସ୍ତକର ସନେଟ୍‌ଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

### ବିନୋଦ ଚନ୍ଦ୍ର ମେହେର: ଅଭିଜ୍ଞାନ ଓ ଅଭିବ୍ୟକ୍ତି

ପ୍ରଫେସର ମଣୀନ୍ଦ୍ର କୁମାର ମେହେର




ନ୍ୟୁଟ୍ରା କ୍ରିଏସନ୍ସ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୫୦ ଟଙ୍କା

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ତୃତୀୟ ପୌତ୍ର ବିନୋଦ ଚନ୍ଦ୍ର ମେହେର ଏକାଧାରରେ ଥିଲେ ଜଣେ ଆଦର୍ଶ ଶିକ୍ଷକ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ଓ ଚିତ୍ରଶିଳ୍ପୀ । ବିନୋଦ ଚନ୍ଦ୍ରଙ୍କ ଜୀବନ, ବ୍ୟକ୍ତିତ୍ୱ ଓ କୃତିତ୍ୱକୁ ନେଇ ପ୍ରକାଶ ପାଇଛି ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ 'ବିନୋଦ ଚନ୍ଦ୍ର ମେହେର: ଅଭିଜ୍ଞାନ ଓ ଅଭିବ୍ୟକ୍ତି' ପୁସ୍ତକ । ଏହି ପୁସ୍ତକରେ 'ବିନୋଦ ଚନ୍ଦ୍ର ମେହେର: ଜୀବନ ବୃତ୍ତ', 'ବିବର୍ତ୍ତିତ ବ୍ୟକ୍ତିତ୍ୱ: ବିନୋଦ ଚନ୍ଦ୍ର', 'ପିତୃପ୍ରତିଭାର ପ୍ରସାର', 'ନାଟକର ଯାଦୁ- ଜଗତରେ ବିନୋଦ ଚନ୍ଦ୍ର', 'ରାଷ୍ଟ୍ର ନିର୍ମାଣର ନିଷ୍ଠାରେ ଗଙ୍ଗାଧର ସଂସ୍କୃତି', 'ପିତୃ ପ୍ରସଙ୍ଗ ଓ ଗଙ୍ଗାଧର ପ୍ରସଙ୍ଗ: ଏକ ତୁଳନା' ଆଦି ଆଲୋଚନାରେ ବିନୋଦ ଚନ୍ଦ୍ରଙ୍କ ଜୀବନ, ସାହିତ୍ୟ, ନାଟ୍ୟପ୍ରତିଭା, ଗଙ୍ଗାଧରଙ୍କ ସ୍ମୃତିରକ୍ଷା ଆଦି ସଂପର୍କରେ ମାର୍ମିକ ଭାବେ ଆଲୋଚନା କରାଯାଇଛି । ନୀରବ ସାହିତ୍ୟ ସାଧକ ବିନୋଦ ଚନ୍ଦ୍ର ମେହେରଙ୍କ ଜୀବନର ବହୁ ଅନାଲୋଚିତ ଦିଗ ଉପରେ ଲେଖକ ପ୍ରଫେସର ମେହେର ଆଲୋକପାତ କରିଛନ୍ତି । କବିପୌତ୍ର ବିନୋଦ ଚନ୍ଦ୍ର ମେହେରଙ୍କ ଜୀବନ, ବ୍ୟକ୍ତିତ୍ୱ ଓ ପ୍ରତିଭା ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ ।

# ବସନ୍ତ

ପବିତ୍ର ମୋହନ ଦାଶ



(୧)

ବୋମାକୁ ଡର କଣ ?
ବାରୁଦର ଗନ୍ଧକୁ ପରାସ୍ତ କରିପାରେ
ଆମ୍ବ ବଉଳର ବାସ୍ନା ।

(୨)

କେବଳ କୋଇଲି ନୁହେଁ
ଯେ କୌଣସି ପକ୍ଷୀ ଗାଉ
ପଞ୍ଚମାଳାପ ଶୁଭୁଥାଉ ।

(୩)

ଆଉଁଷି ଦେବାର ଇଚ୍ଛା ଆସୁ ଏ ବସୁଧାକୁ
ଖର ନିଃଶ୍ୱାସ
ଛାଏଁ ବଦଳି ଯିବ ମଳୟରେ ।


(୪)

ମୁଁ ଝଡ଼ି ସାରିଛି ଶୁଖିଲା ପତ୍ର ହୋଇ
ଏବେ ଆୟୋଜନ କଅଁଳିବାର ।

(୫)

ପ୍ରଜା ହୋଇ ରହିବାରେ ମୋର ଆନନ୍ଦ
ଋତୁରାଜ
ଯଦି ଅପ୍ରତିହତ ରହେ ଶାସନ ତୁମର ।

ଇଂରାଜୀ ବିଭାଗ
ଶାସ୍ତ୍ରୀ ସ୍ମୃତି ଡ଼ିଗ୍ରୀ ମହାବିଦ୍ୟାଳୟ
ବାଲିପୁଟ, ପୁରୀ
ମୋ: ୯୪୩୭୨୦୭୫୪୮



# ଏଥର ବସନ୍ତରେ

ପ୍ରତୀକ୍ଷା ଜେନା



ଲୁହର ଷଡ଼ଯନ୍ତ୍ର ଆଜି ସାରା ରାତି ବର୍ଷିବ ଆକାଶ;

ଖବରଦାର୍, କେହି ନାଁ ଧରିବନି,
ଦୋଷ ଦେବନି ବନ୍ଧୁଗଣ...
ଯେଉଁମାନେ ଉଜାଗର ରହି ଦେଖିଥିଲେ ଶେଷଦୃଶ୍ୟ,
ଯେଉଁମାନେ ମିଳନବେଳାରେ ଗାଇଥିଲେ ମଧୁଗୀତ
ଖବରଦାର୍...
ନା, ନାଁ ଧରିବନି ।

ମୁଁ ଅନେକ ଦିନରୁ ବାହାରି ଆସିଛି ପୃଥିବୀରୁ,
ଆସିଲାବେଳେ ଇ' ଚିରି ଦେଇଛି ସବୁ ପ୍ରେମପତ୍ର,
ତା' ଦେହକୁ ଆଉଜି ଠିଆ ହେଇଥିବା ଛାଇଟିର ନିର୍ମମ ହତ୍ୟା କରିଛି,
କେହି କେହି କହୁଥିବାର ଶୁଣିଛି ଏ ମନ କାଳେ ମାୟାବିନୀ
ମନକୁ କ'ଣ ଆକଟ କରିହୁଏ !
ଘୋଡ଼ାଶାଳ କି ଗାଇଗୋଠରେ ବାନ୍ଧି ହୁଏ !
ମୁଁ ଅନେକ ଦିନରୁ ବାହାରି ଆସିଛି ମନରୁ ।

ସକାଳ ହେଲେ ଫୁଟୁ ନାହିଁ ରକ୍ତଗୋଲାପ, ଭ୍ରମର !
ବାସ୍ନା ଏଠି ବାସନ୍ଦ, ଭ୍ରମର !
ସକାଳର ଖବରରେ ଘଟଣା କି ଦୁର୍ଘଟଣା ନାହିଁ,

ମରୁଭୂମି ରଙ୍ଗର ଆଖିରେ କ'ଣ ସ୍ୱପ୍ନ ଫୁଟେ ଭ୍ରମର !

ଯଦି କେହି ମୋ ନାଁ ନେଇ
ଫେରିଆସେ ଏଥର ବସନ୍ତରେ ଭୁବନେଶ୍ୱର,
ଯଦି କେହି ଲେଖିଥିବା ପ୍ରେମକବିତା ସବୁ ପ୍ରଜାପତି ଭଳି
ଖେଳେଇ ଦିଏ ପବନରେ,
ଯଦି କେହି...
ମୋ କାନର କଳାଜାଇରେ ଦେଇଥିବା ଚୁମ୍ବନର ଦାଗ
ଦେଖେଇ କବିର ପରିଚୟ ଦିଏ...

ଦିନେ ଯଦି ଝଡ଼ ସହ ଉଡ଼ିଆସେ ଗୋଟେ ପ୍ରେମ କାହାଣୀ
ଖବରଦାର୍, ଏ ସହର ପାଉଁଶ ହେଲାବେଳେ
ଦୋଷ ଦେବନି ବନ୍ଧୁଗଣ ।

ନାଲ୍‌କୋ ନଗର, ଅନୁଗୋଳ

# ଭକ୍ତକବି ମଧୁସୂଦନଙ୍କ କବିତାରେ ଭକ୍ତି ଭାବନା

ସଂଗ୍ରାମ କେଶରୀ ପୃଷ୍ଟି



ଓଡ଼ିଆ ସାରସ୍ୱତ ଜଗତର ଏକ ଅମଳିନ ସାରସ୍ୱତ ସାଧକ ହେଉଛନ୍ତି ଭକ୍ତକବି ମଧୁସୂଦନ ରାଓ । ସେ ଥିଲେ ବିଭୁ ପ୍ରେମ ଓ ଅମୃତର କବି । ପ୍ରକୃତି ମଧ୍ୟରେ ସେ ଅନନ୍ତ ପ୍ରେମକୁ ଉପଲବ୍ଧି କରିପାରିଛନ୍ତି । ତେଣୁ ପ୍ରକୃତି ଓ ପରମେଶ୍ୱର ମଧ୍ୟରେ ସେ ହୋଇଯାଇଛନ୍ତି ଏକ ଓ ଅଭିନ୍ନ । ମଣିଷ ସମାଜକୁ ଈଶ୍ୱରଙ୍କ ସନ୍ତାନ ଭାବରେ ଅଭିହିତ କରି ସେମାନଙ୍କ ମଧ୍ୟରେ ଈଶ୍ୱରୀୟ ଚେତନାର ଉତ୍ତରଣ ପାଇଁ ସେ ଦେଇଛନ୍ତି ଆହ୍ୱାନ । ଜାତି, ଧର୍ମ, ବର୍ଣ୍ଣ ଓ ସଂକୀର୍ଣ୍ଣତା ଭୁଲି ମଣିଷର ଉପାସନା କରିବା ଓ ମଣିଷ ମଧ୍ୟରେ ଈଶ୍ୱରଙ୍କ ଅସ୍ତିତ୍ୱ ଅନୁଭବ କରିବା ହେଉଛି ତାଙ୍କ କବିତାର ଅନ୍ତଃସ୍ୱର । ଏହି ଆଧାରରେ ତାଙ୍କ କବିତା ସମ୍ରାଜ୍ୟର ମୁଖ୍ୟ ଉପାଦାନ ହେଉଛି ଭକ୍ତି । ସେଇଥିପାଇଁ ସେ ଭକ୍ତ କବି ଭାବରେ ସୁପରିଚିତ ।

ଜୀବନ ଓ ଧର୍ମ ଦର୍ଶନକୁ ମଧୁସୂଦନ ଏକ ଓ ଅଭିନ୍ନ ବୋଲି ବିବେଚନା କରୁଥିଲେ । ସୁତରାଂ ତାଙ୍କ ସାହିତ୍ୟ ଧର୍ମାଶ୍ରୟୀ । ସତ୍ୟ ହେଉଛି ଏହି ଧର୍ମର ଅନ୍ତଃସ୍ୱର । ଏହାର ମୂଳମନ୍ତ୍ର ହେଉଛି ବିଶ୍ୱାସ । ସତ୍ୟ, ଧର୍ମ, ଜ୍ଞାନ, ପ୍ରେମ, କର୍ମ ଓ ମାନବବାଦ ଆଧାରରେ ଲିଖିତ ତାଙ୍କ କବିତା ସମୂହ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଛି । ଦିବ୍ୟ ଓ ପ୍ରେମର ସଫଳ ରୂପକାର ମଧୁସୂଦନଙ୍କ ସାହିତ୍ୟ ସୃଷ୍ଟିର ଉତ୍ସ ହେଉଛି ଅମୃତ ଓ ଆନନ୍ଦ । ଈଶ୍ୱରଙ୍କ ପ୍ରତି ନିଜକୁ ସମର୍ପଣ କରି କବି ଗାଇ ଉଠିଛନ୍ତି :

"ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମୋତେ
ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ
ପ୍ରଭୁ ପରମ ଶରଣ,
ଏ ଜୀବନ ଶ୍ରୀ ଚରଣେ କଲି ସମର୍ପଣ ।"

ନିଜ ମଧ୍ୟରେ କବି ଅନୁଭବ କରିପାରିଛନ୍ତି ଭଗବତ କୃପା । ସୁତରାଂ ସେ ତାଙ୍କ ପାଠକମାନଙ୍କ ହୃଦୟରେ ଈଶ୍ୱରୀୟ ଚେତନା ଭରିଦେବା ପାଇଁ ପ୍ରୟାସ କରିଛନ୍ତି । ଭାଷା ଓ ଭାବର ସରସତାରେ ସେ ବିଶ୍ୱ ନିୟନ୍ତାଙ୍କର ସାନିଧ ଅନୁଭବ କରିଛନ୍ତି ।

ଏ ସୃଷ୍ଟିକୁ ସୁନ୍ଦର ଓ ମଧୁମୟ ଭାବରେ ଗଢ଼ି ତୋଳିବା ପାଇଁ କବିଙ୍କ ଉଦ୍ୟମ ବାସ୍ତବରେ ପ୍ରଶଂସନୀୟ । ସତ୍ୟ ମଧ୍ୟରେ ଲୁକ୍କାୟିତ ରହିଛି ଧର୍ମର ସତ୍ତା । ଏହି ଧାର୍ମିକ ଚେତନାର ଯେପରି ଅଧୋଗତି ନହେବ, ସେଥିପ୍ରତି କବି ସର୍ବଦା ସଜାଗ ଅଛନ୍ତି । ତାଙ୍କ ବିଚାରରେ ଈଶ୍ୱର ସର୍ବତ୍ର ବିଦ୍ୟମାନ । ଏଣୁ ଆମର କାର୍ଯ୍ୟଧାରା ସକରାତ୍ମକ ହେବା ଏକାନ୍ତ ଆବଶ୍ୟକ । ଏଣୁ ସେ ଲେଖିଛନ୍ତି:

"ଯାହା ମୁଁ କରଇ ଯାହା ମୁଁ କହଇ ଯାହା ମୁଁ ଚିନ୍ତଇ ମନେ
ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ ।"

ଜୀବନ୍ତ ଠାକୁର ଭାବରେ ଆମେ ଯାହାକୁ ଦର୍ଶନ କରିଥାଉ, ସେ ହେଉଛନ୍ତି ଆମ ପିତାମାତା । ଏମାନେ ହିଁ ଶିଶୁ ପାଇଁ ଭକ୍ତିର ମୂଳଦୁଆ ପକାଇଥାନ୍ତି । ପରିବାର ମଧ୍ୟରୁ ହିଁ ଏହି ଭାବର ଆୟମାରମ୍ଭ କରିବା ପାଇଁ କବି କରିଛନ୍ତି ପ୍ରୟାସ । ସେମାନଙ୍କ ପ୍ରତି ସନ୍ତାନମାନଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିବା ପାଇଁ କବି ଉଦ୍ୟମ କରିଛନ୍ତି । ତେଣୁ ସେ ଲେଖିଛନ୍ତି :

"ପିତା ମାତା ପରି ଆଉ କେ ଅଛି ସଂସାରେ
ଧନ୍ୟ ସେ ଯେ ଦିଏ ପ୍ରାଣ ତାଙ୍କରି ସେବାରେ ।"

ମଧୁସୂଦନ ରାଓଙ୍କ ସାହିତ୍ୟର ମୁଖ୍ୟ ଉପାଦାନ ହେଉଛି ଜ୍ଞାନ ଓ ଭକ୍ତି । 'ଭଗବତ ଗୀତା'ର ବିନିଯୋଗର ଉପଲବ୍ଧି ହିଁ ତାଙ୍କ ସାହିତ୍ୟରେ ଭକ୍ତି, ଜ୍ଞାନ, କର୍ମ ଭାବରେ ସ୍ଥାନପାଇଛି । 'ବସନ୍ତଗାଥା', 'କୁସୁମାଞ୍ଜଳି', 'ଛାନ୍ଦମାଳା', 'ବାଳ ରାମାୟଣ', 'ଉତ୍କଳଗାଥା', 'ହିମାଚଳେ ଉଦୟ ଉତ୍ସବ' ପ୍ରଭୃତି କାବ୍ୟ କବିତାରେ ବିଭିନ୍ନ ବର୍ଣ୍ଣନା ମଧ୍ୟରେ ଧାର୍ମିକ ଚେତନାର ଉତ୍ତରଣ ହେଉଛି ତାଙ୍କ ରଚନାର ବିଶେଷତ୍ୱ । ଈଶ୍ୱରୀୟ ଚେତନା ଓ ଈଶ୍ୱରୀୟ ଉପଲବ୍ଧି ହିଁ ମଧୁସୂଦନଙ୍କ ସାହିତ୍ୟକୁ ଏକ ସ୍ୱତନ୍ତ୍ର ସମ୍ମାନ ଓ ମର୍ଯ୍ୟାଦା ଦେଇପାରିଛି । ସେହିପରି 'ବର୍ଣ୍ଣବୋଧ', 'ଶିଶୁବୋଧ', 'ବାଳବୋଧ', 'ସାହିତ୍ୟ କୁସୁମ', 'ସାହିତ୍ୟ ପ୍ରସଙ୍ଗ', 'ଛନ୍ଦମାଳା', 'ଶିଶୁଗୀତ' ମଧ୍ୟରେ ଭକ୍ତି ଭାବନା ଫୁଟି ଉଠିଛି । ଭକ୍ତିଭାବକୁ ପାଥେୟକରି କବି ମଧୁସୂଦନ 'ସୀତା ବନବାସ' କବିତାରେ ଲେଖିଛନ୍ତି:

"ଚରଣ ପଦ୍ମତଳୁ ଦୟାସାଗର
ସତେ କି ଏ ଦାସିକି କଲ ଅନ୍ତର ।
କେମନ୍ତେ କହ ପ୍ରଭୁ, ବଞ୍ଚିବି ଦିନ
ହରାଇ ସେ ଯୁଗଳ ପଦ୍ମ - ନଳିନ ।
କାହିଁ ଶରଣ ଆଜି ହେ ରଘୁରାଜ,
ଜାନକୀ ଅଭାଗିନୀ ପଶିବ ଆଜ ।"

ମଧୁସୂଦନଙ୍କ କବିତାସମଗ୍ରକୁ ଭାବବୋଧ ଆଧାରରେ ନଅଟି ଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା - ଶିଶୁ କବିତା, ବର୍ଣ୍ଣନାତ୍ମକ କବିତା, ଭାବନାତ୍ମକ କବିତା, ଆଧ୍ୟାତ୍ମିକ କବିତା, ସଂଗୀତ, ଅନୁବାଦ କବିତା, ବ୍ୟଙ୍ଗାତ୍ମକ କବିତା, ସମ୍ବୋଧନ ଗୀତିକା ଓ ସନେଟ୍ । ପ୍ରେମର ମଧୁମୟ ଭାବରେ ଭକ୍ତି ରସ ଭରିଦେବା ପାଇଁ ଅନବରତ ଚେଷ୍ଟା କରିଛନ୍ତି କବି । ଜଡ଼ ଦେହରେ ମଧ୍ୟ ଅମୃତର ସଞ୍ଚାର ପାଇଁ କବିଙ୍କ ଉଦ୍ୟମ ଅତୀବ ପ୍ରଶଂସନୀୟ । ସେଥିପାଇଁ ସେ ପଦ୍ମକୁ ମାଧ୍ୟମ ଭାବରେ ଗ୍ରହଣ କରି ତା' ଭିତରେ ଈଶ୍ୱରଙ୍କ ସତ୍ତା ଅନୁଭବ କରିଛନ୍ତି । ଜଡ଼ ପ୍ରକୃତିର ବର୍ଣ୍ଣନାକୁ ଉହ୍ୟ ରଖି ଆତ୍ମା ସହିତ ପରମାତ୍ମାଙ୍କ ସମ୍ବନ୍ଧ ସ୍ଥାପନା କରିଛନ୍ତି । 'ପଦ୍ମ' କବିତାରେ କବିଙ୍କ ସକଳ ନୈତିକତା ଓ ସକଳ ଶୁଦ୍ଧତା ତାଙ୍କର ପ୍ରାଣସାଇଁ ଅନନ୍ତ ମହେଶ୍ୱରଙ୍କୁ ଲାଭ କରିବାର ପ୍ରତିବଦ୍ଧତା ବାସ୍ତବରେ ପ୍ରଶଂସନୀୟ ।

ମଧୁସୂଦନ ରାଓ ତାଙ୍କ କବିତାଗୁଡ଼ିକରେ ଭକ୍ତି ଭାବନା ସହିତ ଚରିତ୍ର ଗଠନ ପାଇଁ ଦେଇଛନ୍ତି ଉତ୍ସାହ ଓ ପ୍ରେରଣା । ପାଠକଙ୍କ ମନରେ ଈଶ୍ୱରଙ୍କ ପ୍ରତି ପ୍ରେମର ମଧୁମୟ ଭାବନାକୁ କବିତା ମାଧ୍ୟମରେ ବ୍ୟକ୍ତ କରିଛନ୍ତି । ସେହି ଭୁବନ ପାଳକଙ୍କୁ ଧନ, ଜନ, ଗୋପ, ଲକ୍ଷ୍ମୀ ମାଗିବା ବଦଳରେ ଦିବ୍ୟ ଜ୍ଞାନ ପ୍ରଦାନ କରିବାକୁ ନିବେଦନ କରିଛନ୍ତି । ସୁତରାଂ କବି ଈଶ୍ୱରଙ୍କ ସ୍ତବ ଗାନ କରିଛନ୍ତି :

"ହେ ଆନନ୍ଦମୟ କୋଟି ଭୁବନ ପାଳକ,
ଅଧମ ଅକ୍ଷମ ମୁହିଁ ଅବୋଧ ବାଳକ,
ଜ୍ଞାନ ଦାତା ଭଗବାନ
ଦିଅ ମୋତେ ଶୁଭ ବୁଦ୍ଧି ଦିଅ ଦିବ୍ୟ ଜ୍ଞାନ ।"

ଏ ସଂସାର ମାୟାର ଏକ ବାସସ୍ଥାନ । ଏଠି ପୂରି ରହିଛି ଅସତ୍ୟ, ମାୟା ଓ ପ୍ରତାରଣା । ଏସବୁ କବିଙ୍କୁ ବିଷମୟ ମନେ ହେଉଛି । ତେଣୁ ସେ ଅଗତିର ଗତି, ପତିତତାରଣଙ୍କୁ ସଂସାରରୁ ଏସବୁ ଦୂର କରିବା ପାଇଁ ପ୍ରାର୍ଥନା କରିଛନ୍ତି । କବିଙ୍କ ଦର୍ଶନ ଚେତନାର ଶୀର୍ଷକୁ ସ୍ପର୍ଶ କରିଛି । କାରଣ ସେ ବୁଝି ପାରିଛନ୍ତି ଯେ, ମନୁଷ୍ୟ ଜୀବନ ସତ୍ୟ, ସନାତନ ଓ ଶାଶ୍ୱତ ଉପରେ ଆଧାରିତ । ଈଶ୍ୱରଙ୍କୁ କବି ଏ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ପୁରୁଷ ଭାବରେ ଓ କରୁଣାର ସାଗର ଭାବରେ ବିବେଚନା କରିଛନ୍ତି । ତେଣୁ ସେ 'ଛାନ୍ଦମାଳା' କବିତାରେ ଲେଖିଛନ୍ତି :

"ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନ ସ୍ୱାମୀ,
ହେ ପରମ ପିତା ପ୍ରଭୁ ଅନ୍ତର୍ଯ୍ୟାମୀ ,
ଧନ୍ୟ କରୁଣା ତୋହର,
ହେ କରୁଣା ସିନ୍ଧୁ, କାହିଁ ତା'ର ପଟାନ୍ତର ।"

କବି ମଧୁସୂଦନ ରାଓ 'ପ୍ରଭାତ' ଓ 'ସନ୍ଧ୍ୟା' କବିତାଦ୍ୱୟରେ ପରମେଶ୍ୱରଙ୍କୁ ଆରାଧନା କରିବାର ବାର୍ତ୍ତା ଦେଇ ଭକ୍ତି ଭାବନାକୁ ଆହୁରି ଋଦ୍ଧିମନ୍ତ କରିଛନ୍ତି । ବିଭୁପ୍ରୀତି ଓ ନିବିଡ଼ ମାନବପ୍ରୀତିର ଯୁଗଳବନ୍ଦୀ ହେଉଛି କବିଙ୍କ ବୈଶିଷ୍ଟ୍ୟ । 'ଭକ୍ତିଧାରା' କବିତା ହେଉଛି ତାଙ୍କ ଧାର୍ମିକ ଭାବନାର ଏକ ସାର୍ଥକ ପ୍ରତିଫଳନ । ମଧୁସୂଦନଙ୍କ କବିତାଗୁଡ଼ିକରେ କବିଙ୍କ ଭକ୍ତି ତଲ୍ଲୀନ ହୃଦୟର ଆବେଗ ଓ ଆତୁରତା ଫୁଟି ଉଠିଛି । ବାସ୍ତବରେ ଭକ୍ତିଭାବନାରେ ସମୃଦ୍ଧ ମଧୁସୂଦନଙ୍କ ସାହିତ୍ୟ ପାଠକଙ୍କୁ ଈଶ୍ୱରୀୟ ଚେତନାରେ ଉଦ୍‌ବୁଦ୍ଧ କରିବା ଦିଗରେ ବିଶେଷ ସହାୟକ ହୋଇପାରିଛି ।

ଶିକ୍ଷକ
ପି.ଏମ୍. ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, କିଶୋରନଗର
ରାଜ କିଶୋରନଗର, ଅନୁଗୋଳ - ୭୫୯୧୨୬
ମୋ: ୯୪୩୭୫୪୭୧୪୬

# ତାରାତାରିଣୀ ମନ୍ଦିରର ପୂର୍ବ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ ଏତଲା ଦେଲେ ତହସିଲଦାର

■ ଦାୟିତ୍ୱ ହସ୍ତାନ୍ତର ସହିତ ମନ୍ଦିରରୁ ଆଳଙ୍କାର ଚୋରି ସମ୍ପର୍କିତ ତଥ୍ୟ ପ୍ରଦାନ କରୁନଥିବା ଅଭିଯୋଗ
■ ପୁରୁଷୋତ୍ତମପୁର ଥାନାରେ ଲିଖିତ ଏତଲା ସହିତ ଦେବୋତ୍ତର ଆୟୋଗଙ୍କୁ କରାଯାଇଛି ଅବଗତ
■ ଗଞ୍ଜାମ ଓକିଲ ସଂଘ ନିର୍ବାଚନରେ ସଭାପତି ପ୍ରାର୍ଥୀ ଥିବାରୁ ଡିରୁମାଲାଙ୍କ ପାଇଁ ବଢ଼ିଲା ଅଡୁଆ!

ବ୍ରହ୍ମପୁର, ୭ ।୩(ସମିସ): ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀ ମନ୍ଦିରର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ଟି.କେ.ରେଡ୍ଡୀଙ୍କ ବିରୋଧରେ ପୁରୁଷୋତ୍ତମପୁର ଥାନାରେ ମାମଲା ରୁଜୁ ହୋଇଛି । ପୁରୁଷୋତ୍ତମପୁର ତହସିଲଦାର ତଥା ତାରାତାରିଣୀ ମନ୍ଦିରର ବର୍ତ୍ତମାନର କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ବେହେରାଙ୍କ ପକ୍ଷରୁ ଲିଖିତ ଏତଲା ଦାଏର ପରେ ପୁଲିସ ଏହାକୁ ଗ୍ରହଣ କରି ପଞ୍ଜିକୃତ କରିଥିବା କହିଛନ୍ତି ଥାନା ଅଧିକାରୀ କୁଳମଣି ସେଠୀ।

ମିଳିଥିବା ସୂଚନାନୁସାରେ, ଦେବୋତ୍ତର କମିଶନରଙ୍କ ପକ୍ଷରୁ ଗତ ଡିସେମ୍ବର ୧୨ ତାରିଖରେ ପତ୍ର ନମ୍ବର ୧୧୪୭୩/୧୧୬୬ ଜାରି ନିର୍ଦ୍ଦେଶନାମା ପ୍ରକାରେ ଗତ ୨୦୨୫ ମସିହା ଡିସେମ୍ବର ୧୩ ତାରିଖରେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା ମା' ତାରାତାରିଣୀ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ବ କାର୍ଯ୍ୟନିର୍ବାହୀ ଅଧିକାରୀ ଟି.କେ. ରେଡ୍ଡୀଙ୍କୁ ବିଭିନ୍ନ ମାଧ୍ୟମରେ ଦାୟିତ୍ୱ ହସ୍ତାନ୍ତର ପାଇଁ ତହସିଲଦାର ପୁରୁଷୋତ୍ତମପୁର ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଅନୁରୋଧ କରିଥିଲେ । ତେବେ ଶ୍ରୀ ରେଡ୍ଡୀ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରିବା ପରିବର୍ତ୍ତେ ଗତ ଫେବୃଆରୀ ୭ ତାରିଖରେ କେବଳ ୪ଟି ହୁଣ୍ଡିର ଚାବି ହସ୍ତାନ୍ତର କରିଥିଲେ। ଆଗାମୀ ୧୦ ତାରିଖରୁ ଚୈତ୍ର ଯାତ୍ରା ଆସୁଥିବା ବେଳେ ପରମ୍ପରା ରକ୍ଷା ପାଇଁ ମା' ଙ୍କ ସୁନା ଓ ରୁପାର କିଛି ନିର୍ଦ୍ଦିଷ୍ଟ ଅଳଙ୍କାର ଓ ଆଭୁଷଣର ଆବଶ୍ୟକତା ରହିଛି । ମନ୍ଦିରର ଅଳଙ୍କାର, ଆର୍ଥିକ ରିପୋର୍ଟ ଓ ନଥିପତ୍ର ସମ୍ପର୍କରେ ବାରମ୍ବାର ମଗାଯାଉଥିଲେ ହେଁ ଶ୍ରୀରେଡ୍ଡୀ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ଯାହା ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶର ଅବମାନନାର ସୂଚନା ଦେଉଛି। ଏସବୁ ଦୃଷ୍ଟିରୁ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଟି.କେ. ରେଡ୍ଡୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବର୍ତ୍ତମାନର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା ପୁରୁଷୋତ୍ତମପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି।

ଏପରିକି ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦେବୋତ୍ତର କମିଶନରଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଥିବା ଜଣାପଡ଼ିଛି। ଏହାକୁ ପୁଲିସ ଗ୍ରହଣ କରିବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି।

ସେପଟେ ଏନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ପୂର୍ବ କାର୍ଯ୍ୟନିର୍ବାହୀ ଅଧିକାରୀ ଟି.କେ.ରେଡ୍ଡୀ। ତାଙ୍କ କହିବା କଥା, ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ପୁରୁଷୋତ୍ତମପୁର ନିଜ ଆଡୁ ଗତ ଡିସେମ୍ବର ୧୩ ତାରିଖରେ ମନ୍ଦିରର ଦାୟିତ୍ୱ ଗ୍ରହଣ କରିଥିଲେ। ସମସ୍ତ ନୀତିକାନ୍ତି ପୂର୍ବଭଳି ଚାଲୁଥିଲା ଏବଂ ସେଥିରେ କୌଣସି ବିଭ୍ରାଟ ଘଟିନାହିଁ। ହୁଣ୍ଡି ଗୁଡ଼ିକର ୪ଟି ଚାବିକାଠିକୁ ମଧ୍ୟ ସେ ଗତ ଫେବୃଆରୀ ୭ତାରିଖରେ ହସ୍ତାନ୍ତର କରିସାରିଛନ୍ତି । ସେପଟେ ତାଙ୍କର ଅଜାଣତରେ ମନ୍ଦିର ସମ୍ପର୍କିତ ଦୁଇଟି ନୂତନ ଆକାଉଣ୍ଟ ଖୋଲାଯାଇଛି। ଯାହାର ତଥ୍ୟ ମଧ୍ୟ ଦାବି କରିଛନ୍ତି ଟି.କେ.ରେଡ୍ଡୀ।

ଅପରପକ୍ଷେ ନିଜର ବିଭିନ୍ନ କାର୍ଯ୍ୟ ଓ ସ୍ୱାସ୍ଥ୍ୟଗତ କାରଣରୁ ତଥା ବିଭିନ୍ନ ତଥ୍ୟ ସଂଗ୍ରହ ସହିତ ଦାୟିତ୍ୱ ହସ୍ତାନ୍ତର ପାଇଁ ଅନ୍ୟୁନ ଦୁଇମାସ ସମୟର ଆବଶ୍ୟକତା ଥିବା ଦର୍ଶାଇ ଶ୍ରୀ ଟି.କେ. ରେଡ୍ଡୀ ଗତ ଫେବୃଆରୀ ୨୪ତାରିଖରେ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର ବ୍ରହ୍ମପୁରଙ୍କୁ ଚିଠି ଲେଖି ଜଣାଇଥିବା କହିଛନ୍ତି । ଯାହାର ନକଲ ସେ ଦେବୋତ୍ତର କମିଶନର ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରେରଣ କରିଥିବା କହିଛନ୍ତି । ଏଭଳି ପରିସ୍ଥିତିରେ ଗଞ୍ଜାମ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ତଥା ଉପ ସଭାପତି ଟି.କେ. ରେଡ୍ଡୀ ଚଳିତ ନିର୍ବାଚନରେ ଗଞ୍ଜାମ ଓକିଲ ସଂଘର ସଭାପତି ପଦବୀ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ତାଙ୍କ ନାମରେ ଥାନାରେ ମାମଲା ରୁଜୁ ପରେ ତାଙ୍କର ଅଡୁଆ ବଢ଼ିଯାଇଛି । ସେପଟେ ଏନେଇ ମୁହଁ ଖୋଲିଛନ୍ତି ଗଞ୍ଜାମ ଓକିଲ ସଂଘର ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର। ସଭାପତି ପ୍ରାର୍ଥୀ ଟି.କେ.ରେଡ୍ଡୀଙ୍କ ବିରୁଦ୍ଧରେ ଥାନାରେ ମାମଲା ରୁଜୁ ହୋଇଥିବା ନେଇ ସେ ସାମାଜିକ ଗଣମାଧ୍ୟମରୁ ଜାଣିବାକୁ ପାଇଥିଲେ ହେଁ ତାଙ୍କୁ ଔପଚାରିକ ଭାବେ କୌଣସି ସୂଚନା ମିଳିନାହିଁ। ତେବେ ସଂଘର ନିର୍ବାଚନ ନିୟମ ପ୍ରକାରେ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଯାଞ୍ଚ ସମୟରେ ଯଦି କୌଣସି ପ୍ରାର୍ଥୀ ବ୍ୟକ୍ତିଗତ ଭାବେ ହାଜର ନହୁଅନ୍ତି ତେବେ ତାଙ୍କର ପ୍ରାର୍ଥୀପତ୍ର ଖାରଜ ହେବାର ସମ୍ଭାବନା ରହିଛି। ଏଭଳି ଅନେକ ଘଟଣା ପୂର୍ବରୁ ନଜିର ଥଇବା ସେ ସ୍ପଷ୍ଟ କରିଛନ୍ତି।

## ପାଣିରେ ବୁଡ଼ି ଜଣେ ମୃତ

କପ୍ତିପଦା, ୭।୩(ସମିସ): କପ୍ତିପଦା ଥାନା ମଝଗଡ଼ିଆ ପଞ୍ଚାୟତ ବାଲିଡାହି ଗ୍ରାମର ଲୋଧାଇ ହାଁସଦାଙ୍କ ପୁଅ ସନାତନ ହାଁସଦା(୨୫) ସନ୍ଧ୍ୟାରେ ଗାଧୋଇବାକୁ ଯାଇ ଜୀବନ ହରାଇଛନ୍ତି। ସନାତନ କାମ କରିବାକୁ ଯାଇଥିବା ବେଳେ ସନ୍ଧ୍ୟାରେ ଏକ ପୋଖରୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାରଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରି କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରୁ ଉଦଳା ଉପଖଣ୍ଡ ଚିକିତ୍ସାଳୟକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇଁ କପ୍ତିପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଏହି ଥାନା ଅଞ୍ଚଳର ନଛିପୁର ଗ୍ରାମରେ ଆଜି ସକାଳେ ୨ ନାବାଳିକା ଗାଧୋଇବାକୁ ଯାଇ ମୃତ୍ୟୁ ବରଣ କରିଥିଲେ।

## ଅବସରପ୍ରାପ୍ତ ପୁଲିସ ଅଧିକାରୀ ଶରତ ଚନ୍ଦ୍ର ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, ୭।୩ (ସମିସ): ଓଡ଼ିଶା ପୁଲିସ ଆସୋସିଏସନ୍‌ର ପୂର୍ବତନ ସଭାପତି ତଥା ଅବସରପ୍ରାପ୍ତ ପୁଲିସ ଅଧିକାରୀ ଶରତ ଚନ୍ଦ୍ର ମିଶ୍ରଙ୍କ ଶନିବାର ସହିଦନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ତାଙ୍କୁ ୯୮ ବର୍ଷ ବୟସ ହୋଇଥିଲା।



ଶ୍ରୀ ମିଶ୍ର କେବଳ ପୁଲିସ ଅଧିକାରୀ ନୁହନ୍ତି, ବରଂ ଜଣେ ବିଶିଷ୍ଟ ଲେଖକ ଓ ସମାଜସେବୀ ଭାବେ ବେଶ୍ ଜଣାଶୁଣା ଥିଲେ। ୩୬ ବର୍ଷର ନିଷ୍ଠାପର ପୁଲିସ ସେବାରେ ଥିବା ଶ୍ରୀ ମିଶ୍ର ନିଜର ସତ୍ୟବାଦୀ ଓ ନିର୍ଭୀକ ଆଭିମୁଖ୍ୟ ପାଇଁ ବେଶ୍ ପରିଚିତ ଥିଲେ। ପୁଲିସ କର୍ମଚାରୀଙ୍କ ବିଧବା ପତ୍ନୀଙ୍କ ପାଇଁ ପେନସନ୍ ସୁନିଶ୍ଚିତ କରିବା ଓ ମହିଳାଙ୍କ ସୁରକ୍ଷା ପାଇଁ ପୁଲିସ ବ୍ୟବସ୍ଥାକୁ ସୁଦୃଢ଼ କରିବା ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଶ୍ରୀ ମିଶ୍ର ଅନେକ ପୁସ୍ତକ ରଚନା କରିଥିବା ବେଳେ ତାଙ୍କ ରଚିତ 'ଦୀପ ତଳର ଛାଇ' ଓ 'ଅପରାହ୍ନର ମୁହଁ' ବେଶ୍ ଆଦୃତ ହୋଇଥିଲା। ସେ କଟକ ଜିଲ୍ଲାର ଗୋପୀନାଥପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସହିଦନଗରସ୍ଥିତ ତାଙ୍କ ବାସଭବନରେ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇ ଶେଷ ଦର୍ଶନ କରିଥିଲେ। ପୁତ୍ର ପ୍ରସାଦ ମିଶ୍ରଙ୍କ ଦ୍ୱାରା ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## କୋଇଡ଼ାରେ ପ୍ରଜାକୋର୍ଟ
## ଜୋତାମାଳ ପିନ୍ଧାଇ ପ୍ରଧାନ ଶିକ୍ଷକଙ୍କୁ ଗାଁ ସାରା ବୁଲାଇଲେ



କୋଇଡ଼ା, ୭ ।୩ (ସମିସ): କୋଇଡ଼ା ଥାନା ପାଟମୁଣ୍ଡା ପଞ୍ଚାୟତ ଖଜୁରଡିହି ଗ୍ରାମରେ ଥିବା ଖଜୁରଡିହି ସେବାଶ୍ରମ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରହିତ କୁମାର ରାୟଙ୍କୁ ଆଜି ବିଦ୍ୟାଳୟ ବାହାରେ ଗ୍ରାମର ମହିଳା ଓ ପୁରୁଷ ମାଡ଼ ମାରିବା ସହ ଜୋତାମାଳ ପିନ୍ଧାଇ ଗ୍ରାମ ପରିକ୍ରମା କରାଇଥିଲେ। ଗ୍ରାମବାସୀ ଓ ବିଦ୍ୟାଳୟ କମିଟି ସଭାପତି ଯୁଧିଷ୍ଠିର ପାଟମୁଣ୍ଡିଙ୍କ କହିବା ଅନୁଯାୟୀ ଶିକ୍ଷକଜଣଙ୍କ ପାଠ ନ ପଢ଼ାଇ ପର ଝିଅ, ସ୍ତ୍ରୀଙ୍କୁ ଅସଦାଚରଣ କରି ଆସୁଥିଲେ । ଏମିତିକି, ସେବାଶ୍ରମରେ ନିୟୋଜିତ ରୋଷେୟାଙ୍କ ସହ ଖରାପ ସମ୍ପର୍କ ରଖି ତାଙ୍କ ଘର ସଂସାର ଭାଙ୍ଗି ସ୍ୱାମୀ ଓ ତିନି ଝିଅଙ୍କଠାରୁ ଅଲଗା କରିଦେଇଥିଲେ। ସେତିକିରେ ତାଙ୍କ ମନ ବୁଝିଲାନି ଯେ ପୁଣି ସ୍ୱାମୀଙ୍କୁ ମାରିବାକୁ ଧମକ ଦେଇଥିଲେ। ତେଣୁ ଗ୍ରାମବାସୀ ଏପରି ଚରମ ନିଷ୍ପତ୍ତି ନେଇଥିଲେ। ଘଟଣା ସମ୍ପର୍କରେ କୋଇଡା ପୁଲିସ ସୂଚନା ପାଇ ଘଟଣାସ୍ଥଳରୁ ଶିକ୍ଷକଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ପୁଲିସ ଗ୍ରାମର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପଟେ ଶିକ୍ଷକଙ୍କ ପୂର୍ବରୁ ମଧ୍ୟ ପରକୀୟା ପ୍ରୀତି ଅଭିଯୋଗରେ ଜେଲ୍ ଯିବାର ସୂଚନା ରହିଛି।

**୪ ଗିରଫ**

## ସିଲିଗୁଡ଼ିରେ ରାଷ୍ଟ୍ରପତିଙ୍କୁ ଅସମ୍ମାନ ଘଟଣା
## କ୍ଷୋଭ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୩ (ସମିସ): ପଶ୍ଚିମବଙ୍ଗର ସିଲିଗୁଡ଼ିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଘଟିଥିବା ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏପରି ଘଟଣା ଓଡ଼ିଶାର ଲୋକମାନଙ୍କୁ ଏବଂ ସମଗ୍ର ଭାରତର ଆଦିବାସୀ ସମୁଦାୟକୁ ଗଭୀର ଭାବରେ ଦୁଃଖିତ କରିଛି। ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀ ପାଇଁ ଅନୁମତି ନଦେବା ଓ ହଠାତ୍ କାର୍ଯ୍ୟକ୍ରମସ୍ଥଳ ପରିବର୍ତ୍ତନକୁ କେବଳ ଲଜିଷ୍ଟିକ୍ସ ସମସ୍ୟା ବୋଲି କହି ଏଡ଼ାଇ ଦିଆଯାଇପାରିବ ନାହିଁ। ଯେତେବେଳେ ଏପରି ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ସ୍ୱୟଂ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଥିଲେ, ସେଠାରେ ଏପରି ବାଧା ସୃଷ୍ଟି ହେବା ଗୁରୁତର ପ୍ରଶ୍ନ ଉତ୍ଥାପନ କରୁଛି ଏବଂ ଏକ ଦୁର୍ଭାଗ୍ୟପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରୁଛି ବୋଲି ମୁଖ୍ୟମନ୍ତ୍ରୀ କ୍ଷୋଭର ସହ କହିଛନ୍ତି।

ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବିଷୟ କେବଳ ରାଜନୈତିକ ଚର୍ଚ୍ଚାରେ ସୀମିତ ନୁହେଁ। ସାନ୍ତାଳ ସମୁଦାୟର ସମୃଦ୍ଧ ଐତିହ୍ୟ ଓ ପରିଚୟକୁ ସମ୍ମାନିତ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଯଥାଯଥ ସମ୍ମାନ ଓ ଗରିମା ସହ ଆୟୋଜିତ କରାଯିବା ଉଚିତ୍ ଥିଲା। ଏପରି ଏକ ସମ୍ମିଳନୀର ଗୁରୁତ୍ୱକୁ କ୍ଷୁଣ୍ଣ କରୁଥିବା କୌଣସି କାର୍ଯ୍ୟ ଆମ ଆଦିବାସୀ ଭାଇ-ଭଉଣୀମାନଙ୍କ ପ୍ରତି ସମ୍ବେଦନଶୀଳତାର ଅଭାବକୁ ପ୍ରକାଶ କରେ। ରାଇରଙ୍ଗପୁରରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ପହଞ୍ଚି ପାରିଥିବା ଆମ ମାଟିର ଝିଅ ଦ୍ରୌପଦୀ ମୁର୍ମୁ କୋଟିକୋଟି ଲୋକଙ୍କ ଆକାଂକ୍ଷା ଓ ଗର୍ବର ପ୍ରତୀକ। ସାନ୍ତାଳ ସମୁଦାୟର ଜଣେ ସଦସ୍ୟ ଭାବେ ପଶ୍ଚିମବଙ୍ଗର ଟିଏମସି ସରକାରଙ୍କ ଏହି ଯନ୍ତ୍ରଣାଦାୟକ କାର୍ଯ୍ୟ ମୋତେ ଏବଂ ସମଗ୍ର ଓଡ଼ିଆ ଲୋକଙ୍କୁ ଗଭୀର ଯନ୍ତ୍ରଣା ଏବଂ ଅସନ୍ତୋଷ ସୃଷ୍ଟି କରିଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଆମ ଗଣତନ୍ତ୍ରର ସର୍ବୋଚ୍ଚ ସାମ୍ବିଧାନିକ ପଦ। ଏହା ରାଜନୈତିକ ଭିନ୍ନମତରୁ ଉର୍ଦ୍ଧ୍ୱରେ ଥାଇ ସମ୍ବିଧାନର ଗରିମାକୁ ପ୍ରତିନିଧିତ୍ୱ କରେ। ସେହି ପଦବୀର ପବିତ୍ରତାକୁ କ୍ଷତିଗ୍ରସ୍ତ କରୁଥିବା କୌଣସି କାର୍ଯ୍ୟ ଆମ ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ଥିବା ସମ୍ମାନକୁ ହ୍ରାସ କରେ ବୋଲି ମୁଖ୍ୟମନ୍ତ୍ରୀ ଚିନ୍ତା ପ୍ରକଟ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟି-୨୦ ବିଶ୍ୱକପ୍...

ଭାରତ ୧୦ଟି ମ୍ୟାଚ୍‌ରୁ ୭ଟି ଜିତିଛି। କିନ୍ତୁ ୨୦୨୩ରେ ଅଷ୍ଟ୍ରେଲିଆ ନିକଟରୁ ଦିନିକିଆ ବିଶ୍ୱକପ ଫାଇନାଲ ଓ ଏହି ଟୁର୍ଣ୍ଣାମେଣ୍ଟରେ ଦକ୍ଷିଣ ଆଫ୍ରିକା ନିକଟରୁ ସୁପର ଏଇଟ୍ସ ପରାଜୟ ଘରୋଇ ଦଳକୁ ଅଡୁଆ ସ୍ଥିତିରେ ପକାଇଛି। ଯାହା ଫଳରେ ଦଳ ହୋଟେଲ ଓ ଡ୍ରେସିଂ ରୁମ୍ ପରିବର୍ତ୍ତନ କରିଛି। ଏଠିକାର ପିଚ୍‌ରେ ବଲ ବାଉନ୍ସ ହେବ ଓ ପାଖାପାଖି ୨୦୦ ରନ୍ ସ୍କୋର ହେବ ବୋଲି ଅନୁମାନ କରାଯାଉଥିଲାବେଳେ ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଚତୁର୍ଥଥର ଏବଂ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଥର ଫାଇନାଲ ଖେଳୁଛି। ପୂର୍ବରୁ ୨୦୦୦ ଆଇସିସି ନକ୍‌ଆଉଟ ଟୁର୍ଣ୍ଣାମେଣ୍ଟ ଓ ୨୦୨୧ ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ଟାଇଟଲ ବିଜୟୀ ହୋଇଛି। ଏବେ ଟି-୨୦ ଫର୍ମାଟରେ ଏହି ସଫଳତା ପାଇବ ବୋଲି ମିଚେଲ ସାଣ୍ଟନରଙ୍କ ଟିମ୍ ଆଶା ରଖିଛି।

### ଲମ୍ବୁଛି ଯୁଦ୍ଧ...

ହୋଇଯାଇଛି । ଅପରପକ୍ଷରେ ମଧ୍ୟପ୍ରାଚ୍ୟର ଏହି ଯୁଦ୍ଧ ଧୀରେ ଧୀରେ ସାରା ବିଶ୍ୱକୁ ପ୍ରଭାବିତ କରିବାରେ ଲାଗିଛି । ଆମେରିକା ଓ ଇସ୍ରାଏଲର ଅମାନବୀୟ ଆକ୍ରମଣରେ ଇରାନର ହଜାର ହଜାର ନୀରିହ ସାଧାରଣ ଜନତାଙ୍କ ସମେତ, ଶତାଧିକ ନିଷ୍ପାପ ଶିଶୁ ଓ ଛାତ୍ରଛାତ୍ରୀ ପ୍ରାଣ ହରାଇଲେଣି। ଇରାନର ପ୍ରମୁଖ ଡାକ୍ତରଖାନାଗୁଡ଼ିକ ଉପରେ ଇସ୍ରାଏଲ ଓ ଆମେରିକାର କ୍ଷେପଣାସ୍ତ୍ର ମାଡ଼ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଦୁର୍ବଳ କରିଦେବା ସହ ସାଧାରଣଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ବିଶେଷକରି ଯୁଦ୍ଧ ଯୋଗୁଁ ଦେଖାଦେଇଥିବା ତୈଳ ସଙ୍କଟ ବିଶ୍ୱର ଯୋଗାଣ ଶୃଙ୍ଖଳକୁ ଗୁରୁତର ପ୍ରଭାବିତ କରିବା ନେଇ ଆଶଙ୍କା ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ବିଶ୍ୱ ଶାନ୍ତି ପାଇଁ ପ୍ରତିଷ୍ଠିତ ମିଳିତ ଜାତିସଂଘ ଏବଂ ବିଶ୍ୱ ନେତୃତ୍ୱ କେହିହେଲେ ମଧ୍ୟପ୍ରାଚ୍ୟର ଏହି ଭୟଙ୍କର ଯୁଦ୍ଧକୁ ଟାଳିବା ପାଇଁ ଆଗଭର ନ ହେବା ବୈଶ୍ୱିକ ବିପଦ ସୃଷ୍ଟି କରିଛି। ଇରାନ ବିରୋଧରେ ଯୁଦ୍ଧକୁ କେହି ସମର୍ଥନ କରୁ ନ ଥିଲେ ହେଁ କେବଳ ନିନ୍ଦା ବକ୍ତବ୍ୟ ଦେବା ବ୍ୟତୀତ ଆମେରିକା ବିପକ୍ଷରେ ସିଧାସଳଖ ଛିଡ଼ା ହେବାକୁ କେହି ସାହସ ବି କରୁନାହାନ୍ତି। ଫଳରେ ଆମେରିକା ସହଯୋଗୀ ରାଷ୍ଟ୍ରଗୁଡ଼ିକର ପ୍ରତିରକ୍ଷା ଘାଟିଗୁଡ଼ିକୁ ବ୍ୟବହାର କରି ଇରାନ ଉପରେ ଆକ୍ରମଣ କରୁଛି। ଅନ୍ୟପକ୍ଷରେ ଇରାନ ମଧ୍ୟ ନିଜ ଦେଶର ସାର୍ବଭୌମତ୍ୱକୁ ରକ୍ଷା କରିବା ପାଇଁ ପାରୁ ପର୍ଯ୍ୟନ୍ତ ଆମେରିକା, ଇସ୍ରାଏଲ୍ ଏବଂ ସେମାନଙ୍କ ସପକ୍ଷବାଦୀ ରାଷ୍ଟ୍ରଗୁଡ଼ିକ ଉପରେ ପ୍ରତିଆକ୍ରମଣ ଚଳାଇଛି। ଏଭଳି ସ୍ଥିତିରେ ମଧ୍ୟପ୍ରାଚ୍ୟର ଏହି ଯୁଦ୍ଧ ଏକ ଲମ୍ବା ସମୟ ଧରି ଚାଲିବା ନେଇ ଯୁଦ୍ଧ ବିଶାରଦମାନେ ଆକଳନ କରୁଛନ୍ତି।

### ବଢ଼ିବନି ପେଟ୍ରୋଲ-ଡିଜେଲ...

ସମସ୍ୟାକୁ ନେଇ ସରକାର ନିଜ ପ୍ରତିବଦ୍ଧତା ଦୋହରାଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ଭାରତର ଶକ୍ତି ଭଣ୍ଡାର ସ୍ଥିତି କ୍ରମାଗତ ଭାବେ ମଜବୁତ ହେବାରେ ଲାଗିଛି। ତେଣୁ ଜନତାଙ୍କ ପକେଟ ଉପରେ କୌଣସି ନୂଆ ବୋଝ ପଡ଼ିବ ନାହିଁ। ଶକ୍ତି ଯୋଗାଣ ସ୍ଥିତିରେ ସୁଧାର ଆସିଛି। ସଦ୍ୟ ଘଟଣାକ୍ରମ ଦ୍ୱାରା ଦେଶର ଯୋଗାଣ ଶୃଙ୍ଖଳକୁ ନେଇ ସରକାରଙ୍କ ମନୋବଳ ବୃଦ୍ଧି ପାଇଛି। ଏବେ ସ୍ଥିତିରେ ସୁଧାର ଆସିବାରେ ଲାଗିଛି। ସରକାର କରିଥିବା ଅନ୍ତରୀଣ ସମୀକ୍ଷାରୁ ମଧ୍ୟ ଏହା ଜଣାପଡ଼ିଛି।

ଏଲ୍‌ପିଜିକୁ ନେଇ କଂଗ୍ରେସ ପକ୍ଷରୁ କରାଯାଇଥିବା ଅଭିଯୋଗର ମଧ୍ୟ ସରକାର ଜବାବ ଦେଇଛନ୍ତି। ପୂର୍ବରୁ ସରକାର ଦେଇଥିବା ପ୍ରତିଶ୍ରୁତି ସହ ଜଡ଼ିତ ମୂଲ୍ୟ ବୃଦ୍ଧି ଦାବି ଭୁଲ୍ ବୁଝାମଣା ଉପରେ ଆଧାରିତ। ମୂଲ୍ୟ ସ୍ଥିରତା ସମ୍ପର୍କରେ ପୂର୍ବରୁ ଦିଆଯାଇଥିବା ସୂଚନା କେବଳ ପରିବହନ ଇନ୍ଧନ ଉପରେ ଆଧାରିତ ଥିଲା। କଂଗ୍ରେସ ସମ୍ପୂର୍ଣ୍ଣ ଆଧାରହୀନ ଅଭିଯୋଗ ଲଗାଇଛି। ଏହା କେବଳ ପେଟ୍ରୋଲ ଏବଂ ଡିଜେଲ ପାଇଁ କୁହାଯାଇଥିଲା। ଏଲ୍‌ପିଜି ପାଇଁ ଏହା ଉଦ୍ଦିଷ୍ଟ ନ ଥିଲା। ମହଜୁଦ ଏଲ୍‌ପିଜିକୁ ନେଇ ପୂର୍ବରୁ ଥିବା ଚିନ୍ତାର ସମାଧାନ ହୋଇଯାଇଛି। ଏବେ ଦେଶ ଭଲ ସ୍ଥିତିରେ ଅଛି। ସେହିପରି ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଉତ୍ତେଜନା ମଧ୍ୟରେ ହର୍ମୁଜ ଷ୍ଟ୍ରେଟ୍ ଉପରୁ ନିର୍ଭରଶୀଳତା ହ୍ରାସ ପାଇଁ ପଦକ୍ଷେପ ନିଆଯାଉଛି। ଯୋଗାଣ ଶୃଙ୍ଖଳରେ ସ୍ଥିରତା ଆଣିବା ଲାଗି ଅନ୍ୟ ସୂତ୍ରରୁ ତୈଳ କ୍ରୟ ବୃଦ୍ଧି କରାଯାଇଛି। ହର୍ମୁଜ ଷ୍ଟ୍ରେଟ ବ୍ୟତୀତ ଅନ୍ୟ ଉତ୍ସରୁ ତୈଳ ଆମଦାନୀକୁ ଭାରତ ୧୦ ପ୍ରତିଶତ ବୃଦ୍ଧି କରିଦେଇଛି। ସରକାରଙ୍କ ଅନ୍ତରୀଣ ଯାଞ୍ଚରୁ ଜଣାପଡ଼ିଛି ଯେ ପୂର୍ବରୁ ହର୍ମୁଜ ଷ୍ଟ୍ରେଟ ବାଦ୍ ଅନ୍ୟ ଉତ୍ସରୁ ଆବଶ୍ୟକତାର ୬୦ ପ୍ରତିଶତ ତୈଳ ଆମଦାନୀ କରାଯାଉଥିଲା। ଏବେ ଏହା ୭୦ ପ୍ରତିଶତରେ ପହଞ୍ଚି ଯାଇଛି।

### କୋଲାବରେ ବୁଡ଼ି...

ପରେ ଜଣଜଣ ହୋଇ ଜଳଭଣ୍ଡାରରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସ୍କୁଲ କର୍ତ୍ତୃପକ୍ଷ, ପୁଲିସ ଓ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଛାତ୍ରମାନଙ୍କୁ ଉଦ୍ଧାର କରି କୋରାପୁଟ ମେଡିକାଲ କଲେଜ ଓ ହସପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

ଅଭିଭାବକମାନେ ଠିକ୍ ସମୟରେ ନ ଆସିବାରୁ ଏଭଳି ଦୁଃଖଦ ଘଟଣା ଘଟିଲା ବୋଲି ସ୍କୁଲ କର୍ତ୍ତୃପକ୍ଷ ପ୍ରତିକ୍ରିୟା ଦେଇଥିବା ବେଳେ ଅଭିଭାବକମହଲରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ଅଭିଭାବକମାନେ ଆସିବାରେ ବିଳମ୍ବ ହେଲା, ସ୍କୁଲ କର୍ତ୍ତୃପକ୍ଷ ପିଲାମାନଙ୍କୁ ସ୍କୁଲ ପରିସରରେ ନରଖି ବାହାରକୁ କାହିଁକି ଛାଡ଼ିଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଲା ବୋଲି ଅଭିଭାବକମାନେ ଦୋଷାରୋପ କରିଛନ୍ତି। ଏହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ସେଠାରେ ପୁଲିସ ମୁତୟନ କରାଯାଇଛି। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

### ବାଇକ୍ ଉପରେ...

ହାଇୱା ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ପାହାଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ମୃତକଙ୍କ ଶବ ହସ୍ତାନ୍ତର କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ହାଇୱାଟିକୁ ଜବତ କରିଥିବା ବେଳେ ଅଧିକ ଅନୁସନ୍ଧାନ ଜାରି ରଖିଛି। ତେବେ ହାଇୱାର ଆଗ ପଟେ ନମ୍ବରପ୍ଲେଟ୍ ଲେଖା ଯାଇନଥିଲା ବେଳେ ପଛପଟ ନମ୍ବର ପ୍ଲେଟ୍‌ରୁ ଜଣାପଡ଼ିଛି ହାଇୱା ମାଲିକ ହେଲେ ମଞ୍ଚେଶ୍ୱର ଥାନା ରୋକଟ ଅଞ୍ଚଳର ହାଡିବନ୍ଧୁ ରାଉତ।

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ...

ଧାନ ବିକ୍ରି କରିବାକୁ ସେମାନଙ୍କୁ ଅନୁମତି ପ୍ରଦାନ କରିବାକୁ ଉଭୟ ଚାଷୀ ପିଟିସନରେ ଆବେଦନ କରିଥିଲେ। ନିଜ ପିଟିସନରେ ସେମାନେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ, ଜଗତସିଂହପୁର ଜିଲ୍ଲାପାଳ, ରାଜ୍ୟ ସମବାୟ ନିଗମର ରେଜିଷ୍ଟ୍ରାର ଆଦିଙ୍କୁ ପକ୍ଷଭୁକ୍ତ କରିଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଗତ ୩ ତାରିଖରେ ଏନେଇ ରାୟ ପ୍ରକାଶ କରିଥିଲେ। ପିପିଏସ ପୋର୍ଟାଲରେ ପଞ୍ଜୀକରଣ ଅଥବା ଅନ୍ୟ ଉପାୟ ଦ୍ୱାରା ଚଳିତ ଖରିଫ ଋତୁରେ ଉଭୟ ଚାଷୀଙ୍କ ଧାନ ବିକ୍ରି କରିବାକୁ ଅନୁମତି ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ହାଇକୋର୍ଟଙ୍କ ରାୟକୁ ଏକମାସରୁ ଅଧିକ ସମୟ ବିତିଯାଇଥିବା ବେଳେ ଏଯାବତ୍ ବିଭାଗ କିମ୍ବା ଜିଲ୍ଲାପାଳଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ଜଣାପଡ଼ିଛି। ଏପରିକି ଗତ ୧୭ ତାରିଖରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଯୋଗାଣ ବିଭାଗ ପ୍ରମୁଖ ସଚିବଙ୍କୁ ଏନେଇ ପତ୍ର ଲେଖାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଚାଷୀ ପଞ୍ଜୀକରଣ ପାଇଁ ଶେଷ ତାରିଖ ଚାଲିଯାଇଥିବାରୁ ବର୍ତ୍ତମାନ ଉଭୟ ଚାଷୀଙ୍କୁ ପଞ୍ଜୀକୃତ କରିବାର କ୍ଷମତା ଜଗତସିଂହପୁର ଜିଲ୍ଲାପାଳଙ୍କର ନାହିଁ। ତେଣୁ ହାଇକୋର୍ଟଙ୍କ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ମାତ୍ର ଚିଠି ଲେଖାକୁ ୨ ସପ୍ତାହରୁ ଅଧିକ ଦିନ ବିତିଯାଇଥିଲେ ହେଁ, ସ୍ଥିତି ଯଥା ପୂର୍ବ ତଥା ପର ହୋଇ ରହିଛି।

ଗୋଟିଏ ପଟେ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରି କରିବାକୁ ଚାଷୀ ହନ୍ତସନ୍ତ ହେଉଛି। ସମାନ ସମୟରେ ହାଇକୋର୍ଟଙ୍କ ରାୟକୁ ମଧ୍ୟ ସରକାର କାର୍ଯ୍ୟକାରୀ କରୁନାହାନ୍ତି। ଏପରି ଦାୟିତ୍ୱହୀନ ଆଚରଣ ପ୍ରଦର୍ଶନ ପାଇଁ ସରକାରଙ୍କୁ କିଏ ଅନୁମତି ପ୍ରଦାନ କଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

**VEHICLE FOR SALE**

BHARAT BENZ 3528 C,MODEL 2024, Regn. No - OD-02-CZ-3352, in as is where is condition. Contact: M/S Sundaram Finance Limited, NAYAGARH BRANCH Ph:0675-3299916 MOB -9437560891 within 7 days

**AFFIDAVIT**

By virtue of an affidavit sworn before the Executive Magistrate, Puri Affidavit No. 29, dated 24/02/2026, I **JAGDISH SAHOO** S/o Rama Chandra Sahoo resident of Village At- Gopalpur, Po - Baliguali, Ps- Penthakata Marine, Dist- Puri, Odisha, Pin- 752002 declare that I have changed my name from **JAGDISH KUMAR SAHOO** (Old Name) to **JAGDISH SAHOO** (New Name). Henceforth, I shall be known as **JAGDISH SAHOO** for all future purposes.

**Sd- JAGDISH SAHOO**

**AFFIDAVIT**

I, KONCHADA SATYANARAYAN SUBUDHI, S/o KONCHADA BHASKAR SUBUDHI, resident of At - Bagdevi Lane, C-82, PO / PS - Jeypore, Dt - Koraput -764001, Odisha declare by this Affidavit No. 973, Dated -07/03/2026, that now onwards I shall be known as **K SATYANARAYAN SUBUDHI** for all future purpose.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 444, dated 02.03.2026 I, MADHUSMITA NAYAK, W/o - Ranjit Prasad Jena permanent resident of Village - Deulapada, PO - Deulapada, PS - Mahakalpara, Dist- Kendrapara, Odisha, Pin - 754212 declare that I have changed the name of my SON from SAI ABHISHEK JENA to SRI SAI ABHISHEK JENA. Henceforth, he shall be known as SRI SAI ABHISHEK JENA for all purposes.

**Sd/- Madhusmita Nayak**

34001/155/2526

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH
WORKS DEPARTMENT
Tender call Notice
E-mail: pwdoffngd34@gmail.com

Bid Identification No. S.E-Nayagarh (R&B) Division- Online 12 /2025-26

The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE form eligible contractors for construction of Building work as detailed in the table below:

| | | |
|---|---|---|
| 1. | Nature of Work | : Building Works. |
| 2. | No of Work | : 1 No |
| 3. | Tender Cost & EMD | : To be remitted online through a process as mentioned in DTCN. |
| 4. | Class of Contractor | : As mentioned in DTCN |
| 5. | Available of Bid Document in the Website | : From Dt.12.03.2026 11.00 AM to Dt.20.03.2026 Up to 5.00 pm. |
| 6. | Date of opening of Bid | : Dt.23.03.2026 at 11.00 AM |

7. The have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Superintending Engineer
Nayagarh (R&B) Division, Nayagarh

OIPR-34001/34138/1/25-26/0002

**AFFIDAVIT**

By Virtue of affidavit no 498, before Executive Magistrate, Bhograi, dated 29.01.2026, I Sapan Kumar Dey, Vill/Po - Barbatia, PS- Kamarda, District- Balsore, Odisha, declared that, my name wrongly made as Santosh Kumar Nayak in Postal Life insurance policy . The actual name Sapan Kumar Dey and in above said PLI policy reflected name **Santosh Kumar Nayak** of above noted address is same and one person.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 438, dated 02.03.2026, I, PADMA HARIJAN, W/o - Kamulu Harijan permanent resident of Village - Nilakanthaguda, PO - Majhiguda, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from TULSA HARIJAN to PADMA HARIJAN. Henceforth, I shall be known as **PADMA HARIJAN** for all purposes.

**Sd/- Padma Harijan**

**AFFIDAVIT**

I, Sonali, W/o- Manmath Barik, resident At-Patana Sahi Tarakor, Po- Khalkatapatana, Ps- Ramachandi, Puri- 752111, Odisha declare by this affidavit no- 2786, date- 07.03.2026, that now onwords I shall be known as **Sonali Barik** for all future purposes.

**AFFIDAVIT**

I, Manmath Barik, S/o- Manoj Kumar Barik on behalf of my minor daughter child Bhumika, resident At- Patana Sahi Tarakor, Po- Khalkatapatana, Ps- Ramachandi, Puri- 752111, Odisha declare by this affidavit no- 2787, date- 07.03.2026, that now onwords my daughter shall be known as **Bhumika Barik** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar on dtd- 06/03/2026, I SK. Shahid, permanent resident of At- Srikrushna Nagar, Salia Sahi, Jayadev Vihar, Po- RRL, PS- Nayapalli, Bhubaneswar, Dist- Khurda, Pin- 751013, State- Odisha, currently residing At- Kamanabara Sahi, Dist- Khurda, declare that I have changed my name from **Suman Nayak** to **SK. Shahid** henceforth I shall be known as **SK. SHAHID** for all purposes.

**Sk. Shahid**

**LOST**

I, **Narayan Meher** (53 years) S/O- Sahadeb Meher, R/O Jaypur, P.S- Buden, Dist- Bargarh (Odisha) declare that I lost my original registered Sale Deed No. 54, dated- 06/01/2009 in respect of purchase of Plot No. 488/1244 of Khata No.107/118 of Mouza Jaypur measuring an area of Ac.0.78dc. of land on dt- 23/02/2026 at about 10 A.M. when I went Jaypur to Dahita R.I. office for office work. Now I am applying for a loan from Odisha Grameen Bank, Dahitabranch, Dist- Bargarh by mortgaging the land, if anybody has any objection can draw notice within 07 days. Later no objection will be accepted in any circumstances.

**Narayan Meher**

**LOST**

**I, Mrs. Manjulata Behera,** aged about 62 years, W/o: Nrusingha Charan Behera, resident of 19- Keshari Villa, Pokhariput, Bhubaneswar, Dist.: Khurda, Odisha do hereby solemnly affirm and state as follows that, my daughter, Ms Alina Behera, W/o: Sri Sushant Behera, aged about 37 years purchased a piece of Land at Plot No.: 1308/ 1573, Area: Ac.0.100dec, Mouza: Padhansahi, Tahasil: Jatani, Dist.: Khurda from its rightful owner, Sri Satya Narayan Behera, S/o: Late Sadanand Behera, Vide Sale Deed No.: 11121800473, dtd.: 31.01.2018 executed at Sub-Registrar, Jatani. That the seller, Sri Satya Narayan Behera, had purchased that land from Smt. Renubala Behera, vide Regd. sale deed No.: 11081012915, dt. 28.02.2010, That, after receipt of the all documents including the original Sale Deed No.: 11081012915, dt. 28.02.2010 and original ROR from the seller, my daughter Ms. Alina Behera handed over all above said documents to me for safekeeping. That, unfortunately the original sale deed no.: 11081012915, dt.28.02.1010 and the original ROR No.: 538/ 356 in the name of the seller, Sri Satya Narayan Behera were somewhere lost or misplaced from my custody during renovation and rearranging of my house. In spite of through search, the said documents could not be traced. If anyone found the above said deed please contact on my above address.

ସକାଳ
THE SAKALA



www.sakalaepaper.com

# ମାରଡ଼ା ଛାଡ଼ିବେ ୩୫ ଆଦିମ ଅଧିବାସୀ ପରିବାର

ବୌଦ୍ଧ,୭ ।୩ (ସମିସ)



ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ନୟାଗଡ଼ ଡିଭିଜନ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୁସଙ୍ଗ ରେଞ୍ଜ ଅଧୀନରେ ଥିବା ମାରଡ଼ା ଗ୍ରାମବାସୀ ବିସ୍ଥାପିତ ହେବେ। ଏଥିଲାଗି ଏକ ସ୍ୱତନ୍ତ୍ର ପଲ୍ଲୀ ସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର ରେଞ୍ଜ ଅଧିକାରୀ ସଂସାର ବର୍ଗିଆଙ୍କ ସଭାପତିତ୍ୱରେ ପଲ୍ଲୀ ସଭା ଅନୁଷ୍ଠିତ ହୋଇଥିଲା। ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ, ଛତ୍ରଙ୍ଗ ରାଜସ୍ୱ ନିରୀକ୍ଷକ ପଙ୍କଜ କହଁର, ଅତଲସରା ୱାର୍ଡ ସଭ୍ୟ ବାସୁଦେବ ନାଏକ, ବନ୍ୟ ପ୍ରାଣୀ ବିଭାଗର ସୀତାଲପାଣି ବନପାଳ ସଞ୍ଜୟ ରାଉତ, ପୁଷ୍ପାଞ୍ଜଳି ପ୍ରଧାନ, ବନପାଳ ଅଶୋକ ନାଏକ ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ତେବେ ପ୍ରଥମେ ପ୍ରତି ପରିବାରକୁ ୪୦ଲକ୍ଷ ଟଙ୍କା ଦିଆଯାଉ। ଘର ପଟା ମିଳୁ। ଚାଷ ଜମି ଦିଆଯାଉ। ସ୍କୁଲ ସୁବିଧା କରାଯାଉ। ପାନୀୟ ଜଳ ଓ ବିଦ୍ୟୁତ ବ୍ୟବସ୍ଥା କରାଯାଉ। ପୋଖରୀ ସହ ଆବଶ୍ୟକୀୟ ସରକାରୀ ସୁବିଧା ଦିଆଯାଉ ବୋଲି ଲୋକେ ଦାବି କରିଛନ୍ତି। ଏହି ଦାବିଗୁଡିକ ପୂରଣ

- ବନ୍ୟପ୍ରାଣୀ ଆଇନ୍ ଅନୁଯାୟୀ ବିସ୍ଥାପନ ପାଇଁ ନିଷ୍ପତ୍ତି
- ପ୍ରଶାସନ ପକ୍ଷରୁ ଗାଁରେ ସ୍ୱତନ୍ତ୍ର ପଲ୍ଲୀସଭା
- ଅନେକ ସର୍ତ୍ତ ରଖିଲେ ଗ୍ରାମବାସୀ
- ଆବଶ୍ୟକ ସରକାରୀ ସୁବିଧା ସୁଯୋଗ ପାଇଁ ପ୍ରତିଶ୍ରୁତି

ହେଲେ ସେମାନେ ଅନ୍ୟତ୍ର ବିସ୍ଥାପିତ ହେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ପ୍ରାୟ ୩୫ ଆଦିମ ଅଧିବାସୀ ପରିବାର ଏଠି ବସବାସ କରୁଛନ୍ତି। କୁସଙ୍ଗଠାରୁ ଜଙ୍ଗଲ ମଧ୍ୟରେ ପ୍ରାୟ ୧୮ କିଲୋମିଟର ଗଲେ ମାରଡ଼ା ପଡେ। ଟିକିଏ ବର୍ଷା ହେଲେ ଉଦଣ୍ଡି ନାଳ ବାଟ ଓଗାଳେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସବୁଠୁ ଦୂରରେ ମାରଡ଼ା। ବନ୍ୟପ୍ରାଣୀ ଆଇନ ଅନୁଯାୟୀ ଏହି ଗ୍ରାମକୁ ବିସ୍ଥାପିତ କରିବା ପାଇଁ ଚେଷ୍ଟା କରାଯାଇଛି। ଗ୍ରାମବାସୀଙ୍କୁ ଆବଶ୍ୟକ ସରକାରୀ ସୁବିଧା ସୁଯୋଗ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଡୁଙ୍ଗୁରିପାଲି,୭ ।୩(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଆରଏମ୍‌ସି ଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦବଲ୍ଲଭ ଷଡ଼ଙ୍ଗୀ, ଅତିରିକ୍ତ ବିଡିଓ ମହେଶ ପଧାନ, ମଞ୍ଜୁଲତା ମିଶ୍ର ଯୋଗଦେଇ ଭିନ୍ନକ୍ଷମମାନଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ଗ୍ରାମରୁ ଆସୁଥିବା ଭିନ୍ନକ୍ଷମମାନଙ୍କ ଅଙ୍ଗନବାଡ଼ି ଦିଦି ମାନେ ପଞ୍ଜୀକରଣ କରିବା ପରେ ଡାକ୍ତର ସଞ୍ଜୟ ପ୍ରଧାନ ଓ ରବୀନ୍ଦ୍ର ନାଥ ପଣ୍ଡା, ଶୁଭମ ଅଗ୍ରୱାଲ, ସମ୍ୟରଞ୍ଜନ ପାତ୍ର, ସରୋଜ କୁମାର ପାଣିଗ୍ରାହୀ, ମୋସୁମୀ ବିଶି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚିହ୍ନଟ କରିବା ପରେ ଯେଉଁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ହୁଇଲଚେଆର, ଆଶାବାଡି, ଶ୍ରବଣ ଯନ୍ତ୍ର ଆଦି ଉପକରଣ ନ ଥିବ ସେହି ମାନଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯିବ ବୋଲି ଅଧିକାରୀ ମାନେ ପ୍ରକାଶ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ୍ର ଭୂଷଣ ରାଏ , ପ୍ରଭୂଦତ୍ତ ନାୟକ, ବିଜୟ କୁମାର ଭୋଇ, ରମେଶ ପ୍ରଧାନଙ୍କ ସମେତ ସରପଞ୍ଚ, ଅଙ୍ଗନବାଡ଼ି କର୍ମୀ, ପଞ୍ଚାୟତ ଅଧିକାରୀମାନେ ସହଯୋଗ କରିଥିଲେ।

## ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



ବୀରମହାରାଜପୁର,୭ ।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବହଳପଦର ସରକାରୀ ୟୁପି ସ୍କୁଲରେ ଶନିବାର ଆଶୀର୍ବାଦ ପ୍ରଦାନ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ଦେବକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହଳପଦର କ୍ଲଷ୍ଟରର ସିଆରସିସି କଣ୍ଠୁଧର ପ୍ରଧାନ ମୁଖ୍ୟ ଅତିଥି ଓ ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚସଖା ଶିକ୍ଷାସେତୁ କମିଟିର ସଭାପତି ପ୍ରଫୁଲ୍ଲ ଦନ୍ତା, ସ୍କୁଲ ପରିଚାଳନା କମିଟିର ସଭାପତି ବିଶ୍ୱାମିତ୍ର ସେଠୀ, ମହେଶ୍ୱର ରାଜହଂସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଜାନକୀ ବଲ୍ଲଭ ଝାଙ୍କର ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ରଜତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁରଭୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ରେସମା କିଣ୍ଡୋ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଭଦ୍ରା ଶକ୍ତିମେଳାର ଦ୍ୱିତୀୟ ଦିବସ

ବୌଦ୍ଧ, ୭ ।୩(ସମିସ): ବୌଦ୍ଧ କଚେରୀ ପଡିଆରେ ସୁଭଦ୍ରା ଶକ୍ତିମେଳା ଚାଲିଛି। ଶନିବାର ଦ୍ୱିତୀୟ ଦିବସରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ତହସିଲଦାର ଅନିତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରୀକା ଦତ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାଧବ ବେହେରାଙ୍କ ଦ୍ୱାରା ଭଜନ ଓ ମୁଇଁ ବଉଦିଆ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗେହ୍ଲା ମାଆ କଳା ନିକେତନର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ବଜାଶାଳ ପରିବେଷିତ ହୋଇଥିଲା। ବଲାଙ୍ଗୀରର କଳାକାର ଆଦିବାସୀ (ଘୁଡକା ନୃତ୍ୟ) ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଅମର ଦାଶଙ୍କ ଦଳ ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବୀରନରସିଂହପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ନବକିଶୋର ଦୀପ, ଶ୍ରଦ୍ଧାଞ୍ଜଳି ସାହୁ ଏବଂ ଶୁଭଲକ୍ଷ୍ମୀ ମୁଦୁଲି ବିଭିନ୍ନ ଦାୟିତ୍ୱ ପରିଚାଳନା କରିଥିଲେ।

● ବୌଦ୍ଧ ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

## ଭାରତୀୟ ସଂସ୍କୃତି, ପରମ୍ପରାରେ ଶିଶୁର ଜନ୍ମଦିନ ପାଳନ ପାଇଁ ଆହ୍ୱାନ



ବୌଦ୍ଧ,୭ ।୩(ସମିସ): ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁବାଟିକା ବିଭାଗର ଘର ହିଁ ବିଦ୍ୟାଳୟର ଚତୁର୍ଥ ପର୍ଯ୍ୟାୟ ପରିବାର ପ୍ରଶିକ୍ଷଣ ହୋଇଯାଇଛି। ଏହି ପ୍ରଶିକ୍ଷଣ ସଭାରେ ଅଭିଭାବିକା ଅନନ୍ୟା ପୃଷ୍ଟି ପ୍ରଦୀପ ପଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଶିଶୁ ବାଟିକା ପ୍ରମୁଖ ନବୀନ ସାହୁଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ମୀନା କୁମାରୀ ବାଘ ଅତିଥି ପରିଚୟ ଦେଇଥିଲେ। ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରରେ ଶିଶୁମାନଙ୍କ ଜନ୍ମ ଦିବସ ପାଳନ କରାଯିବା ଉପରେ ଆଲୋଚନା ହୋଇଥିଲା। ୩୦ରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ। ବନ୍ଦନାରାଣୀ ସିହ୍ନା ଧନ୍ୟବାଦ୍ ଜ୍ଞାପନ କରିଥିଲେ।

## ମହାନଦୀ ଆଳତି ଘାଟରେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର



ବୌଦ୍ଧ,୭ ।୩ (ସମିସ): ମହାନଦୀ ଆଳତି ଘାଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କରିସ୍ମା ବେହେରା, ସୁପ୍ରିୟା ଦେହୁରୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉପ ଜିଲ୍ଲାପାଳ ବିନୟ ଭୋଇ, ତହସିଲଦାର ଅନିତା ସାହୁ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ, ଡେପୁଟି କଲେକ୍ଟର ପରିପୂର୍ଣ୍ଣା ଦେବୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ସୁରକ୍ଷା ଅଧିକାରୀ ସନ୍ତୋଷିନୀ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ମହିଳା ଓ ଛାତ୍ରୀମାନେ ଏଥିରେ ଯୋଗ ଦେଇଥିଲେ। ଯୋଗ ପ୍ରଶିକ୍ଷକ ଲଳିତା ଅଗ୍ରୱାଲ, ପ୍ରଜ୍ଞା ଦାଶ, ନମିତା ଅମାତ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୀତାକାନ୍ତି ବଳିୟାର ସିଂହ, ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡା ଅଧିକାରୀ ଜ୍ୟୋତି ରଞ୍ଜନ ଭୁଏ ପରିଚାଳନା କରିଥିଲେ। ରବିବାର ସକାଳ ସାଢେ ୬ଟାରେ ଷ୍ଟାଡିୟମ୍ ପଡିଆରେ ଶକ୍ତି ପଦଯାତ୍ରା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ମାରାଥନ ଗଣଦୌଡ଼ ଅନୁଷ୍ଠିତ ହେବ।

## ଭଗବାନ ମିଶ୍ରଙ୍କ ସ୍ମୃତିରେ ବାର୍ଷିକ କ୍ରୀଡ଼ା ଉତ୍ସବ



ଡୁଙ୍ଗୁରିପାଲି,୭ ।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ୍ ଅଧୀନ ଗମ୍ଭାରୀପଲି ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱର୍ଗତ ଭଗବାନ ମିଶ୍ରଙ୍କ ସ୍ମୃତିରେ ୧୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଚି ମିଶ୍ର ଯୋଗଦେଇଥିବାବଳେ ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରବୀର ଭୋଇ ଯୋଗ ଦେଇଥିଲେ। ଏହି ବାର୍ଷିକ କ୍ରୀଡ଼ାରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ଅଶୋକ ସାହୁ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ନିରାକାର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ମୋ ସ୍କୁଲ ଅଭିଯାନ ସଭାପତି ଜଗନ୍ନାଥ ପୂଜାରୀ, ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ମେହେର, ସଖବତି ହରିପାଲ, ଜୟଶ୍ରୀ ବାରିକ, ଏସ୍‌ଏମସି ମେମ୍ବର ଇନ୍ଦ୍ରମଣି ବାଗ, ବିଭୀଷଣ ମଲିକ, ଶଙ୍କର ବରିହା, ଦାମୋଦର କୁଦେଇ, ଦେବକୀ ବାଗ, ଜଳ ବିଶି, ଡିଲେଶ୍ୱରୀ, ସକୀର୍ତ୍ତନ ସାଣ୍ଡ ଓ ଡିଲେଶ୍ୱରୀ ସେଠୀ ପ୍ରମୁଖ ଯୋଗଦେଇ ଥିଲେ।

## ମାଳେଶ୍ରୀ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ବୀରମହାରାଜପୁର, ୭ ।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମୈତ୍ରୀ ସଦନଠାରେ ବୀରମହାରାଜପୁର ଲୋକ ମହୋସବ ମାଳେଶ୍ରୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। କମିଟିର ଅଧ୍ୟକ୍ଷ ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆଜି ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଥିବା ମାଳେଶ୍ରୀ ମଣ୍ଡପରେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏହି ମହୋତ୍ସବ ଆସନ୍ତା ମାର୍ଚ୍ଚ ମାସ ୨୦ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜିଠାରୁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମୈତ୍ରୀ ସଦନରେ ପ୍ରତ୍ୟେକ କମିଟିର ବୈଠକ ଅନୁଷ୍ଠିତ ହେବ ଏବଂ ଏହାର ସମୀକ୍ଷା କମିଟିର ଅଧ୍ୟକ୍ଷ ଉପଜିଲ୍ଲାପାଳ କରିବେ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ବୈଠକରେ ୧୭ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ସମସ୍ତ କମିଟି ଓ ସଦସ୍ୟ ମାନଙ୍କ ସହିତ ଯୋଗାଯୋଗ କରି କାର୍ଯ୍ୟ କରିବେ ବୋଲି ଉପଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାସହ ଅର୍ଥ, ସାଂସ୍କୃତିକ, ମ୍ୟାନେଜ ମେଣ୍ଟ, ଖାଦ୍ୟ, ଶାନ୍ତି ଶୃଙ୍ଖଳା, ରେଜିଷ୍ଟ୍ରେସନ କମିଟି ସହ ବିଭିନ୍ନ କମିଟି ଉପରେ ଆଲୋଚନା ହୋଇଥିଲା। ଆଜିର ଏହି ବୈଠକରେ ସାଂସ୍କୃତିକ କମିଟିର ମୁଖ୍ୟ ବିଧାୟକ ଇ.ରଘୁନାଥ ଜଗଦଳା, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ବିଡିଓ ରାଜୀବ ହାଂସଦା, ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ, ଡେପୁଟି କଲେକ୍ଟର ଶୁଭମ୍ ଶିବାଶିଷ ସତପଥୀ, ସମ୍ପାଦକ ତଥା ଅଜିତ୍ ମିର୍ଦ୍ଧା, ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ଓକିଲ ସୟମ୍ଭୁ ନାଥ ଖଣ୍ଡଗିରି, ସ୍ମରଣିକାର ମୁଖ୍ୟ ଭୂଷଣ କୁମାର ପାତ୍ର, ଡ. ଦ୍ୱିତୀକୃଷ୍ଣ ପଣ୍ଡା, ରାମକୃଷ୍ଣ ହୋତା, କିଶୋର ହୋତା, ଅକ୍ଷୟ ରାୟ, ମେଘନାଦ ଭୋଇ, ସୁମନ୍ତ ଜଗଦଳା, ଉଙ୍ଗୁଲା ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀୟା କର୍ମୀ, ଦମୋଦର୍ ହୋତା, ସରପଞ୍ଚ ମହେନ୍ଦ୍ର ଜଗଦଳଙ୍କ ସମେତ ଅନେକ ସଦସ୍ୟ ସାମିଲ ଥିଲେ। ନୁଗଲ କିଶୋର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଆଡେଣିଗଡ଼ରେ ୭୫ତମ ଅଷ୍ଟପ୍ରହର ନାମଯଜ୍ଞ

ବୌଦ୍ଧ,୭ ।୩ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଗଡଜାତ ଗାଁ ଆଡେଣିଗଡ଼ରେ ୭୫ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ୧୧ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଶୁକ୍ରବାର ଭବ୍ୟ କଳସ ଯାତ୍ରା ସହ ଉତ୍ସବର ଶୁଭାରମ୍ଭ ହୋଇଥିଲା। ଗ୍ରାମର ମହିଳାମାନେ ମଙ୍ଗଳ ଘଟ ବହନ କରି ହରିନାମ ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରିଥିଲେ। ଏହି ଆୟୋଜନରେ ଗାଁ ସଭାପତି ତପନ ସାହୁ, ଯଜ୍ଞକର୍ତ୍ତା ନିରୋଦ ଭୋଇ, ପୂଜକ ହରେକୃଷ୍ଣ ରଥ, ମନମୋହନ ସାହୁ, ଟୁନା ରଥ, ଗୁଡୁ ରଥ, ଶ୍ରୀକର ନାୟକ, ପ୍ରଫୁଲ୍ଲ ପ୍ରଧାନ, ବିରାଜ ବାରିକ, ଦ୍ରୋଣ ସାହୁ, ଦେବେନ୍ଦ୍ର ଭୋଇଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ ସହଯୋଗ କରିଥିଲେ। ଶନିବାର ଦିନ ନାମସଂକୀର୍ତ୍ତନ କରାଯାଇଛି। ରବିବାର ଦଧିହାଣ୍ଡି ଭଗ୍ନ କାର୍ଯ୍ୟକ୍ରମ ହେବ। ସୋମବାର, ମଙ୍ଗଳବାର ଓ ବୁଧବାର ସଂସ୍କୃତିକ କାର୍ଯ୍ୟକ୍ରମ, ଅପେରା, ଭଜନ ସମାରୋହ, ଭାରତ ଲୀଳା, ପାରାୟଣ କାର୍ଯ୍ୟକ୍ରମ ଆୟୋଜିତ ହେବ।

## ଜୁନିୟର ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର



ବୌଦ୍ଧ,୭ ।୩ (ସମିସ): ବୌଦ୍ଧ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡକ୍ରସ ପରାମର୍ଶଦାତାମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେବା ମନୋଭାବ ପ୍ରତି ସ୍ୱତଃପ୍ରବୃତ୍ତ ଭାବରେ ଆଗ୍ରହ ପ୍ରକାଶ, ସମ୍ବେଦନଶୀଳ ହେବା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଭାସ୍କର ଚରଣ ଲେଙ୍କା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା, ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ନବ କିଶୋର ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜୁନିୟର ରେଡକ୍ରସ୍ ୟୁନିଟ ଖୋଲିବା ସହିତ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା, ଅଂଶୁଘାତ ସଚେତନତା, ଏଚଆଇଭି ଏଡ଼ସ, ସଡ଼କ ସୁରକ୍ଷା ସଚେତନତା ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ରଥ ଯାତ୍ରା, ରାମଲୀଳା ଯାତ୍ରା, ମହାବିଷୁବ ସଂକ୍ରାନ୍ତିରେ ସେବା ଶିବିର, ଜଳଛତ୍ର ଆଦି ଆୟୋଜନ କରିବା ନିମନ୍ତେ ଜିଲ୍ଲା ସମ୍ପାଦକ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଦୁବେ ପରାମର୍ଶ ଦେଇଥିଲେ। ନବକିଶୋର ଦୀପ, ସନ୍ତୋଷ ସ୍ୱାଇଁ, ବନମାଳୀ ମେହେର, ମନଜିତ ମୋହନ ଚାନ୍ଦ, ଗିରିଜା ଶଙ୍କର ବାଘ ପ୍ରଶିକ୍ଷଣ ଦେଇଥିଲେ।

ବରିଷ୍ଠ ପରାମର୍ଶଦାତା କୃଷ୍ଣଚନ୍ଦ୍ର ସେଠୀ ମଞ୍ଚ ସଞ୍ଚାଳନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସାମଲ ଅଧ୍ୟକ୍ଷତା କରିଥିଲେ।

## ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ପଥର ମାଡ଼ରେ ମାଁ, ପୁଅ ଗୁରୁତର

କଣ୍ଟାମାଳ,୭ ।୩(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡା ଅଞ୍ଚଳରେ ଜଣେ ମାନସିକ ଅନଗ୍ରସର ବ୍ୟକ୍ତି ଆତଙ୍କ ଖେଳାଇଛନ୍ତି। ଘଣ୍ଟାପଡ଼ା ପଞ୍ଚାୟତ ତବଡା ଛକରେ ସେ ଲୋକଙ୍କ ଉପରକୁ ଢେଲାମାଡ଼ କରିଛନ୍ତି। ଏଥିରେ ଜଣେ ମହିଳା ଓ ତାଙ୍କ ପୁଅ ଗୁରୁତର ହୋଇଛନ୍ତି। ଗ୍ରାମବାସୀ ତାଙ୍କୁ କଣ୍ଟାମାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ଲାଗି ମା, ପୁଅଙ୍କୁ ବଲାଙ୍ଗିର ବଡ ସ୍ଥାନାନ୍ତର କରାଯାଇଛି। ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିଛି।

## ପଣ୍ଡୁଆ ସାହି-ପଲାସ ରାସ୍ତା ଚଉଡ଼ା ପାଇଁ ଦାବି



ବୌଦ୍ଧ,୭ ।୩(ସମିସ): ପଣ୍ଡୁଆ ସାହି-ପଲାସ ରାସ୍ତା ଅତି ସଂକୀର୍ଣ୍ଣ ଭାବେ ନିର୍ମାଣ ହେଉଛି। ବୌଦ୍ଧ ସହର ରାଜନପାଲି ଓ ପଲାଶ ଗ୍ରାମର ଜନ ସାଧାରଣ ଏଭଳି ଅଭିଯୋଗ କରି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟିଛନ୍ତି। ପଣ୍ଡୁଆ ସାହି-ପଲାସ ରାସ୍ତା କଂକ୍ରିଟକରଣ ଯାଉଛି; ହେଲେ ତାହା ମାତ୍ର ୧୧ ଫୁଟ ଚଉଡାର ନିର୍ମାଣ କରାଯାଉଛି। ଏହି ରାସ୍ତା ବୌଦ୍ଧ ଏକ ପ୍ରମୁଖ ରାସ୍ତା। ସଂକୀର୍ଣ୍ଣ ଭାବେ ନିର୍ମାଣ କରାଗଲେ ଲୋକଙ୍କ କୌଣସି କାମରେ ଆସିବ ନାହିଁ। ତାହା ପ୍ରଶସ୍ତ କରାଯିବାକୁ ଏମାନେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

# ଜଙ୍ଗଲରେ ନିଆଁ ନ ଲଗାଇବାକୁ ହାତ ଯୋଡ଼ିଲା ବନ ବିଭାଗ

**ଜଙ୍ଗଲ ହେଉଛି ପରିବେଶ ସମତା ଓ ଜୀବିକାର ଆଧାର | ସମସ୍ତଙ୍କ ସହଯୋଗ ଓ ସଚେତନତାରେ ଜଙ୍ଗଲ ସୁରକ୍ଷା କରିହେବ**

ଶଗଡା, ୭ ।୩(ସମିସ)



ଗ୍ରୀଷ୍ମ ଆରମ୍ଭରୁ ବୌଦ୍ଧ ଜିଲ୍ଲା ମନମୁଣ୍ଡା ରେଞ୍ଜ ଅଞ୍ଚଳର ଜଙ୍ଗଲରେ ନିଆଁ ଲାଗିବା ଆଶଙ୍କା ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ମନମୁଣ୍ଡା ରେଞ୍ଜ ପକ୍ଷରୁ ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରାଙ୍କ ଅଧ୍ୟକ୍ଷତାରେ ଶଗଡା ସେକ୍ସନ ଅଧୀନ ମାଳତୀଗୋଛାପଡା, ପାଲଝିର ଓ କୁମରକାନି ଗାଁରେ ସଚେତନତା ସଭା କରାଯାଇଛି। ଦାସକାଠିଆ ଏବଂ ପାଲା ମାଧ୍ୟମରେ ଗ୍ରାମବାସୀଙ୍କୁ ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବାର ଗୁରୁତ୍ୱ ଉପରେ ବୁଝାଯାଇଛି। ଜଙ୍ଗଲ ହେଉଛି ପରିବେଶ ସମତା ଓ ଜୀବିକାର ଆଧାର। ସମସ୍ତଙ୍କ ସହଯୋଗ ଓ ସଚେତନତା ଦ୍ୱାରା ହିଁ ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷିତ କରିହେବ ବୋଲି କୁହାଯାଇଛି।

ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଏସିଏଫ ମିନାକ୍ଷୀ କୁମୁରା, ଶଗଡା ଫରେଷ୍ଟର ରାମଚନ୍ଦ୍ର ଦଳବେହେରା, ଗୁଡୁଲିଆ ଫରେଷ୍ଟର ଦେବକାନ୍ତ ବେହେରା, ମନମୁଣ୍ଡା ଫରେଷ୍ଟର ପ୍ରକାଶ ସେଠୀ, ଫରେଷ୍ଟ ଗାର୍ଡ ଭକ୍ତଚରଣ ଭୋଇ, ଫତିମା ବିବି, ପ୍ରଶାନ୍ତ ସେଠୀ, ସୁନୀଲ ମାଝୀ, ରବୀନ୍ଦ୍ର ବାରିକ, ସନ୍ତୋଷ ବାରିକ, ବିବେକ ପ୍ରଧାନ, ପ୍ରକାଶ ପ୍ରଧାନ, ବେବି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମନମୁଣ୍ଡା ରେଞ୍ଜ ଅଧୀନ ଜଙ୍ଗଲ ନିକଟବର୍ତ୍ତୀ ବିଭିନ୍ନ ଗ୍ରାମରେ ପାଲା ମାଧ୍ୟମରେ ମଧ ଲୋକଙ୍କୁ ସଚେତନତ କରାଯାଇଛି। ଅସାବଧାନତା ବଶତଃ ଜଙ୍ଗଲରେ ନିଆଁ ନ ଲଗାଇବା, ବିଡି ସିଗାରେଟ ଟୁକୁଡ଼ା ନ ପିଙ୍ଗିବା ଓ ମହୁଲ ଗୋଟାଇବାକୁ ଗଛ ମୂଳ ସଫା କରିବାକୁ କିମ୍ବା ଶିକାର ସମୟରେ ନିଆଁ ଲଗାଇବାରୁ ବିରତି ରହିବାକୁ ଅନୁରୋଧ କରାଯାଇଛି। ପ୍ରଚାର ପତ୍ର ବଣ୍ଟନ ସହ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଛି। ପୋଷ୍ଟର ମରାଯାଇଛି। ପାଲା, ଦାସକାଠିଆ ମାଧ୍ୟମରେ ମଧ ସଚେତନତା ବାର୍ତ୍ତା ଦିଆଯାଉଛି। ସ୍ଥାନୀୟ ଯୁବକଙ୍କୁ ନେଇ ଅଗ୍ନି ନିର୍ବାପଣ ଦଳ ମଧ ଗଠନ କରାଯାଇଛି। କୌଣସି ସ୍ଥାନରେ ନିଆଁ ଲାଗିଲେ ତୁରନ୍ତ ବନ ବିଭାଗକୁ ସୂଚନା ଦେବା ପାଇଁ ହେଲ୍ପଲାଇନ୍ ନମ୍ବର ମଧ ଜାରି କରାଯାଇଛି।



## ଅର୍ଦ୍ଧ ନିର୍ମିତ ଉପ ସ୍ୱାସ୍ଥ୍ୟକେନ୍ଦ୍ର କୋଠା

# ଅଞ୍ଚଳବାସୀ ତତ୍କାଳ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ

**ଥୁଆମୂଳରାମପୁର, ୭ ।୩ (ସମିସ):** ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ସୁଲଭ କରିବା ପାଇଁ ସରକାରଙ୍କ ଦ୍ୱାରା ନିର୍ମାଣ ଆରମ୍ଭ ହୋଇଥିବା ଉପସ୍ୱାସ୍ଥ୍ୟ କେନ୍ଦ୍ର ଗୃହ ଦୀର୍ଘଦିନ ଧରି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ମେଲକୁନ୍ଦେଲ ଏବଂ ସିନ୍ଧିପଦର ଗ୍ରାମରେ ନିର୍ମାଣ ହେଉଥିବା ଉପସ୍ୱାସ୍ଥ୍ୟ କେନ୍ଦ୍ର କୋଠା ଗତ ତିନି ବର୍ଷ ଧରି ଅଧୂରା ଅବସ୍ଥାରେ ରହିଛି। ସୂଚନା ଅନୁସାରେ, ଏହି ଉପସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ନିର୍ମାଣ କାର୍ଯ୍ୟ ୨୦୨୩ ମସିହାରେ ଆରମ୍ଭ ହୋଇଥିଲା ଏବଂ ଟେଣ୍ଡର ନିୟମ ଅନୁଯାୟୀ ୨୦୨୪ ମସିହା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା। ପ୍ରତ୍ୟେକ ପ୍ରକଳ୍ପ ପାଇଁ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ ରହିଛି। କିନ୍ତୁ ନିର୍ଦ୍ଧାରିତ ସମୟ ପରେ ବି ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ କହିବା ଅନୁସାରେ, ଉପସ୍ୱାସ୍ଥ୍ୟ କେନ୍ଦ୍ର ନଥିବାରୁ ଛୋଟ ଛୋଟ ରୋଗର ଚିକିତ୍ସା ପାଇଁ ମଧ୍ୟ ଦୂର ଦୂରାନ୍ତର ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ବ୍ଲକ ମୁଖ୍ୟାଳୟକୁ ଯିବାକୁ ପଡୁଛି। ବିଶେଷକରି ଗର୍ଭବତୀ ମହିଳା, ଶିଶୁ ଏବଂ ବୃଦ୍ଧ ଲୋକମାନେ ଏଥିରୁ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆପାତକାଳୀନ ସମୟରେ ତତ୍କାଳ ସ୍ୱାସ୍ଥ୍ୟ ସେବା ମିଳୁନଥିବାରୁ ଜନସାଧାରଣ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପଟେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଥିବା କୋଠାଗୁଡ଼ିକ ଦୀର୍ଘଦିନ ଧରି ଅବହେଳିତ ହୋଇ ପଡ଼ିଥିବାରୁ ଏହାର ଗୁଣବତ୍ତା ଓ ସ୍ଥାୟୀତ୍ୱ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଶୀଘ୍ର କାର୍ଯ୍ୟ ଶେଷ କରି ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ପ୍ରଶାସନଙ୍କୁ ଦାବି କରିଛନ୍ତି। ଏପଟେ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ଏବଂ ଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବ୍ଲକ କର୍ତ୍ତୃପକ୍ଷରୁ ସୂଚନା ମିଳିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ କହିଛନ୍ତି ଯେ, ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ମଜବୁତ କରିବା ପାଇଁ ଏହି ପ୍ରକଳ୍ପଗୁଡ଼ିକ ଅତ୍ୟନ୍ତ ଆବଶ୍ୟକ। ତେଣୁ ସମ୍ପର୍କିତ ବିଭାଗ ଶୀଘ୍ର ହସ୍ତକ୍ଷେପ କରି ଅଧୂରା ନିର୍ମାଣ କାର୍ଯ୍ୟକୁ ଶେଷ କରି ଲୋକମାନଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବାକୁ ଦାବି କରାଯାଇଛି।





## ଲାଖବାହାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର

# ପୁରୁଣା ହସ୍ତାନ୍ତର ହୋଇନି; ପୁଣି ନୂଆ ନିର୍ମାଣ





**ଲାଞ୍ଜିଗଡ଼, ୭ ।୩(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପୁରୁଣା କୋଠା ଏଯାଏଁ ହସ୍ତାନ୍ତର ହୋଇନି। ହେଲେ ପୁଣି ଏକ ନୂଆ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିବା ବେଳେ ନିମ୍ନ ମାନର କାମକୁ ନେଇ ପଞ୍ଚାୟତବାସୀ ବିରୋଧ କରିଥିଲେ। ଫଳରେ ଦୁଇ ବର୍ଷ ହେଲା କାମ ବନ୍ଦ କରିଛି ଠିକାଦାର। ଜରୁରୀକାଳୀନ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ଲୋକେ ବଞ୍ଚିତ ହେଉଥିବା ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ରହିଛି ଲାଖବାହାଲି ପଞ୍ଚାୟତ। ଏହି ପଞ୍ଚାୟତରେ ୧୭ଟି ଗ୍ରାମ ରହିଥିବା ବେଳେ ବାରଗୁଡା, ପଣସ ପଦର, ପଟାଙ୍ଗପଦର, ସରଗୁଡା, ତିର୍କୀଝୁଲା, ବଣ୍ଡେଲ, ଡକରିଗୁଡା ଓ ମୁଣ୍ଡାଙ୍ଗ ପଦର ଗାଁମାନଙ୍କୁ ରାସ୍ତା ନାହିଁ। ଏହି ଗାଁ ଲୋକେ ଗୁରୁତର ରୋଗୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଖଟିଆରେ ବୋହି ମୁଖ୍ୟରାସ୍ତାକୁ ଆଣିଥିବା ଦୃଶ୍ୟମାନ ବାରମ୍ବାର ଦେଖିବାକୁ ମିଳିଥିଲା। ଲୋକେ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହୁଥିବା ବେଳେ ଏକ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରି ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପଞ୍ଚାୟତବାସୀ ଏହାକୁ ନେଇ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସ୍ତରରେ ବାରମ୍ବାର ଅଭିଯୋଗ ପରେ ୨୦୧୫ ମସିହାରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ ପାଇଁ ସରକାର ଅନୁମତି ଦେଇଥିଲେ। ଏଥିପାଇଁ କୋଠା ନିର୍ମାଣ ହୋଇଥିଲା। ଭବାନୀପାଟଣାର ଜଣେ ଠିକାଦାର ନିର୍ମାଣ କାର୍ଯ୍ୟ ୨୦୧୬ ମସିହାରେ ସମ୍ପୂର୍ଣ୍ଣ କରିଥିଲେ। କିନ୍ତୁ କୌଣସି କାରଣରୁ ସମ୍ପୂର୍ଣ୍ଣ ହେବାର ୮ ବର୍ଷ ବିତି ଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ। ଏବେ ସେହି କୋଠା ମୁଖ୍ୟ ରାସ୍ତା କଡରେ ଅସାମାଜିକଙ୍କ ଆଡାସ୍ଥଳୀ ହୋଇ ରହିଛି। ପୁଣି ଗତ ୨୦୨୩ ମସିହାରେ ପୂର୍ବ ସ୍ୱାସ୍ଥ୍ୟ ଉପକେନ୍ଦ୍ର କୋଠାର ୩୦୦ ଶହ ମିଟର ବ୍ୟବଧାନରେ ଆଉ ଏକ

### ୨ ବର୍ଷ ହେଲା କାମ ବନ୍ଦ

କୋଠା ନିର୍ମାଣ କାମ ଆରମ୍ଭ ହୋଇଥିଲା। ଏହି କାମ ଅତି ନିମ୍ନମାନର ହେଉଥିବା ଯୋଗୁଁ ଲୋକେ ଠିକାଦାର ଓ ଯନ୍ତ୍ରୀକୁ ଅଭିଯୋଗ କରିଥିଲେ। କାମର ଫଳକ ଲାଗିନଥିବା ଯୋଗୁଁ ବ୍ୟୟ ଅଟକଳ ମୂଲ୍ୟ ଓ କାମ ଶେଷ ତାରିଖ ଜାଣିନଥିବା ଯୋଗୁଁ ନିୟମ ଉଲ୍ଲଂଘନ କରି ଏହି କାମ ଚାଲୁଥିବାରୁ ଲାଖବାହିଲି ପଞ୍ଚାୟତବାସୀ ବିରୋଧ କରିଥିଲେ। ଫଳରେ ପ୍ରାୟ ୨ବର୍ଷ ହେବ କାମ ବନ୍ଦ ରହିଛି। ଅନ୍ୟପକ୍ଷେ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଜସ୍ୱ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନଥିବା ଯୋଗୁଁ ଲୋକଙ୍କ ଘର ବାରଣ୍ଡା, ଗଛମୂଳେ ନିୟମିତ ସ୍ୱାସ୍ଥ୍ୟ ସେବା ଯୋଗାଇବା ସମ୍ଭବ ହେଉନାହିଁ। ଯାହା ଫଳରେ ସପ୍ତାହରେ ଥରେ ପଞ୍ଚାୟତ ଆସି ଚାଲିଯାଉଥିବା ଲୋକେ ପ୍ରକାଶ କରିଛନ୍ତି। ଏନେଇ ସରପଞ୍ଚ ପଦ୍ମିନୀ ମାଝୀଙ୍କୁ ପଚାରିବାରୁ ବର୍ତ୍ତମାନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ୨ବର୍ଷ ହେଲା କାମ ବନ୍ଦ ପଡ଼ିଛି। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେବି ଶୁଣୁନାହାନ୍ତି। ଯାହା ଫଳରେ ସ୍ୱାସ୍ଥ୍ୟ ସେବାରେ ଅସୁବିଧା ଦେଖା ଦେଇଛି। ଯଦି କରିବାର ନଥିଲା କାହିଁକି କରୁଥିଲେ ବୋଲି ପ୍ରକାଶ କରିଛନ୍ତି। ଏନେଇ ନୂତନ ଭାବେ ଯୋଗ ଦେଇଥିବା କନିଷ୍ଠ ଯନ୍ତ୍ରୀ ଲାଲିନ୍ଦ୍ର କିଶାନ ମାଝୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା।

# ଶିକ୍ଷାବିତ୍ ଠାକୁର ଚରଣ ନାୟକଙ୍କ ପରଲୋକ

**କୋମନା, ୭ ।୩(ସମିସ):** ଜଣେ ସୁଦକ୍ଷ ଶିକ୍ଷକ ତଥା ଅଞ୍ଚଳର ଜଣାଶୁଣା ସମାଜସେବୀ ଠାକୁର ଚରଣ ନାୟକଙ୍କ ଶନିବାର ପରଲୋକ ଘଟିଛି। ସୂଚନାଯୋଗ୍ୟ ଯେ, ଗତ ନୂଆଖାଇ ଭେଟ୍‌ଘାଟ ସମୟରୁ ସେ ନାୟକ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ସରଳ ଜୀବନଶୈଳୀ, ଶିକ୍ଷା ପ୍ରତି ସମର୍ପଣ ଏବଂ ସମାଜ ମଙ୍ଗଳ ପାଇଁ ତାଙ୍କର ନିରନ୍ତର ପ୍ରୟାସ ତାଙ୍କୁ ସମସ୍ତଙ୍କ ପ୍ରିୟଭାଜନ କରିପାରିଥିଲା। ଜଣେ ଶିକ୍ଷାବିତ୍ ଭାବେ ସେ ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।



# ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

**ଭବାନୀପାଟଣା, ୭ ।୩(ସମିସ):** ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟିର ସମୀକ୍ଷା ବୈଠକ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ସମ୍ମିଳନୀ କକ୍ଷରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଜଳସେଚନ, କ୍ରୀଡା, ନିଯୁକ୍ତି, ସମାଜ କଲ୍ୟାଣ, ସମନ୍ୱିତ ଜନଜାତି ଉନ୍ନୟନ, ଗମନାଗମନ, ସମବାୟ, ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ଯୋଗାଣ, ଦକ୍ଷତା ବିକାଶ, ନିୟୋଜନ, ଗ୍ରାମ୍ୟଉନ୍ନୟନ, ଶ୍ରମ ଇତ୍ୟାଦି ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ଓ ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା ଉପରେ ଆଲୋଚନା ହୋଇଥିଲା। ବୈଠକରେ ବିଧାୟକ ଯେଉଁ ସ୍କୁଲରେ ଶ୍ରେଣୀଗୃହ ଅସୁରକ୍ଷିତ ଅଛି ତାହାର ସମାଧାନ କରିବା ପାଇଁ ଏବଂ ଅସମ୍ପୂର୍ଣ୍ଣ ଥିବା ଅଙ୍ଗନବାଡି କେନ୍ଦ୍ରକୁ ସମ୍ପୂର୍ଣ୍ଣ କରିବା। ଥୁଆମୂଳ ରାମପୁର ଓ ଲାଞ୍ଜିଗଡ଼ରେ ନିୟୋଜିତ ଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀମାନେ ବ୍ଲକ ହେଡ କ୍ୱାର୍ଟରରେ ରହି ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିବା ଅଚଳ ନଳକୂପକୁ ଶୀଘ୍ର ମରାମତି କରିବା। ଅସମ୍ପୂର୍ଣ୍ଣ ଥିବା ପାଇପ ଯୋଗେ ଜଳ ଯୋଗାଣ ପ୍ରକଳ୍ପ ଗୁଡିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ଡିତେପଟା ଘାଟ ଏବଂ ସିଲେଟ ସେତୁ ନିର୍ମାଣ ଓ ଠିକ୍ ସମୟରେ ମଣ୍ଡିରୁ ଚାଷୀମାନଙ୍କ ଠାରୁ ଧାନକ୍ରୟ କରିବା ଉପରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ପଦକ୍ଷେପ ନେବାକୁ କହିଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟ ଅଧିକାରୀ ଶ୍ରୀକାନ୍ତ ଦଳେଇ ମଞ୍ଚାସିନ ଥିଲେ। ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ଲାଞ୍ଜିଗଡ଼, ଜୟପାଟଣା, ଥୁଆମୂଳ ରାମପୁର, ଭବାନୀପାଟଣା, ଏବଂ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଉପ ନିର୍ଦ୍ଦେଶକ ଜିଲ୍ଲା ଯୋଜନା ଅଧିକାରୀ ଶ୍ରୀ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।



# ମାଝୀଗୁଡା ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା



**କୋକସର, ୭ ।୩(ସମିସ):** କୋକସରା ବ୍ଲକ ମାଝୀଗୁଡା ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତି ଓ ବରିଷ୍ଠ କିରାଣୀ ଚୈତନ୍ୟ ବାଗଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି ।ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କିଶୋର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଗୋଷ୍ଠୀ ଶିକ୍ଷକ ଅଧିକାରୀ ମହେଶ କୁମାର ଭାଟି ବିଶିଷ୍ଟ ଅତିଥି, କୋକସରା ଜବାହାର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁଧୀର ରଞ୍ଜନ ପଣ୍ଡା, କାଉଡୋଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପଣ୍ଡା, ବଡପୋଡ଼ାଗୁଡା ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା ଓ ବର୍ଷାରାଣୀ ଦାସ ପରିଚାଳନା କରିଥିଲେ।

## ପିଉସୀ ନାନୀଙ୍କ ମାନବିକତାକୁ ସମ୍ମାନ

# ଅନ୍ତର୍ଜାତୀୟ ମହିଳା ଦିବସରେ ସୁବର୍ଣ୍ଣା ମାଝୀ ସମ୍ବର୍ଦ୍ଧିତ

**ଥୁଆମୂଳରାମପୁର, ୭ ।୩(ସମିସ):** କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳରାମପୁର ବ୍ଲକ ଅନ୍ତର୍ଗତ ମାଳିଗାଁ ପଞ୍ଚାୟତର ଦୁର୍ଗମ ସୂର୍ଯ୍ୟଗଡ଼ ଅଞ୍ଚଳରୁ ମାନବିକତା ଓ ତ୍ୟାଗର ଏକ ହୃଦୟସ୍ପର୍ଶୀ ଘଟଣା ସାମ୍ନାକୁ ଆସିଥିଲା। ପରିବାରରେ ଘଟିଥିବା ଦୁଃଖଦ ପରିସ୍ଥିତି ପରେ ଅସହାୟ ହୋଇପଡ଼ିଥିବା ତିନି ଜଣ ଅପରିପକ୍ୱ ଶିଶୁଙ୍କୁ ତାଙ୍କର ପିଉସୀ ନାନୀ ସୁବର୍ଣ୍ଣା ମାଝୀ ନିଜ ଭରସାରେ ରଖି ଲାଳନ ପାଳନ କରୁଛନ୍ତି।ଏହି ତିନି ଶିଶୁଙ୍କ ବାପା ତଥା ସୁବର୍ଣ୍ଣାଙ୍କ ବଡଭାଇ କେରଳକୁ ଦାଦନ ଖଟିବାକୁ ଯାଇ ସେଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ପରେ ମା ମଧ୍ୟ ତିନି ଶିଶୁଙ୍କୁ ଛାଡି ଅନ୍ୟତ୍ର ଚାଲିଯାଇଥିବାରୁ ସେମାନେ ସମ୍ପୂର୍ଣ୍ଣ ଅନାଥ ହୋଇପଡ଼ିଥିଲେ। ଏହି ସମୟରେ ପିଉସୀ ନାନୀ ସୁବର୍ଣ୍ଣା ମାଝୀ ନିଜର ବିବାହ ଭବିଷ୍ୟକୁ ଜଳାଞ୍ଜଳି ଦେଇ ସମସ୍ତ ଦାୟିତ୍ୱ ନିଜ ଉପରେ ନେଇ ସେମାନଙ୍କୁ ନିଜ ସନ୍ତାନ ପରି ଲାଳନପାଳନ କରୁଛନ୍ତି। ଦୁର୍ଗମ ଅଞ୍ଚଳ, ଆର୍ଥିକ ଅଭାବ ଓ ସାଧନ ସମ୍ପତ୍ତି ନଥିବା ସତ୍ତ୍ୱେ ସେ ଶିଶୁମାନଙ୍କ ଭବିଷ୍ୟତ ପାଇଁ ଲଢ଼େଇ କରୁଛନ୍ତି। ସରକାରୀ ସହାୟତା କହିଲେ ଖାଦ୍ୟ ସୁରକ୍ଷା ଯୋଜନାରୁ ମାସକୁ ମାତ୍ର ୧୫ କେଜି ଚାଉଳ ମିଳୁଥିବା ବେଳେ ଆବାସ ଯୋଜନା ଏପର୍ଯ୍ୟନ୍ତ ସେମାନଙ୍କ ପାଇଁ ସ୍ୱପ୍ନ ହୋଇ ରହିଛି। ଚାଳଛପର ଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ସେ ତିନି ଛୋଟ ଛୁଆଙ୍କୁ ନେଇ ଜୀବନ ଯାପନ କରୁଛନ୍ତି। ଏହି ଘଟଣା ମାଧ୍ୟମରେ ସାମାଜିକ ଦାୟିତ୍ୱ ଓ ସଚେତନତା କିପରି ଅସହାୟଙ୍କ ଜୀବନରେ ଆଶାର ଆଲୋକ ଜଳାଇପାରେ ତାହାର ଜୀବନ୍ତ ଉଦାହରଣ ହୋଇଛି। ଏହି ପରିପ୍ରେକ୍ଷିତରେ 'କର୍ତ୍ତବ୍ୟ' ଅନୁଷ୍ଠାନ ଦ୍ୱାରା ଗୁରୁବାର ଆୟୋଜିତ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପିଉସୀ ନାନୀ ସୁବର୍ଣ୍ଣା ମାଝୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ସଂସ୍ଥାର ପ୍ରକଳ୍ପ ମ୍ୟାନେଜର ସନ୍ତୋଷ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତାପ ନାଏକ (ବିପିସି, ମିଶନ ଶକ୍ତି) ଓ ବଳଦେବ ଗୌଡ (ମାଳିଗାଁ ସମିତି ସଭ୍ୟ) ଉପସ୍ଥିତ ଥିଲେ। 'କର୍ତ୍ତବ୍ୟ' ଅନୁଷ୍ଠାନର ସଂଯୋଜକ ସୁଦର୍ଶନ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡମ୍ବରୁଧର ନାଏକ ସହଯୋଗ କରିଥିଲେ।



# ଭଙ୍ଗା କୋଠାରେ ଆର୍‌ଆଇ କାର୍ଯ୍ୟାଳୟ

**ଲାଞ୍ଜିଗଡ଼, ୭।୩(ସମିସ)**

ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ତହସିଲ ଭାବେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ତହସିଲର ପରିଚୟ ରହିଛି।ରାଜାରାଜୁଡା ଅମଳରୁ ଜମିଜମା ରେକର୍ଡ ସଂରକ୍ଷଣ ସହିତ ଜମିଜମା ବନ୍ଦୋବସ୍ତରେ ଏହି ତହସିଲ କାର୍ଯ୍ୟାଳୟ ଆଗୁଆ ଥିବାବେଳେ ଆଦିବାସୀ ଅଧ୍ୟୁଷିତ ବିଭିନ୍ନ ରାଜସ୍ୱ ଗାଁରେ ତହସିଲ ସେବା ପହଞ୍ଚାଇବାରେ ଲାଞ୍ଜିଗଡ଼ ତହସିଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ବହୁ ମୂଲ୍ୟବାନ

### କର୍ମଚାରୀ ଅସୁରକ୍ଷିତ

ଜମି ରେକର୍ଡପତ୍ରର ସଂରକ୍ଷଣ ଦାୟିତ୍ୱରେ ଥିବା ଲାଞ୍ଜିଗଡ଼ ତହସିଲ ଅଞ୍ଚଳରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଗୁଡିକର ଦୁର୍ଦ୍ଦଶା କହିଲେ ନସରେ। ଏନେଇ ଲାଞ୍ଜିଗଡ଼ ତହସିଲଦାର ଡ.ବନମାଳୀ ମେହେରଙ୍କୁ ପଚାରିବାରୁ ରାଜସ୍ୱ ନିରୀକ୍ଷକଙ୍କ କୋଠା ବିପଦସଙ୍କୁଳ ଥିବା ନେଇ ସରକାରଙ୍କୁ ଲେଖି ଜଣାଇଥିବା କହିଛନ୍ତି। ଲାଞ୍ଜିଗଡ଼ ତହସିଲ ଅନ୍ତର୍ଗତ ଏକାଧିକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବେ ଭଙ୍ଗାଦଦରା ହୋଇ ପଡ଼ିରହିଛି। ମରାମତି, ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ଅଭାବରୁ ଏହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଗୁଡ଼ିକ ଏବେ ବିପଦସଙ୍କୁଳ ଅବସ୍ଥାରେ ଚାଲିଥିବା ଦେଖିବାକୁ ମିଳିଛି। ଶିଳ୍ପାଞ୍ଚଳ ଲାଞ୍ଜିଗଡ଼ରେ ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ, ଆର୍‌ଆଇ କାର୍ଯ୍ୟାଳୟ ବିପଦକୁ ଆମନ୍ତ୍ରଣ କରୁଥିବା ବେଳେ ଦାୟିତ୍ୱରେ ଥିବା କର୍ମଚାରୀମାନେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି। ଶତାଧିକ ବର୍ଷର ଭଙ୍ଗାଦଦରା ଓ ବିପଦସଂକୁଳ ରାଜସ୍ୱ ବଙ୍ଗଳାରେ ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହିତ ଲାଞ୍ଜିଗଡ଼ ଓ ନଙ୍ଗଲବେଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ନଙ୍ଗଲବେଡ଼ାଠାରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଦୀର୍ଘ ବର୍ଷ ହେଲା ବିପଦସଂକୁଳ ଘୋଷଣା କରାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ ନୂତନ କାର୍ଯ୍ୟାଳୟ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ବିଶ୍ୱନାଥପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବାରମ୍ବାର ମରାମତି ସତ୍ତ୍ୱେ ଅବସ୍ଥା ସୁଧୁରୁନଥିବାରୁ ବିଶ୍ୱନାଥପୁର ଠାରେ ଥିବା ପୁରୁଣା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛି। ସେହିପରି ସ୍ଥାନାଭାବରୁ ବିଜେପୁର ଓ ବନ୍ଧପାରି ରାଜସ୍ୱ କାର୍ଯ୍ୟାଳୟ ମଧ୍ୟ ବିଶ୍ୱନାଥପୁର ପୁରୁଣା ତହସିଲ କାର୍ଯ୍ୟାଳୟରେ ଚାଲୁଥିବା ବେଳେ ବିଜେପୁର ଓ ବନ୍ଧପାରି ଅଞ୍ଚଳର ଲୋକେ ରାଜସ୍ୱ ସେବା ପାଇଁ ବାରମ୍ବାର ବିଶ୍ୱନାଥପୁରକୁ ଦୌଡ଼ିବାକୁ ପଡୁଛି। ଲାଞ୍ଜିଗଡ଼ରୋଡ଼ ଠାରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମଧ୍ୟ ଅତି ଦୟନୀୟ ଅବସ୍ଥାରେ ଥିବା ବେଳେ ଆଜି ପର୍ଯ୍ୟନ୍ତ ଏହାର ମରାମତି କିମ୍ବା ନୂତନ ଗୃହ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଯେଉଁଠି ରାଜସ୍ୱ ନିରୀକ୍ଷକ ଓ ସେମାନଙ୍କ କାର୍ଯ୍ୟାଳୟ ସୁରକ୍ଷିତ ନୁହେଁ ସେଇଠି ଲୋକଙ୍କ ଜମିଜମାର ରେକର୍ଡପତ୍ର କେତେ ଦୂର ସୁରକ୍ଷିତ ରହିବ ଏନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ତତ୍କାଳୀନ ତହସିଲଦାର ମୁନିନ୍ଦ୍ର ହୋନାଙ୍ଗା ଲାଞ୍ଜିଗଡ଼ ଓ ଲଙ୍ଗଳବେଡ଼ାଠାରେ ନୂତନ ଭାବେ ଅଫିସ ଗୃହ ନିର୍ମାଣ ପାଇଁ ସରକାରଙ୍କୁ ଚିଠି ଲେଖିଥିବା କହିଥିଲେ। ଇତି ମଧ୍ୟରେ ଉକ୍ତ ଘଟଣାକୁ ୨ ବର୍ଷ ବିତି ଯାଇଥିବା ବେଳେ ନୂତନ କାର୍ଯ୍ୟାଳୟ ନିର୍ମାଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି।





# ଦୁଇ ଶିଶୁଙ୍କ ଭବିଷ୍ୟତ ଚିନ୍ତାରେ ସୁନିତା

## ସରକାରୀ ସହାୟତାକୁ ଅପେକ୍ଷା

**କୋମନା, ୭ ।୩(ସମିସ):** ନିୟତିର କ୍ରୁର ପରିହାସ ଆଗରେ ହାର ମାନିଛି ଏକ ହସଖୁସିର ସଂସାର। ଗତବର୍ଷ ୩୫୩ ନମ୍ବର ଜାତୀୟ ରାଜପଥରେ ଘଟିଥିବା ଏକ ଅଭାବନୀୟ ସଡକ ଦୁର୍ଘଟଣାରେ କୋମନା ବ୍ଲକ ସାହାଜଟ ଗ୍ରାମର ବିବେକାନନ୍ଦ ପ୍ରଧାନଙ୍କ ଜୀବନ ନେଇଯିବା ପରେ, ତାଙ୍କ ପରିବାର ଏବେ ଅତି ଦୟନୀୟ ଅବସ୍ଥାରେ ଗତି କରୁଛି। ଘରର ରୋଜଗାରିଆ ମଣିଷ ଚାଲିଯିବା ପରେ ପୂରା ପରିବାର ଏବେ ବେସାହାରା। ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ସୁନିତାଙ୍କ ମୁଣ୍ଡ ଉପରେ ଏବେ ଦୁଇ ଶିଶୁ ସନ୍ତାନଙ୍କ ଲାଳନପାଳନ ଓ ପାଠପଢ଼ାର ବୋଝ। ଏକ ଭଙ୍ଗା ଦଦରା ଘର ଭିତରେ ଦୁଇଟି କୋମଳମତି ଶିଶୁଙ୍କୁ ନେଇ ସୁନିତା ଦିନ କାଟୁଛନ୍ତି। ବର୍ତ୍ତମାନ ସୁଦ୍ଧା ତାଙ୍କୁ କେବଳ ସରକାରୀ ବିଧବା ଭତ୍ତା ଏବଂ ରାସନକାର୍ଡ ମାଧ୍ୟମରେ ମାସକୁ ୧୦କେଜି ଚାଉଳ ମିଳୁ ଥିଲେ ମଧ୍ୟ, ଏହି ସାମାନ୍ୟ ସହାୟତାରେ ଦୁଇଟି ଶିଶୁଙ୍କୁ ଭଲ ଶିକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ଦେବା ସୁନିତାଙ୍କ ପାଇଁ ଏକ ଦୁଃସ୍ୱପ୍ନ ପାଲଟିଛି। ସୁନିତାଙ୍କ ଆଖିରେ ଏବେ କେବଳ ଲୁହ ଏବଂ ମନରେ ଅନେକ ପ୍ରଶ୍ନ। ସେ କୁହନ୍ତି, ସ୍ୱାମୀ ଚାଲିଗଲା ପରେ ସବୁକିଛି ସରିଗଲା। କିନ୍ତୁ ଏହି ଦୁଇଟି ପିଲାଙ୍କୁ ମୁଁ କେମିତି ମଣିଷ କରିବି। ସେମାନଙ୍କ ଖାଇବା ଓ ପଢ଼ା ଖର୍ଚ୍ଚ ମୁଁ ଏକାକୀ କିଭଳି ବହନ କରିବି। ବର୍ତ୍ତମାନର ମହଙ୍ଗା ପରିସ୍ଥିତିରେ ଏହି ଅସହାୟ ପରିବାର ପାଇଁ ସରକାରୀ ସହାୟତା ନିହାତି ଜରୁରୀ ହୋଇପଡ଼ିଛି। ପିଲାଙ୍କୁ ସୁରକ୍ଷିତ ଭବିଷ୍ୟତ ଦେବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଏବଂ ଆବାସ ଗୃହ ସହ ୩୫ କେଜି ଚାଉଳ ଯୋଗାଇ ଦେବାକୁ ସୁନିତା ଦାବି କରିଛନ୍ତି।



# ପିଲାଙ୍କ ପାଇଁ ଅସୁରକ୍ଷିତ ସ୍କୁଲ!

## ନବୋଦୟରେ ଛାତ୍ରୀଙ୍କୁ ଶିକ୍ଷକଙ୍କ ଦୁଷ୍କର୍ମ!

**ହିନ୍ଦୀ ଶିକ୍ଷକଙ୍କୁ ଉଠାଇ ନେଲା ପୁଲିସ**

ଭଦ୍ରକ/ବାସୁଦେବପୁର, ୭।୩ (ସମିସ): ଭଦ୍ରକ ଜିଲ୍ଲା ବାସୁଦେସବପୁର ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ପଦାକୁ ଆସିଛି। ଏଠାରେ ଥିବା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ସ୍କୁଲର ହିନ୍ଦୀ ଶିକ୍ଷକ ଦୁଷ୍କର୍ମ କରିଥିବା ନେଇ ସଂଗିନ୍ ଅଭିଯୋଗ ହୋଇଛି। ଛାତ୍ରୀଜଣଙ୍କ ଆଜି ପାଚେରି ଡେଇଁ ସ୍କୁଲରୁ ପଳାଇବା ସହ ଜଣେ ଗ୍ରାମବାସୀଙ୍କ ଘରେ ଆଶ୍ରୟ ନେବା ପରେ ଘଟଣା ପଦାକୁ ଆସିଛି। ଗ୍ରାମବାସୀଙ୍କ ସୂଚନା ଆଧାରରେ କସିଆ ସାମୁଦ୍ରିକ ଥାନା ପୁଲିସ ପୀଡ଼ିତା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ହିନ୍ଦୀ ଶିକ୍ଷକଙ୍କୁ ଉଠାଇ ନେଇଛି।

ସୂଚନାନୁଯାୟୀ, ଆଜି ଭୋର୍‌ରେ ସାନକୃଷ୍ଣପୁର ପଞ୍ଚାୟତର ଚାନ୍ଦିମାଳ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ବିଦ୍ୟାଳୟ ପାଚେରି ଡେଇଁ ପାଖ ଗାଁର ସୁନିଲତା ଜେନାଙ୍କ ଘରେ ଆଶ୍ରୟ ନେଇଥିଲେ। ଏ ସଂପର୍କରେ ତାଙ୍କୁ ଗ୍ରାମବାସୀ ପଚରାଉଚରା କରିବା ପରେ ସ୍କୁଲରେ ତାଙ୍କ ପ୍ରତି ହୋଇଥିବା ପାଶବିକ ଅତ୍ୟାଚାର ସଂପର୍କରେ କହିଥିଲେ।

ଅପରପକ୍ଷେ ଏଭଳି ଅଭିଯୋଗକୁ ଅଭିଯୁକ୍ତ ହିନ୍ଦୀ ଶିକ୍ଷକ ଅସ୍ୱୀକାର କରିଛନ୍ତି। ତାଙ୍କୁ ଫସାଇବାକୁ ଏକ ଯୋଜନା ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମାତ୍ର ୬ ଦିନ ତଳେ ବାସୁଦେବପୁର କିସ୍ମତ କୃଷ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଏକ ଛାତ୍ରୀ ଦୁଷ୍କର୍ମ ଘଟଣାକୁ ନେଇ ତୁମୁଳକାଣ୍ଡ ଘଟିଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ସ୍କୁଲ ଭିତରେ ପଶି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମାଡ଼ ମାରିବା ସହ ରାସ୍ତାରୋକ କରି ପ୍ରତିବାଦ ଜଣାଇଥିଲେ। ଏଭଳି ଗୋଟିଏ ପରେ ଗୋଟିଏ ଘଟଣା ଅଭିଭାବକଙ୍କୁ ଚିନ୍ତାରେ ପକାଇଥିବା ବେଳେ ସ୍କୁଲ ପରିସର ଏବେ ଛାତ୍ରଛାତ୍ରୀଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି।

## କନ୍ଧମାଳରେ ପୁଣି ଲଜ୍ଜା: ସନ୍ତାନ ପ୍ରସବ କଲେ ନବମ ଛାତ୍ରୀ

ଫୁଲବାଣୀ, ୭।୩ (ସମିସ): ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଶିକ୍ଷକ ଗିରଫ ହେବା ଘଟଣାକୁ ଦିନ ଦୁଇଟା ନ ପୂରୁଣୁ ଏବେ ପୁଣି ଏକ ଲଜ୍ଜାଜନକ ଘଟଣା କନ୍ଧମାଳ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଫିରିଙ୍ଗିଆ ଅଞ୍ଚଳର ଏକ ବିଦ୍ୟାଳୟରେ ଛାତ୍ରୀନିବାସରେ ରହି ନବମ ଶ୍ରେଣୀରେ ପଢୁଥିବା ଜଣେ୧୪ ବର୍ଷର ନାବାଳିକା ପାଞ୍ଚ ଦିନ ତଳେ ଏକ ଶିଶୁପୁତ୍ର ଜନ୍ମ ଦେଇଛନ୍ତି।

ସୂଚନାନୁସାରେ, ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକ ବିଦ୍ୟାଳୟରେ ଗୋଚ୍ଛାପଡ଼ା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀନିବାସରେ ରହି ନବମ ଶ୍ରେଣୀରେ ପାଠ ପଢୁଥିଲେ। ସେ ଗର୍ଭବତୀ ଥିବା ଜଣାପଡ଼ିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପରିବାରଲୋକଙ୍କୁ ଡାକି ତାଙ୍କୁ ହସ୍ତାନ୍ତର କରିଥିଲେ। ପରେ ନାବାଳିକାଜଣଙ୍କ ଗତ ୧ ତାରିଖ ଦିନ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି।

ସରକାରୀ ନିୟମ ଅନୁସାରେ, ବିଦ୍ୟାଳୟରେ ଛାତ୍ରୀମାନଙ୍କ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥାଏ। ଏଥିପାଇଁ ବିଦ୍ୟାଳୟରେ ସ୍ୱତନ୍ତ୍ର ଭାବେ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ଏହା ସତ୍ତ୍ୱେ ନାବାଳିକାଜଣଙ୍କ ଅନ୍ତଃସତ୍ତ୍ୱା ଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ କେମିତି ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନ ଉଠିଛି। ଏହି ଘଟଣା ଜଣାପଡ଼ିବା ପରେ ନାବାଳିକାଙ୍କ ପରିବାର ପକ୍ଷରୁ ଗୋଚ୍ଛାପଡ଼ା ଥାନାରେ ଏତଲା ଦିଆଯାଇଛି। ପୁଲିସ ନମ୍ବର ୨୬/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ସଂଜିତ କୁମାର ବେହେରା ସୂଚନା ଦେଇଛନ୍ତି।

ଅନ୍ୟପଟେ, ବିଦ୍ୟାଳୟ ପ୍ରଧାନଶିକ୍ଷକ ମଧ୍ୟ ଫିରିଙ୍ଗିଆ ଥାନାରେ ନାବାଳିକା ଗର୍ଭବତୀ ହେବା ନେଇ ଏକ ଲିଖିତ ଅଭିଯୋଗ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀଧର ସାହୁ ସୂଚନା ଦେଇଛନ୍ତି। ନାବାଳିକାଙ୍କ ପରିବାରଲୋକେ ଦେଇଥିବା ଏତଲା ଅନୁଯାୟୀ, ନାବାଳିକାଜଣଙ୍କ ଛୁଟିରେ ଘରକୁ ଆସିଥିବା ବେଳେ ପିଣ୍ଡାଙ୍ଗି ଗାଁର ଜଣେ ଯୁବକ ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ଗୋଚ୍ଛାପଡ଼ା ପୁଲିସ ଏହି ଘଟଣାର ତଦନ୍ତ କରୁଥିବା କହିଛନ୍ତି ଥାନା ଅଧିକାରୀ। ଘଟଣା ସଂପର୍କରେ ପ୍ରଧାନଶିକ୍ଷକଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ଦାୟିତ୍ୱରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଅବହେଳା ପାଇଁ ଏଭଳି ଘଟିଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏ ସଂପର୍କରେ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷାଧିକାରୀ ଆଲୋକ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଘଟଣାର ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଭିଜିଲାନ୍ସ ଜାଲରେ ଜଳସମ୍ପଦ ସହକାରୀ ଯନ୍ତ୍ରୀ

ଡେରାବିଶ, ୭।୩ (ସମିସ): କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆଜି ସକାଳୁ କଟକ ଭିଜିଲାନ୍ସ ବିଭାଗର ୭ଟି





ଟିମ୍ ଶ୍ରୀ ରାୟଙ୍କ ଡେରାବିଶ ବ୍ଲକ୍ ଅଧୀନ ଛତାସ୍ଥିତ ବିଭାଗୀୟ ଉପଖଣ୍ଡ କାର୍ଯ୍ୟାଳୟ ସମେତ ତାଙ୍କର ୭ଟି ଠିକଣାରେ ଚଢ଼ଉ କରିଥିଲା। ଚଢ଼ଉ ଦୀର୍ଘ ସମୟ ଧରି ଚାଲୁ ରହିଥିବା ବେଳେ ତାଙ୍କ କାର୍ଯ୍ୟାଳୟରୁ ନଗଦ ୨ଲକ୍ଷ ୬୦ ହାଜର ଟଙ୍କା ଭିଜିଲାନ୍ସ ଜବତ କରିଥିବା ଜଣାଯାଇଛି। ଏଥିସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ଅଧିକାରୀମାନେ ଜବତ କରିଛନ୍ତି।

ଶ୍ରୀ ରାୟ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଇନ୍ଦୁପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରିବା ସହ ପଦୋନ୍ନତି ପାଇ ସହକାରୀ ଯନ୍ତ୍ରୀ ଭାବେ ଗତ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଛତାଠାରେ ଅବସ୍ଥାପିତ ହୋଇଥିଲେ। ନିଜ ସରକାରୀ କାର୍ଯ୍ୟାଳୟରେ ଏତେ ପରିମାଣର ଅର୍ଥ ଗଚ୍ଛିତ ରଖିବା ଦେଖି ଭିଜିଲାନ୍ସ ଅଧିକାରୀ ତାଜୁବ ହୋଇଯାଇଥିଲେ। ଏହି ଚଢ଼ଉରେ ଡିଏସ୍‌ପି ପୁଷ୍ପାଞ୍ଜଳି ଜେନା, ଇନିସ୍‌ପେକ୍ଟର ପ୍ରଭାସିନୀ ପୁହାଣ, ବିଜୟ କୁମାର ସେଠୀ, ଏଏସ୍‌ଆଇ ସୁଶାନ୍ତ କୁମାର ସାମଲ ପ୍ରମୁଖ ସାମିଲ ଥିଲେ। ବିଭିନ୍ନ ସ୍ଥାନରୁ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ଠାବ ସଂପତ୍ତି ମଧ୍ୟରେ ଭୁବନେଶ୍ୱର ବାଲିଅନ୍ତାରେ ଏକ ୪ ମହଲା କୋଠା, ପାହାଳ ଅଞ୍ଚଳରେ ତାଙ୍କ ସମ୍ପର୍କୀୟଙ୍କ ଥିବା ଏକ ଫିଜିଓଥେରାପି ସେଣ୍ଟର୍, କଟକ ଚୌଦ୍ୱାରରେ ଦୁଇ ମହଲା ବିଶିଷ୍ଟ ଏକ କୋଠା ରହିଛି।

ବାଙ୍କୀରେ ଥିବା ତାଙ୍କ ପୈତୃକ ଘର, ଭଦ୍ରକର ବୁଡାଙ୍ଗରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର, ଡେରାବିଶରେ ଥିବା ତାଙ୍କ କାର୍ଯ୍ୟାଳୟ ଓ ଅସ୍ଥାୟୀ ବାସଭବନ, ଢେଙ୍କାନାଳରେ ଥିବା ସମ୍ପର୍କୀୟଙ୍କ ବାସଭବନ, ପଟିଆରେ ଥିବା ସମ୍ପର୍କୀୟଙ୍କ ବାସଭବନ ଉପରେ ଏକାସଙ୍ଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା।

## ପାରିବାରିକ କଳହର କରୁଣ ପରିଣତି: ସ୍ତ୍ରୀକୁ ପିଟିପିଟି ମାରିଦେଲା

ଦେବଗଡ଼, ୭।୩ (ସମିସ): ନିଜଠାରୁ ବୟସରେ ବଡ଼ ସ୍ତ୍ରୀଙ୍କୁ ବାଡ଼ିରେ ପିଟିପିଟି ହତ୍ୟା। ଏଭଳି ଏକ ଆପରାଧିକ ଘଟଣା ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅଧୀନ ବମ୍ପରଡା ଗାଁରେ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ମଞ୍ଜୁ ବେହେରା (୪୫)। ମଞ୍ଜୁଙ୍କ ଝିଅ ସାବିତ୍ରୀଙ୍କ ଅଭିଯୋଗ ଆଧାରରେ



ବାରକୋଟ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶବକୁ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଡାକ୍ତରଖାନାକୁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀ ଅଜିତ ଦେହୁରୀ (୪୫)କୁ ଅଟକ ରଖି ପଚରାଉଚରା କରୁଛି।

ପୁଲିସ ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଥାନାଞ୍ଚଳ ଫୁଲଝରୀ ଗାଁର ରବି ବେହେରାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବିଧବା ସ୍ତ୍ରୀ ମଞ୍ଜୁ ନିଜର ତିନି ବିବାହିତା ଝିଅ ଓ ୧୨ବର୍ଷର ଏକମାତ୍ର ପୁଅ ସହ ସମ୍ପର୍କ ଛିନ୍ନ କରିଥିଲେ। ପ୍ରାୟ ଏକ ବର୍ଷ ହେଲା ଘରୁ ପଳାଇବା ସହ ଅନୁଗୋଳ ଜିଲ୍ଲା ସମଲ ଥାନାଞ୍ଚଳ ପବିତ୍ରନଗର ଅଞ୍ଚଳର ଅଜିତ ଦେହୁରୀଙ୍କୁ ବିବାହ କରି ରହୁଥିଲେ। ଉଭୟ ଭିକ୍ଷାବୃତ୍ତି କରି ଚଳୁଥିଲେ। କେତେବେଳେ ବାରକୋଟ ଥାନାଞ୍ଚଳ ବମ୍ପରଡା ଓ ଆଖପାଖ ଅଞ୍ଚଳରେ ଗାଁ ମଣ୍ଡପରେ, କେତେବେଳେ ଅନ୍ୟ କାହାର ବାରଣ୍ଡାରେ ତ କେତେବେଳେ ଜଙ୍ଗଲରେ ରାତ୍ରୀଯାପନ କରୁଥିଲେ। ଏହିକ୍ରମରେ ଗତକାଲି ରାତ୍ରିରେ ମଞ୍ଜୁ ଓ ଅଜିତ ଖିଆପିଆ ସାରି ବମ୍ପରଡ଼ାସ୍ଥିତ ୪ର୍ଥ ଆଇଆର ବାଟାଲିୟନ କ୍ୟାମ୍ପସ ପଛପଟେ ଥିବା ବାଘମାରୀ ଜଙ୍ଗଲରେ ଆଶ୍ରୟ ନେଇଥିଲେ। ସେଠାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଅଜିତ ଉତ୍ତ୍ୟକ୍ତ ହୋଇ ମଞ୍ଜୁଙ୍କୁ ଏକ ବାଡ଼ିରେ ନିସ୍ତୁକ ପିଟିଥିଲା। ଫଳରେ ଘଟଣାସ୍ଥଳରେ ହିଁ ମଞ୍ଜୁଙ୍କ ମୃତ୍ୟୁ ଘଟିଥିଲା। ଅଜିତ ଆଜି ପୂର୍ବାହ୍ନରେ ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲା। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବାରକୋଟ ଥାନା ଅଧିକାରୀ ସୁଶାନ୍ତ ବଡ଼ାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଜଙ୍ଗଲ ମଧ୍ୟରୁ ମଞ୍ଜୁଙ୍କ ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲେ।

## ସ୍ତ୍ରୀ ଘର ଛାଡ଼ିବାରୁ ହାତ କାଟି ସ୍ୱାମୀର ମୃତ୍ୟୁ

କୁଣ୍ଢେଇଗୋଳା, ୭।୩(ସମିସ): ପାରିବାରିକ କଳହର କରୁଣ ପରିଣତି। ସ୍ତ୍ରୀ ଘର ଛାଡ଼ିବାରୁ ନିଜ ହାତ କାଟି ସ୍ୱାମୀଙ୍କ ଆତ୍ମହତ୍ୟା। ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଅଞ୍ଚଳରେ ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, କୁଣ୍ଢେଇଗୋଳା ଥାନା ବୁଢ଼ାପାଳ ଗାଡିଆପାଳ ଗାଁର ସନ୍ତୋଷ ନାଏକ। ସନ୍ତୋଷ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳହ ଲାଗି ରହିଥିଲା। କଳହ ଅତ୍ୟଧିକ ହେବାରୁ ସ୍ତ୍ରୀ ଘର ଛାଡ଼ି ବାପଘରକୁ ଚାଲି ଯାଇଥିଲେ। ଏଥିରେ ଅବସାଦଗ୍ରସ୍ତ ସନ୍ତୋଷ



ଆଜି ଘରେ କେହି ନଥିବା ବେଳେ ଏକ ଛୁରିରେ ନିଜ ବାମ ହାତ ଶିରାକୁ କାଟି ଦେଇଥିଲେ। ସନ୍ତୋଷଙ୍କ ମା' ଘରକୁ ଫେରି ଏହା ଦେଖିବା ପରେ ସ୍ଥାନୀୟଲୋକଙ୍କ ସହାୟତାରେ ତାଙ୍କୁ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଛେଣ୍ଡିପଦା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଭୁବନେଶ୍ୱରରେ ୯୩୯ ଛୁଇଁଲା ଘରୋଇ ଗ୍ୟାସ୍ ମୂଲ୍ୟ

- ବଡ଼ ଝଟ୍‌କା ଦେଲେ ତୈଳ ବିପଣନ କମ୍ପାନୀ
- କାର୍ଯ୍ୟକାରୀ ହେଲା ୨୧ ଦିନିଆ କଣ୍ଟ
- ମାଲକାନଗିରିରେ ତୈଳ ସଙ୍କଟ

ଭୁବନେଶ୍ୱର, ୭।୩ (ସମିସ): ତୈଳ କମ୍ପାନୀଙ୍କ ନିଷ୍ପତ୍ତି ଦ୍ୱାରା ଓଡ଼ିଶାରେ ଏଲ୍‌ପିଜି ମୂଲ୍ୟ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ୧୪.୨ କେଜି ବିଶିଷ୍ଟ ଘରୋଇ ଏଲ୍‌ପିଜି ମୂଲ୍ୟ ୬୦ ଟଙ୍କା ବଢ଼ି ୯୩୯ ଟଙ୍କାରେ ପହଞ୍ଚି ଯାଇଛି। ବର୍ଷେ ଭିତରେ ପ୍ରଥମ ଥର ପାଇଁ ଘରୋଇ ଗ୍ରାହକଙ୍କ ନିମନ୍ତେ ଏଲ୍‌ପିଜି ମୂଲ୍ୟ ଏତେ ଟଙ୍କା ବଢ଼ିଛି। ଏହା ଲୋକଙ୍କ ପକେଟ ଉପରେ ଚାପ ପକାଇଛି। ଆୟ ବଢୁ ନ ଥିବାବେଳେ ବ୍ୟୟ ବଢ଼ି ବଢ଼ି ଚାଲିଛି। ଏହା ପରିବାରର ବଜେଟକୁ ଗଭୀର ପ୍ରଭାବିତ କରିବ ବୋଲି କୁହାଯାଉଛି। ଅନ୍ୟପଟେ ବାଣିଜ୍ୟିକ ଏଲ୍‌ପିଜି ମୂଲ୍ୟ ୧୧୪.୯ ଟଙ୍କା ବୃଦ୍ଧି ପାଇବାରୁ ୧୯ କେଜିଆ ସିଲିଣ୍ଡର ଦାମ ୧୯୯୦ ଟଙ୍କାରେ ପହଞ୍ଚି ଯାଇଛି। ଏହା ଫଳରେ ଅନ୍ୟ ସବୁ ସାମଗ୍ରୀର ମୂଲ୍ୟ ବୃଦ୍ଧି ହୋଇପାରେ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଘମାଘୋଟ ଯୁଦ୍ଧ ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହା ବିଶ୍ୱର ଶକ୍ତି ବଜାରକୁ ପ୍ରଭାବିତ କରିଛି।

ଅସ୍ଥିରତା ଲାଗି ରହିଥିବାବେଳେ ତୈଳ ବିପଣନକାରୀ କମ୍ପାନୀମାନେ ଗ୍ରାହକଙ୍କୁ ବଡ଼ ଝଟ୍‌କା ଦେଇଛନ୍ତି। ୨୧ ଦିନିଆ ବାଧ୍ୟତାମୂଳକ ଲକ୍-ଇନ୍ ଅବଧି ଜାରି କରିଛନ୍ତି। ପୁନଃ ଗ୍ୟାସ ଭରିବା ଏବଂ ବୁକିଂ ମଧ୍ୟରେ ୨୧ ଦିନ ପାର୍ଥକ୍ୟ ରହିବ। ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବାକୁ ଏବଂ ବେଆଇନ ମହଜୁଦ ରୋକିବାକୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଅନ୍ୟପଟେ ବିଭିନ୍ନ ରାଜ୍ୟରେ ତୈଳ ମୂଲ୍ୟ ସ୍ଥିର ରହିଥିବାବେଳେ ମାଲକାନଗିରିରୁ ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି। ଜିଲ୍ଲାର ଅନେକ ପେଟ୍ରୋଲ ପମ୍ପରେ ଖାଲି ପଡ଼ିଛି। ଏଥିପାଇଁ ଅନ୍ୟ କିଛି ପେଟ୍ରୋଲ ପମ୍ପରେ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ଲୋକେ ଭୟଭୀତ ହୋଇ ପେଟ୍ରୋଲ, ଡିଜେଲ କିଣିବା ପାଇଁ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପରେ ଛିଡ଼ା ହେଉଛନ୍ତି। ସ୍ଥିତିକୁ ଦୃଷ୍ଟିରେ ରଖି କିଛି ପେଟ୍ରୋଲ ପମ୍ପ ଗାଡ଼ି ପିଛା କେତେ ତୈଳ ଦିଆଯିବ ତାହା ଧାର୍ଯ୍ୟ କରିଛନ୍ତି। ଉତ୍କଳ ପେଟ୍ରୋଲିୟମ ଡିଲର୍ସ ଆସୋସିଏସନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ଏ ବିଷୟରେ କହିଛନ୍ତି ଯେ ସ୍ଥାନୀୟସ୍ତରରେ ତଥା ଜିଲ୍ଲା ଜିଲ୍ଲା ମଧ୍ୟରେ ତୈଳ ଅଭାବ ଦେଖା ଦେବା କୌଣସି ଚିନ୍ତାର ବିଷୟ ନୁହେଁ। ପାରାଦ୍ୱୀପ ଏବଂ ବାଲେଶ୍ୱରରେ ଥିବା ଡିପୋରୁ ତୈଳ ପହଞ୍ଚିବାରେ ବିଳମ୍ବ ହେଉଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ତେଣୁ ସେ ଲୋକଙ୍କୁ ଭୟଭୀତ ନ ହେବାକୁ ଅନୁରୋଧ କରିଛନ୍ତି। ଖୁବଶୀଘ୍ର ପ୍ରଭାବିତ ପେଟ୍ରୋଲ ପମ୍ପ ଗୁଡ଼ିକରେ ଟ୍ୟାଙ୍କର ପହଞ୍ଚିବ ବୋଲି ସେ ଆଶ୍ୱାସନା ଦେଉଛନ୍ତି।



ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ୧୦୦ତମ ର୍ୟାଙ୍କ୍‌ରେ ଥିବା କେନ୍ଦୁଝର ଜିଲ୍ଲାର ସାତ୍ତ୍ୱିକ ସତ୍ୟକାମ ଦେବତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ସମ୍ବର୍ଦ୍ଧିତ କରୁଛନ୍ତି

## ଶିଶୁଙ୍କୁ ଯୌନ ନିର୍ଯାତନା ମାମଲାର ଆପୋଷ ସମାଧାନ ପ୍ରସଙ୍ଗକୁ ନେଇ ଉଦ୍‌ବେଗ: ଫୌଜଦାରୀ ପ୍ରକ୍ରିୟାରେ ହସ୍ତକ୍ଷେପ ପାଇଁ ସରପଞ୍ଚ ଲାଇସେନ୍ସପ୍ରାପ୍ତ ନୁହନ୍ତି :ହାଇକୋର୍ଟ

କଟକ, ୭।୩(ସମିସ): ଜଣେ ଶିଶୁଙ୍କୁ ଯୌନ ନିର୍ଯାତନା ଘଟଣା ଏକ ଗୁରୁତର ଅପରାଧ। ଏଭଳି ଘଟଣାର ପଞ୍ଚାୟତସ୍ତରରେ ସମାଧାନ କରାଯାଇପାରିବ ନାହିଁ। ଏଭଳି ଅପରାଧ ମାମଲାର ଆପୋଷ ବୁଝାମଣାରେ ବା ପଞ୍ଚାୟତସ୍ତରରେ ସମାଧାନ କରାଯିବା ଘଟଣାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆଇନ ଏପରି କୌଣସି ସୀମା ସରହଦକୁ ସ୍ୱୀକୃତି ଦିଏ ନାହିଁ। ଏହା ମନେ ରଖିବା ଉଚିତ କୌଣସି ପଞ୍ଚାୟତ ଆଇନର ଅଦାଲତ ନୁହେଁ। ମାଜିଷ୍ଟ୍ରେଟ୍‌ଙ୍କ କ୍ଷମତା ସରପଞ୍ଚ ପ୍ରୟୋଗ କରିପାରିବେ ନାହିଁ ବୋଲି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଫୌଜଦାରୀ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ପାଇଁ ସରପଞ୍ଚ ବା ପଞ୍ଚାୟତ ସଦସ୍ୟ ଭଳି ପଦରେ ଥିବା ବ୍ୟକ୍ତିଙ୍କୁ ଲାଇସେନ୍ସ ମିଳିନାହିଁ। ଯେଉଁମାନେ ଶିଶୁର ଅଭିଯୋଗକୁ ଦବାଇବାକୁ ଓ ପୁଲିସକୁ ଏପରି ଘଟଣାରୁ ଦୂରେଇ ରଖିବାକୁ କାର୍ଯ୍ୟ କରନ୍ତି, ସେମାନେ ଭୁଲ କରିଥିବା ଲୋକକୁ ସୁରକ୍ଷା ଦେଇଥା'ନ୍ତି। ପଦ ଅଳଙ୍କୃତ କରିଥିବା ଏଭଳି ବ୍ୟକ୍ତି ଯଦି ଏପରି କରନ୍ତି, ତାଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପ୍ରସଙ୍ଗ ବିଚାରକୁ ନିଆଯିବ ବୋଲି ହାଇକୋର୍ଟ କହିଛନ୍ତି। ସେହିଭଳି ଗ୍ରାମ ଅନୁଷ୍ଠାନରେ କର୍ତ୍ତୃପକ୍ଷ ପଦରେ ଥିବା ବ୍ୟକ୍ତିଙ୍କୁ ପୋକସୋ ଆଇନ ଅନୁସାରେ ସେମାନଙ୍କ କର୍ତ୍ତବ୍ୟ ବିଷୟରେ ସଚେତନ କରିବାକୁ ଜିଲ୍ଲା ପ୍ରଶାସନ ଓ ପୁଲିସ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ କନ୍ଧମାଳ ଆଡ୍-ହକ ଅତିରିକ୍ତ ଦୌରାଜଜ୍ ଅଦାଲତ ୨୦୨୫, ଏପ୍ରିଲ ୯ରେ ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀକୁ ଦଣ୍ଡିତ କରି ପ୍ରଦାନ କରିଥିବା ରାୟ ବିରୋଧରେ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ଜଣେ ନାବାଳିକା ସହ ଆବେଦନକାରୀ ଜୋରଜବରଦସ୍ତ ଶାରୀରିକ ସଂପର୍କ ରଖିଥିଲେ। ଏନେଇ ନାବାଳିକା ଅଭିଯୋଗ କରିବା ପରେ ଗ୍ରାମସ୍ତରରେ ବିବାଦର ସମାଧାନ କରାଯାଇଥିଲା। ନାବାଳିକା ପ୍ରାପ୍ତବୟସ୍କ ହେବା ପରେ ତାଙ୍କର ବିବାହ ଆବେଦନକାରୀଙ୍କ ସହିତ ହୋଇଥିଲା। କିନ୍ତୁ ବିବାହର ମାତ୍ର କିଛି ସପ୍ତାହ ଭିତରେ ଆବେଦନକାରୀ ନାବାଳିକାଙ୍କୁ ଛାଡ଼ି ପଳାଇଯାଇଥିଲା। ଏନେଇ ନାବାଳିକାଙ୍କ ତରଫରୁ ଫିରିଙ୍ଗିଆ ଥାନାରେ ଏତଲା ଦିଆଯିବା ପରେ ପୁଲିସ ମାମଲା ରୁଜୁ କରି ଆବେଦନକାରୀଙ୍କୁ ଗିରଫ କରିଥିଲା। ଅଦାଲତ ମାମଲାର ଶୁଣାଣି କରି ପୀଡ଼ିତାଙ୍କ ସହିତ ଦୁଷ୍କର୍ମ ପାଇଁ ଆବେଦନକାରୀଙ୍କୁ ପୋକସୋ ଆଇନର ଧାରା ୬ ଓ ଆଇପିସିର ଦଫା ୩୭୬(୨)(ଏନ)ରେ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଓ ୨୦ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଖଇର କାଠ ଭର୍ତ୍ତି ଟ୍ରକ୍ ଜବତ



**ବରପଦର୍ ଗାଁରୁ ହିମାଚଳ ପ୍ରଦେଶକୁ ହେଉଥିଲା ଚାଲାଣ**

ବରଗଡ଼, ୭।୩ (ସମିସ): ବରଗଡ଼ ସଦର ଥାନା ଅଧୀନ ବରପଦର ଗାଁ ରାସ୍ତାରେ ଏକ ଟ୍ରକରେ ଖଇର କାଠ ଗଣ୍ଡି ଚୋରା ଚାଲାଣ ହେଉଥିବା ବେଳେ ବନ ବିଭାଗ ତାହାକୁ ଜବତ କରିଛି। କାଠଗୁଡ଼ିକ ହିମାଚଳପ୍ରଦେଶକୁ ଚାଲାଣ ହେଉଥିବା ଜଣାପଡ଼ିଛି।

ଶୁକ୍ରବାର ବିଳମ୍ବିତ ରାତିରେ ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡାଙ୍କ ନିର୍ଦ୍ଦେଶରେ ଏବଂ ବନାଞ୍ଚଳ ଅଧିକାରୀ ରଞ୍ଜିତ ସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ରାତ୍ରି ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଖଇର କାଠ ଚୋରା ଚାଲାଣକାରୀ ଟ୍ରକ୍ (ଏଚପି-୭୨ଏ-୯୧୩୭) ଧରାପଡ଼ିଥିଲା। ଟ୍ରକ୍‌ରୁ ୭୭କ୍ୱିଣ୍ଟାଲ କାଠ ଜବତ ହୋଇଛି। ଏହାର ମୂଲ୍ୟ ଲକ୍ଷାଧିକ ବୋଲି ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି। ଗାଡ଼ି ଏବଂ ଖଇର କାଠକୁ ଜବତ କରି ଏକ ମାମଲା ରୁଜୁ କରାଯାଇଛି। ଚଢ଼ଉରେ ବନପାଳ ସୁଦୀପ୍ତ ରଥ, ଅଶ୍ୱିନୀ ଭୋଇ, ବନରକ୍ଷୀ ଶୁଭମ ମହାନ୍ତି, ମନୋରଞ୍ଜନ ସାହୁ, ଗୌତମ ଛତ୍ରିଆଙ୍କ ସମେତ ମହେନ୍ଦ୍ର ସାହୁ ସାମିଲ ହୋଇଥିଲେ। ବିଗତ ତିନି ମାସ ହେବ, ଚୋରା କାଠ ଧରପଗଡ଼ ଜୋରଦାର ହେଉଥିବାରୁ କାଠ ମାଫିଆମାନଙ୍କ ମଧ୍ୟରେ କୋକୁଆଭୟ ଖେଳି ଯାଇଛି।

## ରେଜ୍ ଫାଉଣ୍ଡେସନ୍‌ର ୫ମ ସ୍ୱୟଂସିଦ୍ଧା ସମ୍ମାନ -୨୦୨୬

# ଝିଅଙ୍କୁ ଉଚିତ ସମ୍ମାନ ଦେବା ପାଇଁ ପ୍ରତି ପରିବାରରେ ପୁଅଙ୍କୁ ଶିକ୍ଷା ଦିଆଯାଉ

- ୯ ପ୍ରତିଭାବାନ୍ ମହିଳାମାନଙ୍କୁ ସ୍ୱୟଂସିଦ୍ଧା ସମ୍ମାନ ୨୦୨୬
- ପ୍ରଫେସର୍ ଡଃ ଗାୟତ୍ରୀବାଳା ପଣ୍ଡା ପାଇଲେ ଶ୍ରେଷ୍ଠ ଲେଖିକା ସମ୍ମାନ

କଟକ,୭।୩(ସମିସ): ସହିଦ ଭବନରେ ରେଜ୍ ଫାଉଣ୍ଡେସନ୍ ଆନୁକୂଲ୍ୟରେ ୫ମ ସ୍ୱୟଂସିଦ୍ଧା ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ପରିବାର ଓ ପରିବେଶରୁ ଅସାଧାରଣ ସଫଳତା ଅର୍ଜନ କରିଥିବା ଆଦର୍ଶ ଓ ପ୍ରତିଭାବାନ ମହିଳାମାନଙ୍କୁ ସମ୍ମାନ ଜଣାଇବା ପାଇଁ ସମର୍ପିତ ଏହି ବିଶେଷ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେୟର୍ ସୁବାସ ଚନ୍ଦ୍ର ସିଂହ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ମହିଳା ଉଦ୍ୟୋଗୀ ତଥା ସମାଜସେବୀ ଓ ରେଜ୍ ଫାଉଣ୍ଡେସନର ପ୍ରତିଷ୍ଠାତା ରଶ୍ମି ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଡେପୁଟି ମେୟର ଦମୟନ୍ତୀ ମାଝି, ପ୍ରତିଷ୍ଠିତ ଚିକିତ୍ସାବିତ୍ ପ୍ରଫେସର୍ ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ, କଟକ ଯୁପିଡ଼ିର ଏସିପି ଅମିତାଭ ମହାପାତ୍ର, ଅନ୍ତର୍ଜାତୀୟ ଲୋକପ୍ରିୟ ଓଡିଶୀ ନୃତ୍ୟଶିଳ୍ପୀ ଓ ଗୁରୁ ଶାଶ୍ୱତ ଯୋଶୀ, ରୁଚି ଫୁଡଲାଇନ୍‌ର ଅଧକ୍ଷା ସଙ୍ଗୀତା ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ଓଡିଶାର ୯ ଜଣ ପ୍ରତିଭାବାନ୍ ମହିଳାମାନଙ୍କୁ ସ୍ୱୟଂସିଦ୍ଧା ସମ୍ମାନ ୨୦୨୬ ପ୍ରଦାନ କରାଯାଇଥିଲା।



ଆଠଗଡ଼ର ଲୋକପ୍ରିୟ ଧୂପ ବ୍ୟବସାୟୀ ପ୍ରମିଳା ରାଉତଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ବିଶିଷ୍ଟ ଲେଖିକା ଭାବେ ପ୍ରଫେସର୍ ଡଃ ଗାୟତ୍ରୀବାଳା ପଣ୍ଡାଙ୍କୁ ଶ୍ରେଷ୍ଠ ମହିଳା ଲେଖିକା ସମ୍ମାନ ପ୍ରଦାନ କରାଯାଇଥିଲା। ନିଜ ଅଭିଭାଷଣରେ ଡଃ ପଣ୍ଡା କହିଲେ ଯେ ଯେଉଁ ମହିଳାମାନେ ମତବ୍ୟକ୍ତ କରିପାରନ୍ତି ନାହିଁ ବା ଅନେକ ପ୍ରତିକୂଳ ପରିସ୍ଥିତି ଯୋଗୁଁ ନିରବ ରୁହନ୍ତି, ସେମାନଙ୍କ ପାଇଁ ନିଜ ଲେଖା ମାଧ୍ୟମରେ ସେ ସ୍ୱର ଉଠାନ୍ତି। କେବଳ ଚିତ୍କାର କରିବା ପାଇଁ ତାଙ୍କର ସ୍ୱର ନଥାଏ। ପ୍ରତ୍ୟେକ ପରିବାରରେ ଝିଅମାନଙ୍କୁ ଉଚିତ ସମ୍ମାନ ଦେବା ପାଇଁ ପୁଅମାନଙ୍କୁ ଶିକ୍ଷା ଦେବା ଜରୁରୀ ବୋଲି ସେ କହିଥିଲେ। ସେହିପରି ଶ୍ରେଷ୍ଠ ଆଦର୍ଶ ମହିଳା ଚାଷୀ ଭାବେ ମାଣ୍ଡିଆରାଣୀ ଡଃ ରାଇମତି ଘିଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଆଦର୍ଶ ମହିଳା ସମ୍ମାନରେ ବିଶିଷ୍ଟ ପ୍ରଯୋଜିକା ଓ ଅଭିନେତ୍ରୀ ସୌଭାଗ୍ୟଲକ୍ଷ୍ମୀ ଜେନାଙ୍କୁ ସମ୍ମାନିତ କରାଯାଇଥିଲ।। ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ଭାବେ ଜୟଶ୍ରୀ ସ୍ୱାଇଁ, ଶ୍ରେଷ୍ଠ ମହିଳା ସାମ୍ବାଦିକ ଭାବେ ନ୍ୟୁଜ୍-୭ର ବରିଷ୍ଠ ସମ୍ବାଦିକା ତପସ୍ୱିନୀ ପଟ୍ଟନାୟକ, ଶ୍ରେଷ୍ଠ ମହିଳା ଉଦ୍‌ଭାବକ ଭାବେ କବିତା ତ୍ରିପାଠୀ, ଶ୍ରେଷ୍ଠ ଉଦୀୟମାନ ମହିଳା ଭାବେ କ୍ରିଷ୍ଣା ପ୍ରିୟଦର୍ଶିନୀ ରାଉତ ଏବଂ ଶ୍ରେଷ୍ଠ ମହିଳା ସମାଜ ସେବିକା ଭାବେ ଶୁଭଲକ୍ଷ୍ମୀ ସ୍ୱାଇଁଙ୍କୁ ସମ୍ମାନୀତ କରାଯାଉଥିଲା।

ଅତିଥିମାନେ ତାଙ୍କ ଅଭିଭାଷଣରେ କହିଲେ ଯେ ମହିଳାଙ୍କର ପ୍ରଗତିରେ ରାଷ୍ଟ୍ରର ପ୍ରଗତି। ସ୍ୱର୍ଗତଃ ଡ. ଶରତ କୁମାର ସାହୁଙ୍କ ସୁକନ୍ୟା ନିଜେ ଜଣେ ସ୍ୱୟଂସିଦ୍ଧା ଓ ଅନେକ ମହିଳାମାନଙ୍କର ପ୍ରେରଣାର ଉତ୍ସ। ତାଙ୍କର ପ୍ରୟାସ ନିଆରା ଓ ସ୍ୱାଗତଯୋଗ୍ୟ। ଈଶ୍ୱରୀୟ ସୃଷ୍ଟିରେ ନାରୀର ସୃଷ୍ଟି ଏକ ସ୍ୱତନ୍ତ୍ରତା ବହନ କରିପାରିଛି। ଅପୂର୍ବ ଶକ୍ତିର ପ୍ରତୀକ ନାରୀଟିଏ କିଛି ବି କରିପାରେ। ଏକବିଂଶ ଶତାବ୍ଦୀର ପ୍ରତ୍ୟେକ ନାରୀ ଜଣେ ଜଣେ ସ୍ୱୟଂସିଦ୍ଧା। ଆଜିର ନାରୀ ପୁରୁଷଙ୍କଠାରୁ ବେଶ୍ ଆଗରେ। ସମ୍ବର୍ଦ୍ଧିତ ପ୍ରତିଭାମାନେ ନିଜ ନିଜ ସ୍ଥାନରେ ବାସ୍ତବରେ ଜଣେ ଦକ୍ଷ ଓ ପ୍ରତିଭାବାନ୍। ରଶ୍ମି ସାହୁ ଯଦି ସ୍ୱୟଂସିଦ୍ଧା ହୋଇପାରିଛନ୍ତି ତେବେ ସେଥିପାଇଁ ତାଙ୍କ ପିତା ସ୍ୱର୍ଗତଃ ସାହୁ ଓ ମାତା ସଙ୍ଗୀତା ସାହୁଙ୍କ ଅବଦାନ ଯଥେଷ୍ଟ।

କଟକ ଚୌଦ୍ୱାର ଉଦ୍ଧାର ଫାଉଣ୍ଡେସନ ଶିଶୁ କଳାକାରମାନେ ସ୍ୱତନ୍ତ୍ର ନୃତ୍ୟ ପରିବେଷଣ କରିଥିବା ବେଳେ ଯାଜପୁର ସେଣ୍ଟ୍ ଜାଭିୟର୍ସର ଛାତ୍ରୀମାନେ ଦଶବତାର ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ଜୟଶ୍ରୀ ଧଳ ହୃଦୟସ୍ପର୍ଶୀ ସଙ୍ଗୀତ ଉଠ କଙ୍କାଳ..... ଜାଗ ଦୁର୍ବଳ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମଙ୍କୁ ପ୍ରୀତିପ୍ରିୟଦର୍ଶିନୀ ଉପସ୍ଥାପନା କରିଥିବା ବେଳେ ସହଯୋଗ କରିଥିଲେ ଉଲ୍ଲାସଚନ୍ଦ୍ର ବେହୁରା। ରେଜ୍ ଫାଉଣ୍ଡେସନର ସଂପାଦକ ଅବିନାଶ ସିଂହ, ବରିଷ୍ଠ ସଦସ୍ୟ ଓ ସଦସ୍ୟା ଯଥା ଶ୍ରୀକାନ୍ତ ମହାପାତ୍ର, ଶିଳ୍ପା ଦାସ ଆଦ୍ୟାଶା ପଟ୍ଟନାୟକ, ରାଜା ନିର୍ମାଲ୍ୟ, ମନୋରଞ୍ଜନ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହ୍ୱାଇଟ୍ କାନଭାସର ଚିଣ୍ଟୁ ମିଶ୍ର, ସନ୍ତୋଷ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଶିଷ୍ଟ ଗୀତିକାର ଅରୁଣ ମନ୍ତ୍ରୀ ଏବଂ 'ଫିକି'ର ଯୁଗ୍ମ ନିର୍ଦ୍ଦେଶକ ବି.କେ ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



## ୯ରେ 'ଶିକାର'ର ଫାଷ୍ଟ ଲୁକ୍

ରାଜ ଆସିବା ଆଗରୁ ସଜବାଜ ହେଲାଣି ସିନେମା ବଜାର। ଅମ୍ଳାନ ଏଲିନା, ସୁପ୍ରିୟା, ଅଙ୍କିତଙ୍କ ଅଭିନୀତ 'ଶିକାର' ସିନେମାର ସୁଟିଂ ନିକଟରେ ଶେଷ ହୋଇଛି । ମାର୍ଚ୍ଚ ୯ ତାରିଖରେ ନାୟକ ଅମ୍ଳାନଙ୍କ ଜନ୍ମଦିନ ଅବସରରେ ସିନେମାଟିର ଫାଷ୍ଟ ଲୁକ୍ ଦର୍ଶକଙ୍କ ସାମ୍ନାକୁ ଆସିବ ବୋଲି ଘୋଷଣା କରିଛନ୍ତି ପ୍ରଯୋଜନା ସଂସ୍ଥା । ଏହି ସିନେମାର ପ୍ରଯୋଜନାରେ ସଚ୍ଚିକାନ୍ତ ଜେନା ରହିଥିବା ବେଳେ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ମୃତ୍ୟୁଞ୍ଜୟ ସାହୁ। ଏହାର କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ପ୍ରିୟବ୍ରତ ପଣ୍ଡା ଲେଖିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାସ। ସେହିପରି ତାପସ ସରଘରିଆ, ଜ୍ଞାନ ହୋତା , ପ୍ରଶାନ୍ତ ପାତ୍ର, ପୁଷ୍ପା ପଣ୍ଡା, ଅଭିନବ ସିଂ, ବିଜିତ୍ ବାରିକ୍, ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖଙ୍କୁ ଅନ୍ୟାନ୍ୟ ଭୂମିକାରେ ଦେଖିବାକୁ ମିଳିବ। ବିଶେଷ ଭୂମିକାରେ ଶୁଭାଶିଷ ଶର୍ମା, ଲିପିକା ଏବଂ ବବି ମିଶ୍ର ରହିଛନ୍ତି। ଅମ୍ଳାନଙ୍କ ଜନ୍ମଦିନରେ 'ଶିକାର'ର ଫାଷ୍ଟ ଲୁକ୍‌କୁ ଦର୍ଶକଙ୍କ ଆଶାତୀତ ଭଲପାଇବା ଦେବେ ବୋଲି ଆଶା ରଖିଛନ୍ତି ପ୍ରଯୋଜନା ସଂସ୍ଥା। ■



## 'ବିନ୍ଦୁସାଗର'ରେ ହ୍ୟୁମାନ୍‌ଙ୍କ ଶେଷ ଗୀତ

ପ୍ଲାଟୁନ୍ ୱାନ୍ ଫିଲ୍ମସ ଏବଂ ପ୍ରଯୋଜକ ଶିଳାଦିତ୍ୟ ବୋରାଙ୍କ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର'ର ଏକ ପ୍ରମୁଖ ଗୀତ 'ଟାଙ୍ଗା' ମୁକ୍ତିଲାଭ କରିଛି । ଏହି ଗୀତଟି ଓଡ଼ିଆ ସଙ୍ଗୀତ ଜଗତ ପାଇଁ ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ। କାରଣ ଏହାର କଣ୍ଠଶିଳ୍ପୀ ତଥା ମେଲୋଡି କିଙ୍ଗ୍ ହ୍ୟୁମାନ ସାଗରଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ଶେଷ ଗୀତଗୁଡ଼ିକ ମଧ୍ୟରୁ ଅନ୍ୟତମ। ସଙ୍ଗୀତ ନିର୍ଦ୍ଦେଶକ ମହାଦେବ ରାଉତଙ୍କ ସ୍ୱର ସଂଯୋଜନା ଏବଂ ମନୋଜ କୁମାର ପଣ୍ଡାଙ୍କ ଗୀତ ରଚନାରେ ପ୍ରସ୍ତୁତ 'ଟାଙ୍ଗା'ରେ ହ୍ୟୁମାନ ସାଗରଙ୍କ ହୃଦୟସ୍ପର୍ଶୀ ଶୈଳୀକୁ ପ୍ରତିଫଳିତ କରୁଛି। ଏହି ଗୀତଟି ଚଳଚ୍ଚିତ୍ରର ସଙ୍ଗୀତ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ । 'ଟାଙ୍ଗା' ଗୀତଟି ହ୍ୟୁମାନ ସାଗରଙ୍କ ପ୍ରତି ଏକ ସାଙ୍ଗୀତିକ ଶ୍ରଦ୍ଧାଞ୍ଜଳି। ସିନେମାଟି ଏପ୍ରିଲ୍ ୧୦ ତାରିଖରେ ସାରା ଓଡ଼ିଶାରେ ମୁକ୍ତିଲାଭ କରିବ। ■




## ମାର୍ଚ୍ଚ ୨୭ରେ 'ଆifaa'ର ଶୁଭମୁକ୍ତି

ଆଗାମୀ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଆifaa' ମାର୍ଚ୍ଚ ୨୭ରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ଘୋଷଣା କରିଛି। ମିଷ୍ଟିକ୍ କ୍ଲ କ୍ଲାପ୍‌ସ ପ୍ରସ୍ତୁତ ଏହି ଚଳଚ୍ଚିତ୍ରଟି ଓଡ଼ିଆ ପରିବାର, ସଂସ୍କୃତି ଓ ମୂଲ୍ୟବୋଧକୁ ଆଧାର କରି ନିର୍ମିତ ଏକ ସ୍ୱର୍ଶକାତର କାହାଣୀ। ଚଳଚ୍ଚିତ୍ରଟିରେ ଅଙ୍ଗଦାନର ମହତ୍ତ୍ୱ ଓ ସାମାଜିକ ସନ୍ଦେଶକୁ ଉଜାଗର କରାଯାଇଛି, ଯାହା ସମାଜକୁ ଏକ ସକାରାତ୍ମକ ସନ୍ଦେଶ ଦେବାକୁ ଉଦ୍ଦିଷ୍ଟ। ବରିଷ୍ଠ ଅଭିନେତା ଓ ସଂଳାପ ଲେଖକ କୁନା ତ୍ରିପାଠୀଙ୍କ ସହିତ ପ୍ରୀତିରାଜ ସତପଥୀ, ନୈନା ଦାଶ ତିୱାରୀ, ହର ରଥ, ସିଦ୍ଧାର୍ଥ ତିୱାରୀ, ମୀରା ଝଞ୍ଜା ଦାସ, ସ୍ୱସ୍ତିକ ଚୌଧୁରୀ, ରବି ମିଶ୍ର, ଧରିତ୍ରୀ ଖଣ୍ଡୁଆଳ, ରାକେଶ କୁମାର ବାରିକ, ଶ୍ରୀୟା, ଶ୍ରାବଣୀ ଓ ମିଭାନ୍ ସିଦ୍ଧାର୍ଥ ତିୱାରୀ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରରେ ଅନମୋଲ ପତି ପ୍ରଥମଥର ପାଇଁ ମୁଖ୍ୟ ଭୂମିକାରେ ପରିଚିତ ହେଉଛନ୍ତି। ଚଳଚ୍ଚିତ୍ରଟିର ପ୍ରଯୋଜନା କରିଛନ୍ତି ପ୍ରୀତିରାଜ ସତପଥୀ ଓ ନୈନା ଦାଶ ତିୱାରୀ, ସହ ପ୍ରଯୋଜନା କରିଛନ୍ତି ସିଦ୍ଧାର୍ଥ ତିୱାରୀ। ନିର୍ଦ୍ଦେଶନା ଦେଇଛନ୍ତି ପ୍ରୀତିରାଜ ସତପଥୀ, ସହ ନିର୍ଦ୍ଦେଶନାରେ ଅଛନ୍ତି ରାଜେଶ କୁମାର ବାରିକ ଓ କ୍ରିଷ୍ଣା। ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା କରିଛନ୍ତି ପ୍ରେମ ଆନନ୍ଦ। ଗୀତଗୁଡ଼ିକକୁ କଣ୍ଠଦାନ କରିଛନ୍ତି ଦୀପ୍ତିରେଖା, ଶଶାଙ୍କ ଶେଖର, ବିଶ୍ୱଜିତ୍ ମହାପାତ୍ର, ଅନନ୍ୟା ଶ୍ରୀତମ ନନ୍ଦା, ଶୁଭେଚ୍ଛା ଓ କୁଳଦୀପ ପଟ୍ଟନାୟକ। ବାପୁ ଗୋସ୍ୱାମୀ ଓ ଦିବ୍ୟ କୁମାର ସାହୁ ଗୀତଗୁଡ଼ିକ ରଚନା କରିଛନ୍ତି। ■

**ପରଦା ପଛର କାହାଣୀ**

## ଫିଲ୍ମରୁ ଆୟ ଟଙ୍କା ଗଣିବା ପାଇଁ ମେସିନ୍

ଜଣେ ବରିଷ୍ଠ ଅଭିନେତା ଓ ଫିଲ୍ମ ନିର୍ମାତା ଭାବେ ଫିରୋଜ ଖାନ୍ ବେଶ୍ ପରିଚିତ। ସେ ନିଜ ଅଭିନୟର ଯାଦୁରେ ସିନେମା ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ୧୯୮୦ ମସିହାରେ ଫିରୋଜ ଖାନ୍‌ଙ୍କ 'କୁର୍ବାନୀ' ଫିଲ୍ମ ରିଲିଜ୍ ହୋଇଥିଲା। ଏହି ଫିଲ୍ମଟି ପ୍ରେକ୍ଷାଳୟରେ ମାସ ମାସ ଧରି ଚାଲିଥିଲା। ଫିଲ୍ମଟି ବକ୍ସ ଅଫିସ୍‌ରେ ଏତେ ବ୍ୟବସାୟ କରିଥିଲା ଯେ, ଫିଲ୍ମ ନିର୍ମାତା ଟଙ୍କା ଗଣିବା ପାଇଁ ଏକ ସ୍ୱତନ୍ତ୍ର ମେସିନ୍ ଆଣିଥିଲେ। 'କୁର୍ବାନୀ'ରେ ଫିରୋଜ ଖାନ୍, ଜୀନତ ଅମାନ, ଅମଜଦ୍ ଖାନ୍, ଶକ୍ତି କପୁର, ଅରୁଣା ଇରାନୀ, ବିନୋଦ ଖାନ୍ନା ପ୍ରମୁଖ କଳାକାର ଚମତ୍କାର ଅଭିନୟ କରିଥିଲେ। ଫିରୋଜ ଖାନ୍ ଏଥିରେ ଉଭୟ ଅଭିନେତା ଏବଂ ନିର୍ଦ୍ଦେଶକ ଦାୟିତ୍ୱ ସମ୍ଭାଳି ଥିଲେ। ଏହା ଏକ କ୍ଲଟ୍ କ୍ଲାସିକ୍ ଫିଲ୍ମ ଭାବେ ପରିଚିତ। ଏହି ଫିଲ୍ମ ବକ୍ସ ଅଫିସ୍‌ରେ ରେକର୍ଡ ସଂଖ୍ୟକ ଆୟ କରିଥିଲା। ପ୍ରଥମ ଦିନରେ ଏହା ପ୍ରାୟ ୧.୨୫ କୋଟି ବ୍ୟବସାୟ କରିଥିଲା। ଫିଲ୍ମଟି ସମୁଦାୟ ଛଅ କୋଟି ଟଙ୍କାରୁ ଅଧିକ ଆୟ କରିଥିଲା। ଫଳରେ ଟଙ୍କା ଗଣିବା ପାଇଁ ଫିରୋଜ ଖାନ୍ ଏକ ଟିମ୍ ମୁତୟନ କରିଥିଲେ। ଏଥିସହ ସେମାନଙ୍କୁ ନୋଟ୍ ଗଣତି ପାଇଁ ଏକ ମେସିନ୍ ମଧ୍ୟ ଦେଇଥିଲେ। ■




**ସାକ୍ଷାତ୍କାର**

'କପାଳ ଲିଖନ କେ କରିବ ଆନ' ଅର୍ଥାତ୍ ଭାଗ୍ୟରେ ଯାହା ଲେଖା ଥାଏ ତାହା ଅବଶ୍ୟ ଘଟେ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଭୁବନେଶ୍ୱରର ବିଶ୍ୱରୂପା ରାଉତ। ପିଲାଦିନେ ଏକ କମେଡି ଶୋ'ରେ ସେ ଶିଶୁ କଳାକାର ଭାବେ ଅଭିନୟ ଆରମ୍ଭ କରିଥିଲେ । ଏହି କମେଡି ଶୋ'ରେ ଚମତ୍କାର ଅଭିନୟ ପାଇଁ ସେ ଲୋକପ୍ରିୟତା ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ପାଦ ପୁଣି ଟାଣି ହୋଇ ଆସିଲା ଅଭିନୟ ଜଗତକୁ। ଏବେ 'ତୋରି ପାଇଁ ତୋ ପାଇଁ' ଧାରାବାହିକର 'ନିଧି' ଚରିତ୍ର ପାଇଁ ସେ ଘରେ ଘରେ ପରିଚିତ। ତେବେ ଅଭିନୟ ଜଗତକୁ ଆସିବାକୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।

## "ଭଲ ଅଭିନୟ ପାଇଁ ଧୈର୍ଯ୍ୟ ଆବଶ୍ୟକ"

**ବିଶ୍ୱରୂପା ରାଉତ, ଅଭିନେତ୍ରୀ**



**ରଙ୍ଗିନ ଦୁନିଆକୁ କେମିତି ଆସିଲେ?**

● ମୋ ଭଉଣୀ ସଙ୍ଗୀତ ମହାବିଦ୍ୟାଳୟରେ ପାଠ ପଢୁଥିଲେ। ସେତେବେଳେ ମୁଁ ବହୁତ ସାନ ଥିଲି। ଅଭିନୟ ବିଷୟରେ କିଛି ଜାଣିନଥିଲି। ଅଧ୍ୟାପିକା ହେବାକୁ ଇଚ୍ଛା ଥିଲା। ପ୍ରଜ୍ଞାନ ଭାଇଙ୍କର ଏକ କମେଡି ଶୋ' ଆସୁଥିଲା। ସେଥିରେ ଛୋଟ ପିଲାର ଚରିତ୍ର ଥିଲା। ତେଣୁ ସେହି ସିନ୍‌ରେ କାମ କରିବା ପାଇଁ ସୁଯୋଗ ମିଳିଥିଲା। ଅନେକ କମେଡି ଶୋ'ରେ ଶିଶୁକଳାକାର ଭାବେ କାମ କରିଛି। ଡକ୍ୟୁମେଣ୍ଟାରୀ ଫିଲ୍ମ 'ସ୍ପନ୍ଦନ'ରେ ଅଭିନୟ କରିଥିଲି। ପଢ଼ା ପାଇଁ ଅଭିନୟ ଜଗତରୁ ଦୂରେଇ ଯାଇଥିଲି। ପରେ ପୁଣି ମୋର ରିଲ୍ସ ଦେଖି ଏହି ଲାଇନ୍‌କୁ ଆସିବାକୁ ସୁଯୋଗ ମିଳିଲା। ଅଡିସନ୍ ଦେଇ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ନାୟକର ଭଉଣୀ 'ନିଧି' ଭୂମିକାରେ ମୁଁ ଅଭିନୟ କରୁଛି। ଏଯାବତ୍ ୫୦ରୁ ଉର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓ କରିସାରିଛି।

**ସୁଟିଂ ସେଟ୍‌ର ପ୍ରଥମ ଦିନର ଅନୁଭୂତି?**

● ଶିଶୁ କଳାକାର ଭାବେ କାମକୁ ନେଇ ଭୟ ଲାଗି ନ ଥିଲା। ସୁଟିଂ ସେଟ୍‌ରେ ପ୍ରଥମ ଦିନ ସଂଳାପ କହିବାରେ ତାଳମେଳ ନ ଥିଲା। କ୍ୟାମେରା, ଲାଇଟ୍ ସାମ୍ନାରେ ସଂଳାପ କେମିତି କହିବି ସମସ୍ତ ସିନିୟର କଳାକାର ମୋତେ ସାହାସ ଯୋଗାଇଥିଲେ। ଏହା ପରେ ମୁଁ ଭଲ ଅଭିନୟ କରିଥିଲି। ପୂରା ଟିମ୍ ମୋ ପରିବାର ଭଳି ଲାଗେ।

**ନିଧି ଚରିତ୍ର ପାଇଁ ବିଶ୍ୱରୂପାଙ୍କୁ କେତେ ପରିଶ୍ରମ କରିବାକୁ ପଡ଼ିଛି?**

● ମୁଁ ଯେମିତି ଚୁଲ୍‌ବୁଲି ନିଧି ବି ସେମିତି। ଘରର ସେ ଗେହ୍ଲୀ ଝିଅ। ସେ ତା' ଭାଇ ଓ ଭାଉଜ ପୂରା ପରିବାକୁ ସର୍ପୋଟ କରୁଛି। ସେ ଭୁଲ୍ ଠିକ୍‌କୁ ସାମନା କରୁଛି।

**ସୁଟିଂ ନଥିଲେ କ'ଣ କରନ୍ତି?**

● ସୁଟିଂ ନଥିଲେ ମୁଁ ଶୋଇପଡ଼େ। ମ୍ୟୁଜିକ୍ ଭିଡ଼ିଓ କି କିଛି ପ୍ରୋଗ୍ରାମ କରିଥାଏ।

**ଦର୍ଶକଙ୍କ ପ୍ରଶଂସାକୁ ବିଶ୍ୱରୂପା କେମିତି ଗ୍ରହଣ କରନ୍ତି?**

● ଦୀର୍ଘ ବର୍ଷ ପୂର୍ବରୁ 'ସିଆଇଡି'ରେ ମୁଁ କହିଥିବା ସଂଳାପଗୁଡ଼ିକ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେଉଛି। ସେହି ଭିଡିଓଗୁଡ଼ିକକୁ ଦେଖି ଏବେ ଜାଣୁଛନ୍ତି ସେ ବିଶ୍ୱରୂପା ହେଉଛି ସେହି କୁନି ଝିଅ। ସତରେ ଏମିତି ପ୍ରଶଂସା ମୋତେ ବହୁତ ଖୁସି ଦେଉଛି। ବର୍ତ୍ତମାନ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ବି ମୋତେ ଦର୍ଶକଙ୍କ ଭଲ ପାଇବା ମିଳୁଛି।

**ଫିଟ୍‌ର ରାଜ୍ କ'ଣ?**

● କେବଳ ଜଣେ କଳାକାର ନୁହେଁ, ପ୍ରତ୍ୟେକ ଲୋକ ଫିଟ୍ ରହିବାକୁ ଚାହାଁନ୍ତି। ଏଥିପାଇଁ ମୁଁ ଘର ତିଆରି ଖାଦ୍ୟ ଖାଏ। ସମୟ ମିଳିଲେ ବ୍ୟାୟାମ କରେ।

**ଆଗାମୀ ଯୋଜନା କ'ଣ?**

● ଭଲ ଚରିତ୍ରରେ କାମ କରିବାକୁ ଇଚ୍ଛା ଅଛି।

**ଅଭିନୟ ଜଗତକୁ ଆସୁଥିବା ଯୁବପିଢ଼ିଙ୍କୁ କ'ଣ କହିବେ?**

● 'ତୋରି ପାଇଁ ତୋ ପାଇଁ' ସେଟ୍‌ରେ ସମସ୍ତ ବରିଷ୍ଠ କଳାକାରଙ୍କଠାରୁ ମୁଁ ସବୁବେଳେ କିଛି ନା କିଛି ଶିଖେ। ତେଣୁ ଅଭିନୟ ଜଗତକୁ ଯେଉଁମାନେ ଆସୁଛନ୍ତି ସିନିୟର କଳାକାରଙ୍କଠାରୁ ସବୁବେଳେ ଶିଖିବା ମନୋବୃତ୍ତି ରଖନ୍ତୁ। ଧୈର୍ଯ୍ୟ ରଖି କାମ କଲେ ଅଭିନୟ ଭଲ ହୁଏ। ■

**ଟେଲିଭିଜନ ପ୍ରିମିୟର**

## ପାଦେ ଆକାଶ

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ତରଙ୍ଗ ଚ୍ୟାନେଲରେ ଆଜି ସନ୍ଧ୍ୟା ୭ଟାରେ ଟେଲିଭିଜନ ପ୍ରିମିୟର୍ ହେବ ଓଡ଼ିଆ ସିନେମା 'ପାଦେ ଆକାଶ'। ସିନେମାର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଅର୍ଚ୍ଚିତା। ବିଶିଷ୍ଟ ସମାଜସେବୀ ଶ୍ରୁତି ମହାପାତ୍ରଙ୍କ ସଂଘର୍ଷ ଓ ସଫଳତାର ଜୀବନଯାତ୍ରା ଉପରେ ଏହାର କାହାଣୀ ଆଧାରିତ। ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ ତଥା ଲିଟିସା ମଙ୍ଗତ ପଣ୍ଡାଙ୍କ ପ୍ରଯୋଜିତ ଏହି ସିନେମାର ଚିତ୍ରନାଟ୍ୟ ଲେଖିଛନ୍ତି ବିପ୍ଳବ ସିଂହ ଓ ଦେବୀ ଦତ୍ତ ମହାନ୍ତି। ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରେମ ଆନନ୍ଦ ଥିବା ବେଳେ ଗୀତ ଲେଖିଛନ୍ତି ବିଜୟ ମଲ୍ଲ। ସିନେମାର ସଂଳାପ ଭରଦ୍ୱାଜ ପଣ୍ଡା ରଚନା କରିଛନ୍ତି। ସେହିପରି ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ରାଜେଶ, ସ୍ମିତା, ହର, ମୋହନ, ମଧୁମିତା, ବିଜୟଲକ୍ଷ୍ମୀ ପ୍ରମୁଖ କଳାକାର। ତେବେ ସିନେମାଟି ପୂର୍ବରୁ ବଡ଼ ପରଦାରେ ମୁକ୍ତିଲାଭ କରିସାରିଛି। ପ୍ରେକ୍ଷାଳୟରୁ ବଞ୍ଚିତ ଥିବା ଦର୍ଶକେ ବର୍ତ୍ତମାନ ଏହି ସିନେମାଟିକୁ ଟିଭିରେ ଦେଖିପାରିବେ। ■





## ୧୦୦୦ ତମ ଅଧ୍ୟାୟରେ 'ତୁ ଖରା ମୁଁ ଛାଇ'

ଜୀ ସାର୍ଥକର ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' ୧୦୦୦ ତମ ଅଧ୍ୟାୟରେ ପହଞ୍ଚିଛି। ଅକ୍ଷୟ ପରିଜାଙ୍କ ପ୍ରଯୋଜିତ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଧାରାବାହିକର କାହାଣୀ ଏକ ନୂଆ ମୋଡ଼ ନେଇଛି। ସମୟର ଚକ୍ରରେ ସାତ ବର୍ଷ ବିତିଯାଇଛି। କିନ୍ତୁ ଅଭି ଆଉ ସେହି ପୁରୁଣା ଅଭି ହୋଇ ରହି ନାହିଁ। ମାନିର ମୃତ୍ୟୁ ଖବର ତା'କୁ ଭିତରୁ ସଂପୂର୍ଣ୍ଣ ବଦଳାଇ ଦେଇଛି। ସେ ଏବେ ଜଣେ ଶାନ୍ତ, ଗମ୍ଭୀର କିନ୍ତୁ ରହସ୍ୟମୟ ବ୍ୟକ୍ତିତ୍ୱ ସାଜିଛି । ମାନି ମରି ନାହିଁ, ବରଂ ନିଜର ଅତୀତକୁ ପାସୋରି ଏକ ଭିନ୍ନ ଦୁନିଆରେ ବଞ୍ଚୁଛି। ତେବେ କାହାଣୀରେ 'ମାଧବ'ର ପ୍ରବେଶ ସବୁକିଛି ଓଲଟପାଲଟ କରିଦେଉଛି। ମାଧବ ନିଜର ପ୍ରତିଶୋଧ ନେବା ପାଇଁ ମାନି ଭିତରେ ଲୁଚି ରହିଥିବା କ୍ରୋଧ ଓ ଅସନ୍ତୋଷକୁ ଉସୁକାଉଛି। ଏସବୁ ସଂଘର୍ଷ ଭିତରେ ଛୋଟ ପୁଅ ଗୋଲୁ କାହାଣୀରେ ଆଶାର କିରଣ ସାଜିଛି। ଇମୋସନାଲ୍ ଥ୍ରିଲରରେ ଭରପୂର ଏହି କାହାଣୀ ଆଗକୁ କେଉଁ ମୋଡ଼ ନେଉଛି, ତାହା ଦେଖିବା ବେଶ୍ ରୋମାଞ୍ଚକର ହେବ। ■

ସକାଳ THE SAKALA
www.sakalaepaper.com


### ଇତିହାସ ଅପେକ୍ଷାରେ ଭାରତ, ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ

# ଟି-୨୦ ବିଶ୍ୱକପ୍ ଫାଇନାଲ ଆଜି



**ଅହମ୍ମଦାବାଦ୍,୭।୩(ଏଜେନ୍ସି):** ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୨୦୨୬ ପୁରୁଷ ଟି-୨୦ ବିଶ୍ୱକପ୍‌ର ଗ୍ରାଣ୍ଡ ଫାଇନାଲ ଆସନ୍ତାକାଲି ବା ରବିବାର ଖେଳାଯିବ। ଏକ ଲକ୍ଷ ୩୦ ହଜାର ଦର୍ଶକ ବସିପାରୁଥିବା ଭଳି ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଏହି ମୁକାବିଲା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଏଠାରେ ତୃତୀୟଥର ଟାଇଟଲ ଜିତି ଇତିହାସ ସୃଷ୍ଟି କରିବା ଅପେକ୍ଷାରେ ରହିଛି। ସେହିପରି ଆଇସିସି ଟୁର୍ଣ୍ଣାମେଣ୍ଟରେ ଏକତରଫା ବିଜୟ ହାସଲ କରୁଥିବା ନ୍ୟୁଜିଲାଣ୍ଡ ଆଉ ଏକ ମୁକାବିଲାରେ ଭାରତକୁ ମାତ୍ ଦେଇ ବିପର୍ଯ୍ୟୟ ସୃଷ୍ଟି କରିବା ସହ କୋଟି କୋଟି ଭାରତୀୟ ଦର୍ଶକଙ୍କ ହୃଦୟ ଭାଙ୍ଗିବା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି କରିଛନ୍ତି। ଆସନ୍ତାକାଲି ମୁକାବିଲା ପରେ ଇତିହାସ ସୃଷ୍ଟି ହେବ କିମ୍ବା ବିପର୍ଯ୍ୟୟ ତାହା ଜଣାପଡ଼ିବ।

୨୦୨୩ରେ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହେବା ପରେ ଭାରତ ଲାଗି ଅହମ୍ମଦାବାଦ୍ ଷ୍ଟାଡିୟମ୍ ଅନଲକି ବୋଲି କୁହାଯାଉଛି। ଚଳିତ ବିଶ୍ୱକପ୍‌ରେ ମଧ୍ୟ ଭାରତ ମଧ୍ୟ ଦକ୍ଷିଣ ଆଫ୍ରିକା ନିକଟରୁ ଏକମାତ୍ର ପରାଜୟ ଏଠାରେ ବରଣ କରିଛି। ଉଭୟ ମ୍ୟାଚ୍‌ରେ ଭାରତ କ୍ରମାଗତ ବିଜୟ ହାସଲର ରେକର୍ଡ କରିବା ପରେ ହାରିଛି। ଏଣୁ ଅହମ୍ମଦାବାଦ୍ ଭାରତ ଲାଗି ପୁଣିଥରେ ଦୁର୍ଭାଗ୍ୟ ଆଣିପାରେ ବୋଲି ଆଶଙ୍କା କରି ଦଳ ହୋଟେଲ ଓ ଡ୍ରେସିଂ ରୁମ୍ ବଦଳାଇଛି। ଏହା ଯଦି ସତ ହୁଏ, ତେବେ ଭାରତୀୟଙ୍କ ମନରେ ଅହମ୍ମଦାବାଦ୍ ଭୂତ ରହିଛି। ଭାରତ ଯଦି ଏଠାରେ ଆସନ୍ତାକାଲିର ମୁକାବିଲାରେ ବାଜିମାତ୍ କରେ, ତେବେ ଏହି ଭୂତର ପ୍ରହେଳିକା ଚାଲିଯିବ। ଅହମ୍ମଦାବାଦ୍‌ରେ ଭାରତୀୟ ଖେଳାଳିଙ୍କ କିଛି ସ୍ୱତନ୍ତ୍ର ରେକର୍ଡ ରହିଛି। ଯେପରିକି ୧୯୮୭ରେ ସୁନୀଲ ଗାଭାସ୍କର ପାକିସ୍ତାନୀ ସ୍ପିନର ଇଜାଜ ଫକିଙ୍କୁ ଲେଟକଟ କରି ଟେଷ୍ଟ କ୍ରିକେଟରେ ପ୍ରଥମ ବ୍ୟାଟର ଭାବେ ୧୦,୦୦୦ ରନ୍ ପୂରଣ କରିଥିଲେ। ୧୯୯୪ରେ ଶ୍ରୀଲଙ୍କାର ହାସନ ତିଳକରତ୍ନେଙ୍କୁ ଆଉଟ କରି କପିଳ ଦେବ ଟେଷ୍ଟ କ୍ରିକେଟରେ ସର୍ବାଧିକ ୪୩୨ଟି ୱିକେଟ ଅକ୍ତିଆର କରିଥିଲେ। ଏହି ରେକର୍ଡ କିନ୍ତୁ ଫାଇନାଲ ପରାଜୟ ପରେ ଖେଳାଳିଙ୍କ ମାନସିକତାକୁ ଦୃଢ଼ କରିବାରେ ସହାୟକ ହୋଇନାହିଁ।

ଚଳିତ ଟୁର୍ଣ୍ଣାମେଣ୍ଟରେ ପ୍ରଦର୍ଶନକୁ ଦେଖିଲେ ଭାରତ ପର୍ଯ୍ୟାୟକ୍ରମେ ନିଜ ଖେଳରେ ଉନ୍ନତି ଆଣିଛି। ଦକ୍ଷିଣ ଆଫ୍ରିକାଠାରୁ ଏକମାତ୍ର ପରାଜୟ ପରେ ଭାରତ ପ୍ରାୟ ସମସ୍ତ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଛି। ଏହାର ବ୍ୟାଟରଙ୍କ ଲାଗି ଦଳ ଗୋଟିକ ପରେ ଗୋଟିଏ ସଫଳତା ପାଇଚାଲିଛି। ଏବେ ଦଳରେ ସଞ୍ଜୁ ସାମସନଙ୍କ ଦୃଢ଼ ଆବିର୍ଭାବ, ଯଶପ୍ରୀତ୍ ବୁମ୍‌ରାଙ୍କ ମାଷ୍ଟରଷ୍ଟ୍ରୋକ୍ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ପ୍ରଦର୍ଶନ କୌଣସି ନ କୌଣସି ସମୟରେ ଦଳକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ଫାଇଦାରେ ରଖିଛି। ଗତ ଦୁଇଟି ମ୍ୟାଚ୍‌ରେ ସାମସନଙ୍କ ଥଣ୍ଡା ମିଜାଜ ଓ ଆକ୍ରମଣାତ୍ମକ ବ୍ୟାଟିଂ ଦଳକୁ ଫାଇଦାରେ ରଖିଛି। ଅନ୍ୟମାନଙ୍କ ମଧ୍ୟରେ ଗୋଟିଏ ବିଭାଗ ଲାଗି ମନୋନୀତ ଖେଳାଳି ଅନ୍ୟ ବିଭାଗ ବା ସେକେଣ୍ଡାରୀ ବିଭାଗରେ ସଫଳ ହୋଇଛନ୍ତି। ଯେପରିକି ପେସର ଶିବମ ଦୁବେଙ୍କ ବିସ୍ଫୋରକ ବ୍ୟାଟିଂ, ସ୍ପିନର ଅକ୍ଷର ପଟେଲଙ୍କ ଚମତ୍କାର ଫିଲ୍ଡିଂ ଦଳକୁ ବେଶ ସୁହାଉଛି। ଏମାନଙ୍କ ସଫଳତା ସତ୍ତ୍ୱେ ଦଳର ଦୁଇ ଆଇସିସି ନମ୍ବରୱାନ୍ ଟି-୨୦ ଖେଳାଳି ବ୍ୟାଟର ଅଭିଷେକ ଶର୍ମା ଓ ବୋଲର ବରୁଣ ଚକ୍ରବର୍ତ୍ତୀଙ୍କୁ ନେଇ ଚିନ୍ତାରେ ରହିଛି ଭାରତ। ଅଭିଷେକ ଟୁର୍ଣ୍ଣାମେଣ୍ଟରେ ମୋଟ ୮୯ ରନ୍ କରିଥିଲାବେଳେ ଏକମାତ୍ର ଅର୍ଦ୍ଧଶତକ ଜିମ୍ବାୱେ ବିପକ୍ଷରେ ହାସଲ କରିଛନ୍ତି। ବରୁଣ ଚକ୍ରବର୍ତ୍ତୀ ଆଦୌ ପ୍ରଭାବଶାଳୀ ହୋଇ ପାରୁ ନାହାନ୍ତି।

ଅନ୍ୟପକ୍ଷରେ ପ୍ରତିଦ୍ୱନ୍ଦ୍ୱୀ ନ୍ୟୁଜିଲାଣ୍ଡ ଦମ୍‌ରେ ରହିଛି। ଦଳ ଟୁର୍ଣ୍ଣାମେଣ୍ଟରେ ଦୁଇଟି ମ୍ୟାଚ୍ ହାରିଥିଲେ ମଧ୍ୟ ସେମିଫାଇନାଲରେ ଯେଉଁଳି ପ୍ରଦର୍ଶନ କରିଛି, ତାହାକୁ ନେଇ କେବଳ ଭାରତୀୟ ଦଳ ନୁହେଁ, ବରଂ ସମର୍ଥକମାନେ ଚିନ୍ତିତ। ଭାରତର ସ୍ପିନରଙ୍କୁ ସୁଯୋଗ ଦେଉନାହାନ୍ତି ଦଳର ବ୍ୟାଟର। ଅନ୍ୟ ପକ୍ଷରେ ଦକ୍ଷିଣ ଆଫ୍ରିକା ଭଳି ଶକ୍ତିଶାଳୀ ବୋଲିଂ ଲାଇନ୍ ବିପକ୍ଷରେ ଫିନ୍ ଆଲେନ୍‌ଙ୍କ ୩୩ ବଲ୍‌ରେ ଶତକ ଓ ଟିମ୍ ସେଇଫର୍ଟଙ୍କ ବିସ୍ଫୋରକ ଓ ଦମ୍‌ଦାର ବ୍ୟାଟିଂ ଦଳକୁ ଫାଇଦାରେ ରଖିଛି। ଦଳର ନଂ-୩ ବ୍ୟାଟର ରାଚିନ ରବୀନ୍ଦ୍ର ଦଳର ସଫଳ ବୋଲର ଭାବେ ସର୍ବାଧିକ ୧୧ଟି ୱିକେଟ ନେଇଛନ୍ତି। ଫାଷ୍ଟ ବୋଲର ମ୍ୟାଟ ହେନରୀଙ୍କୁ ଖେଳିବା ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ପ୍ରତିପକ୍ଷ ବ୍ୟାଟରଙ୍କୁ କଷ୍ଟକର ହୋଇଛି। ଏହି ଖେଳାଳିମାନଙ୍କୁ ନେଇ ନ୍ୟୁଜିଲାଣ୍ଡ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସମସ୍ତ ଯୋଜନା କରିଛି।

**ଟି-୨୦ ବିଶ୍ୱକପ୍ ଫାଇନାଲ**
**ଭାରତ-ନ୍ୟୁଜିଲାଣ୍ଡ**
**ଭେନ୍ୟୁ- ଅହମ୍ମଦାବାଦ୍**
**ଖେଳ ଆରମ୍ଭ- ରାତି ୭ଟା**
**ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର**

### ଖେଳାଳି

**ଭାରତ-** ସଞ୍ଜୁ ସାମସନ, ଅଭିଷେକ ଶର୍ମା, ଇଶାନ କିଶାନ, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶିବମ ଦୁବେ, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂହ, ଯଶପ୍ରୀତ୍ ବୁମ୍‌ରା, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ୱାଶିଂଟନ ସୁନ୍ଦର ଓ ରିଙ୍କୁ ସିଂ।

**ନ୍ୟୁଜିଲାଣ୍ଡ-** ଟିମ୍ ସେଇଫର୍ଟ, ଫିନ୍ ଆଲେନ, ରାଚିନ ରବୀନ୍ଦ୍ର, ଗ୍ଲେନ୍ ଫିଲିପ୍ସ, ମାର୍କ ଚାପ୍‌ମ୍ୟାନ୍, ଡାରିଲ ମିଚେଲ, ଜେମ୍ସ ନୀଶାମ, ମିଚେଲ ସାଣ୍ଟନର (ଅଧିନାୟକ), କୋଲ ମ୍ୟାକ୍‌କୋଞ୍ଚି, ମ୍ୟାଟ ହେନରୀ, ଲକି ଫରଗୁସନ, ଇସ୍ ସୋଧୀ, ଜ୍ୟାକବ ଡଫି, କାଏଲ ଜାମିସନ, ଡେଭନ କନୱେ।

## ଅଫ୍ ସ୍ପିନ୍ ନିର୍ଣ୍ଣାୟକ ଭୂମିକା ନେବ

**ଅହମ୍ମଦାବାଦ୍,୭।୩(ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ଖେଳାଯାଇଥିବା ଟି-୨୦ ବିଶ୍ୱକପ୍‌ରେ ସ୍ପିନରଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି। ସ୍ପିନରମାନେ ମ୍ୟାଚ୍ ଜିତାଇଛନ୍ତି ଓ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଭାରତୀୟ ସ୍ପିନରମାନେ ଏଥିରୁ କିନ୍ତୁ ଫାଇଦା ଉଠାଇପାରି ନାହାନ୍ତି। ବରଂ ଭାରତୀୟ ଦଳରେ ବାମହାତୀ ବ୍ୟାଟରଙ୍କ ସଂଖ୍ୟା ଅଧିକ ଥିବାରୁ ନ୍ୟୁଜିଲାଣ୍ଡର ଅଫ୍ ସ୍ପିନରମାନେ ଏହି ମୁକାବିଲାରେ ଫାଇଦା ଉଠାଇବେ ବୋଲି ଆଶା କରାଯାଉଛି। ଭାରତର ପ୍ରଥମ ୮ଜଣ ବ୍ୟାଟରଙ୍କ ମଧ୍ୟରେ ୫ଜଣ ବାମହାତୀ ରହିଛନ୍ତି। ଏମାନେ ସମସ୍ତେ ଅଫ୍ ସ୍ପିନରଙ୍କ ବିପକ୍ଷରେ ଦୁର୍ବଳ ଖେଳିଛନ୍ତି। ନ୍ୟୁଜିଲାଣ୍ଡ ଦଳରେ କୌଣସି ବିଶେଷଜ୍ଞ ଅଫ୍ ସ୍ପିନର ନାହାନ୍ତି। ତଥାପି ମିଡିଲ ଅର୍ଡର ବ୍ୟାଟର ଭାବେ କ୍ୟାରିୟର ଆରମ୍ଭ କରିଥିବା କୋଲ ମ୍ୟାକକୋଞ୍ଚି ଓ ବିସ୍ଫୋରକ ବ୍ୟାଟର ଗ୍ଲେନ ଫିଲିପ୍ସ ଅଫ୍ ସ୍ପିନ ବୋଲିଂ କରିଥାନ୍ତି। ଏମାନଙ୍କ ବୋଲିଂ ପ୍ରଭାବଶାଳୀ ହେଲେ ନ୍ୟୁଜିଲାଣ୍ଡକୁ ଫାଇଦା ମିଳିବ। ମିଚେଲ ସାଣ୍ଟନର ଓ ସଫଳ ବୋଲର ରାଚିନ ରବୀନ୍ଦ୍ର ବାମହାତୀ ସ୍ପିନର। ଭାରତ ବିପକ୍ଷରେ ଏମାନଙ୍କ ରେକର୍ଡ ଭଲ। କିନ୍ତୁ ବାମହାତୀ ବ୍ୟାଟରଙ୍କ ବିପକ୍ଷରେ ନୁହେଁ।

ଚଳିତ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ଇଶାନ କିଶାନ ୬ଟି ଇନିଂସରୁ ୫ଥର ଅଫ୍ ସ୍ପିନରଙ୍କ ଦ୍ୱାରା ଆଉଟ ହୋଇଛନ୍ତି। ସେହିପରି ଅଭିଷେକ ଶର୍ମା ୫ଥରରୁ ୩, ତିଲକ ବର୍ମା ୫ରୁ ୨, ହାର୍ଦ୍ଦିକ ପାଣ୍ଡ୍ୟା ୩ରୁ ୨ଥର ଅଫ୍ ସ୍ପିନରଙ୍କ ଶିକାର ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ବ୍ୟାଟର ସର୍ବାଧିକ ୧୫ଥର ଓ ନ୍ୟୁଜିଲାଣ୍ଡ ୬ଥର ଅଫ୍ ସ୍ପିନରଙ୍କ ଦ୍ୱାରା ଆଉଟ ହୋଇଛନ୍ତି। ଏହି ରେକର୍ଡକୁ ଦେଖିଲେ ଭାରତୀୟ ବ୍ୟାଟର ଅଫ୍ ସ୍ପିନରଙ୍କୁ ଉଚିତ ମୁକାବିଲା କରି ନ ପାରିଲେ ମ୍ୟାଚ୍ ଫଳାଫଳ ପ୍ରତିଦ୍ୱନ୍ଦ୍ୱୀ ନିକଟକୁ ଚାଲିଯିବ।

## ଆଇସିସି ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ୨ଥର ହାରିଛି ଭାରତ



**ଅହମ୍ମଦାବାଦ୍, ୭।୩(ଏଜେନ୍ସି):** ଆଇସିସି ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରକାର ଟୁର୍ଣ୍ଣାମେଣ୍ଟରେ ଆସନ୍ତାକାଲି ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ନ୍ୟୁଜିଲାଣ୍ଡର ଟାଇଟଲ ବିଜୟ ହାତଗଣତି। ଏହା ମଧ୍ୟରେ ରହିଛି ନାଇରୋବିରେ ୨୦୦୦ ମସିହାରେ ଅନୁଷ୍ଠିତ ଆଇସିସି ନକ୍‌ଆଉଟ ଟ୍ରଫି ଦିନିକିଆ ଟୁର୍ଣ୍ଣାମେଣ୍ଟ ଓ ୨୦୨୧ ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ଟାଇଟଲ। ଉଭୟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ନ୍ୟୁଜିଲାଣ୍ଡ ପ୍ରତିଦ୍ୱନ୍ଦ୍ୱୀ ଭାରତକୁ ହରାଇ ଟାଇଟଲ ଜିତିଛି। ଏଥର ଚତୁର୍ଥ ଫାଇନାଲ ଟି-୨୦ ଫର୍ମାଟରେ ଖେଳାଯିବ। ଏହାର ଫଳାଫଳ କ'ଣ ହେବ ତାହା କହିବା ମୁସ୍କିଲ। କିନ୍ତୁ ନ୍ୟୁଜିଲାଣ୍ଡ ଏହି ମୁକାବିଲା ଜିତିବାକୁ ଆଇସିସି ଟୁର୍ଣ୍ଣାମେଣ୍ଟ ପ୍ରଦର୍ଶନରୁ ବେଶ ଉତ୍ସାହ ପାଇଛି। ଏହି ଦୁଇଟି ଟାଇଟଲ ମୁକାବିଲା ବ୍ୟତୀତ ୨୦୧୯ ଦିନିକିଆ ବିଶ୍ୱକପ୍ ସେମିଫାଇନାଲରେ ମଧ୍ୟ ନ୍ୟୁଜିଲାଣ୍ଡଠାରୁ ଭାରତ ପରାଜିତ ହୋଇଛି। ସବୁଠାରୁ ବଡ଼କଥା ହେଲା ଆଇସିସି ଟି-୨୦ ବିଶ୍ୱକପ୍‌ରେ ଭାରତ ଏଯାଏ ୩ଟି ମୁକାବିଲାରେ ନ୍ୟୁଜିଲାଣ୍ଡକୁ ହରାଇ ପାରି ନାହିଁ। ଗତବର୍ଷ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଭାରତଠାରୁ କିନ୍ତୁ ନ୍ୟୁଜିଲାଣ୍ଡ ପରାଜିତ ହୋଇଥିଲା।

ଅନ୍ୟପକ୍ଷରେ ସମସ୍ତ ଟି-୨୦ ମୁକାବିଲାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ରେକର୍ଡ ଭଲ। ଉଭୟଙ୍କ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ଭାରତ ୧୮ଟିରେ ଜିତିଥିଲାବେଳେ ନ୍ୟୁଜିଲାଣ୍ଡ ୧୧ଟିରେ ବିଜୟୀ ହୋଇଛି। କିନ୍ତୁ ଆଇସିସି ଟୁର୍ଣ୍ଣାମେଣ୍ଟରେ ଏହି ପ୍ରଦର୍ଶନ ଓଲଟି ଯାଇଛି। ଏବେ ଭାରତ ଟି-୨୦ରେ ପ୍ରଦର୍ଶନକୁ ଦୋହରାଇବ କିମ୍ବା ନ୍ୟୁଜିଲାଣ୍ଡ ଟି-୨୦ ବିଶ୍ୱକପ୍‌ରେ ଅପରାଜେୟ ରହିବ ତାହାର ଉତ୍ତର ଅହମ୍ମଦାବାଦ୍‌ରେ ଆସନ୍ତାକାଲି ରାତିରେ ମିଳିବ।

## ବାଦ୍ ପଡ଼ିବେ କି ବରୁଣ, ଅଭିଷେକ



**ଅହମ୍ମଦାବାଦ୍,୭।୩(ଏଜେନ୍ସି):** ଚଳିତ ବିଶ୍ୱକପ୍‌ରେ ଭାରତର ଦୁଇ ତାରକା ଖେଳାଳି ଅଭିଷେକ ଶର୍ମା ଓ ବରୁଣ ଚକ୍ରବର୍ତ୍ତୀ ସୁପର ଫ୍ଲପ୍ ହୋଇଛନ୍ତି। ଜିମ୍ବାୱେ ବିପକ୍ଷରେ ୫୫ ରନ୍‌କୁ ବାଦ୍ ଦେଲେ ଅଭିଷେକ ୨ଓଭର ଖେଳ ଶେଷଯାଏ ଟିକ୍ଷିପାରି ନାହାନ୍ତି। ଏଭଳି ଖରାପ ସ୍କୋରରେ ତାଙ୍କୁ ବାଦ୍ ଦେଇ ରିଙ୍କୁ ସିଂଙ୍କୁ ସାମିଲ କରିବାକୁ ଦାବି ହେଉଛି। କିନ୍ତୁ ଅଭିଷେକ ଯେଉଁ ସ୍ତରର ବ୍ୟାଟର ତାଙ୍କୁ ବାଦ୍ ଦେବାତ ଦୂରର କଥା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରିପାରିବ ନାହିଁ। ତାଙ୍କ ଉପସ୍ଥିତି ହିଁ ପ୍ରତିପକ୍ଷଙ୍କ ମୁଣ୍ଡ ବିନ୍ଧାର କାରଣ। ସେହିପରି ଏହି ଟୁର୍ଣ୍ଣାମେଣ୍ଟ ନୁହେଁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରୁ ବରୁଣଙ୍କ ବୋଲିଂ କାମ ଦେଉନାହିଁ। ସେ ଯେ ଖରାପ ବୋଲିଂ କରୁଛନ୍ତି ତାହା କହିହେବ ନାହିଁ। କିନ୍ତୁ ତାଙ୍କ ବୋଲିଂର ଶୈଳୀକୁ ବିଶ୍ୱର ବ୍ୟାଟର ଭଲ ଭାବେ ପଢ଼ିନେଇଛନ୍ତି। ଏଣୁ ସେ ଆଉ ପ୍ରଭାବୀ ହୋଇପାରୁ ନାହାନ୍ତି। ଇଂଲଣ୍ଡର ଜ୍ୟାକବ ବେଥେଲଙ୍କୁ ସେମିଫାଇନାଲରେ ପକାଇଥିବା ୩ଟି ବଲରେ କୌଣସି ତ୍ରୁଟି ନ ଥିଲା। ତଥାପି ବେଥେଲ ତାଙ୍କୁ ଏହି ଓଭରରେ ୩ଟି ଛକା ମାରିଥିଲେ। ବରୁଣଙ୍କର ଯେ ଆତ୍ମବିଶ୍ୱାସ କମିଯାଇଛି ଏଥିରେ ସନ୍ଦେହ ନାହିଁ। ସେମିଫାଇନାଲ ପୂର୍ବରୁ ବୋଲିଂ କୋଚ୍ ମୋର୍ଣ୍ଣି ମୋର୍କେଲ କହିଥିଲେ, ବରୁଣ ଏପରି ଜଣେ ବୋଲର ଯିଏକି ପ୍ରତ୍ୟେକ ବଲରେ ୱିକେଟ ଅକ୍ତିଆର କରିବାର କ୍ଷମତା ରଖିଛନ୍ତି। ଏଥିରୁ ବରୁଣଙ୍କ ଉପରେ କୋଚ୍‌ଙ୍କର କେତେ ଭରସା ତାହା ସ୍ପଷ୍ଟ। ଫାଇନାଲ ମ୍ୟାଚ୍‌ରେ ଉଭୟ ଅଭିଷେକ ଓ ବରୁଣଙ୍କର ଖେଳିବା ନିଶ୍ଚିତ। ଭାରତ ମଧ୍ୟ ଏହି ମ୍ୟାଚରେ କୌଣସି ଖେଳାଳି ପରିବର୍ତ୍ତନ କରିବା ସମ୍ଭାବନା କମ୍। ଯଦି ଆହତ କିମ୍ବା ଅସୁସ୍ଥ ସମସ୍ୟା ନ ଉପୁଜେ।

## ଦର୍ଶକଙ୍କୁ ଚୁପ୍ କରିବୁ: ସାଣ୍ଟନର



**ଅହମ୍ମଦାବାଦ, ୭।୩(ଏଜେନ୍ସି):** ଭାରତ ବିପକ୍ଷ ଗ୍ରାଣ୍ଡଫାଇନାଲ ପୂର୍ବରୁ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ୧୪୦ କୋଟି ଭାରତୀୟଙ୍କ ହୃଦୟ ଭାଙ୍ଗିବାକୁ ପରୋକ୍ଷରେ ସୂଚନା ଦେଇଛନ୍ତି। ଟି-୨୦ ବିଶ୍ୱକପ୍ ଫାଇନାଲ ପୂର୍ବରୁ ଶନିବାର ସାମ୍ବାଦିକ ସମ୍ମିଳନୀରେ ସାଣ୍ଟନର କହିଛନ୍ତି ଯେ ଏଥର ମଧ୍ୟ ପରିସ୍ଥିତି ଭିନ୍ନ ନାହିଁ। ଆମେ ଫେଭରାଇଟ୍ ଦଳ ନୁହେଁ ବୋଲି ସମସ୍ତେ ଜାଣିଛନ୍ତି। କିନ୍ତୁ ଏହାକୁ ଆମେ ଗୁରୁତ୍ୱ ଦେଉନୁ। ଯଦି ଆମର ଯୋଜନା ସବୁକିଛି ଠିକ୍‌ଠାକ ରୁହେ ତେବେ ଆମେ ଆଉ ଏକ ବଡ଼ ଦଳକୁ ପରାସ୍ତ କରି ଟ୍ରଫି ଜିତିପାରିବୁ। ବିଶ୍ୱକପ୍ ଜିତିବା ଲାଗି ଆମେ କିଛି ଦର୍ଶକଙ୍କ ହୃଦୟ ଭାଙ୍ଗିବାକୁ ସଙ୍କୋଚ କରିବୁ ନାହିଁ। ଆମର ଲକ୍ଷ୍ୟ ହେଉଛି ଅହମ୍ମଦାବାଦର ଭରପୁର ଦର୍ଶକଙ୍କୁ ଚୁପ୍ କରିବା ବୋଲି ସାଣ୍ଟନର କହିଛନ୍ତି। ସାଣ୍ଟନରଙ୍କ ଏହି ମନ୍ତବ୍ୟକୁ ନେଇ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହନ୍ତି 'ସମସ୍ତେ ବର୍ତ୍ତମାନ ସେହି ସମାନ କଥା କହୁଛନ୍ତି। କିଛି ତ ନୂଆ କୁହ' ବୋଲି ସେ କହିଛନ୍ତି।

## ଉଦ୍‌ଯାପନୀ ଉତ୍ସବରେ ମାର୍ଟିନ, ସୁଖବୀର ଓ ପାଠକ

**ଅହମ୍ମଦାବାଦ୍,୭।୩(ଏଜେନ୍ସି):** ଏଠାରେ ଆସନ୍ତାକାଲି ଟି-୨୦ ବିଶ୍ୱକପ୍‌ର ଫାଇନାଲ ମୁକାବିଲା ପୂର୍ବରୁ ସନ୍ଧ୍ୟା ୫ଟା୩୦ ମିନିଟ୍‌ରେ ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହେବ। ଏଥିରେ ଅନ୍ତର୍ଜାତୀୟ ପପ୍‌ଷ୍ଟାର ରିକି ମାର୍ଟିନ, ଲୋକପ୍ରିୟ ଗାୟକ ସୁଖବୀର, ଫାଲଗୁନି ପାଠକ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ସଙ୍ଗୀତ ପରିବେଷଣ କରିବେ।

**୨୩ ବର୍ଷରୁ କମ୍ ଜାତୀୟ ମହିଳା ଦିନିକିଆ ଟ୍ରଫି**

## ଅଲିସ୍ପାଙ୍କ ଶତକ; ଓଡ଼ିଶାର ପ୍ରଥମ ବିଜୟ

**ଭୁବନେଶ୍ୱର, ୭।୩ (ସମିସ):** ବିସିସିଆଇ ଆନୁକୂଲ୍ୟରେ ପୁନେରେ ଚାଲିଥିବା ୨୩ ବର୍ଷରୁ କମ୍ ଜାତୀୟ ଦିନିକିଆ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ଶନିବାର ଡେକାନ ଜିମଖାନା ଗ୍ରାଉଣ୍ଡରେ ଖେଳାଯାଇଥିବା ଗ୍ରୁପ୍-ଡି'ର ଏକ ମ୍ୟାଚରେ ଓଡ଼ିଶା




୧୫୬ ରନରେ ଗୁଜରାଟକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ମହିଳା ଦଳ ଅଧିନାୟିକା ଅଲିସ୍ପା ବିଶ୍ୱାଳଙ୍କ ଅପରାଜିତ ୧୦୦ ରନ ବଳରେ ୫୦ ଓଭରରେ ୪ ୱିକେଟ ହରାଇ ୨୭୫ ରନ କରିଥିଲା। ୯୮ ବଲର ଏହି ପାଳିରେ ଅଲିସ୍ପା ୧୨ଟି ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭ୍ରନିର୍ଝରିଣୀ ସ୍ୱାଇଁ ୬୯, ସୁଲଗ୍ନା ନାୟକ ୪୨, ପୂଜାରାଣୀ ଦାସ ୩୬ ରନ କରିଥିଲେ। ଜବାବରେ ୧୮ ରନରେ ୪ଟି ୱିକେଟ ହରାଇ ସଙ୍କଟରେ ପଡ଼ିଥିବା ଗୁଜରାଟ ୩୨.୨ ଓଭରରେ ୧୧୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ସ୍ତୁତି ଜୈନ ୩୩ ଓ ଅଧିନାୟିକା ନିବେଦିତା ଜୈନ ୩୦ ରନ କରିଥିଲେ। ବୋଲିଂରେ ଅନନ୍ୟା ମିଶ୍ର ୪ଟି ୱିକେଟ୍ ନେଇ ଓଡ଼ିଶା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚ୍ ହାରିଥିବା ଓଡ଼ିଶା ଏଥିସହ ୪ ପଏଣ୍ଟ ପାଇ ଖାତା ଖୋଲିଛି। ସୋମବାର ବେଙ୍ଗଲ ସହ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

## ବିଶ୍ୱରେକର୍ଡ: ଡିଜିଟାଲ ପ୍ଲାଟଫର୍ମରେ ଦେଖିଲେ ୬.୫୨ କୋଟି ଦର୍ଶକ

**ଅହମ୍ମଦାବାଦ, ୭।୩(ଏଜେନ୍ସି):** ଭାରତ ଓ ଇଂଲଣ୍ଡ ମଧ୍ୟରେ ଶୁକ୍ରବାର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଚଳିତ ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ଡିଜିଟାଲ ଦର୍ଶକରେ ବିଶ୍ୱରେକର୍ଡ କରିଛି। ଏହି ହାଇସ୍କୋରିଂ ମ୍ୟାଚକୁ ଡିଜିଟାଲ ପ୍ଲାଟଫର୍ମ ଜିଓହଟଷ୍ଟାର୍ ମାଧ୍ୟମରେ ୬ କୋଟି ୫୨ ଲକ୍ଷ ଦର୍ଶକ ଉପଭୋଗ କରିଥିବା ଜଣାପଡ଼ିଛି। ବିଶ୍ୱର କୌଣସି କ୍ରୀଡ଼ା ଇଭେଣ୍ଟର ସିଧାପ୍ରସାରଣକୁ ଡିଜିଟାଲ ପ୍ଲାଟଫର୍ମରେ ଦେଖିବାରେ ଏହା ବିଶ୍ୱରେକର୍ଡ ହୋଇଛି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ଅଧ୍ୟକ୍ଷ ଜୟ ଶାହ ଏହି ସୂଚନା ଦେଇଛନ୍ତି।

## ଫିବା ବିଚ୍ ଭଲିବଲ୍: ମହିଳା ସେମିରେ ଆମେରିକାର ୩ ଦଳ



**ଭୁବନେଶ୍ୱର, ୭।୩ (ସମିସ):** ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଫିବା ବିଚ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଉଭୟ ପୁରୁଷ ଓ ମହିଳା ବିଭାଗ ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ମହିଳା ବିଭାଗରେ ଆମେରିକାର ୩ଟି ଯୋଡ଼ି ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ମାୟଜକୋସ୍କି/କାନ୍ ଯୋଡ଼ି, ଡୁରିଶ/କୋଏଙ୍ଗି ଯୋଡ଼ି ଓ ହ୍ୟୁଗ୍ସ/ବାଟେନହର୍ଷ୍ଟ ଯୋଡ଼ି। ଅନ୍ତିମ ତଥା ୪ର୍ଥ ଯୋଡ଼ି ଭାବେ ଜାପାନର ଶିବା ଓ ରେଇକା ସେମିଫାଇନାଲରେ ପହଞ୍ଚିଛନ୍ତି। ଜାପାନ ଯୋଡ଼ି ଓ ମାୟଜକୋସ୍କି/କାନ୍ ଯୋଡ଼ିଙ୍କ ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ ଡୁରିଶ/କୋଏଙ୍ଗି ଓ ହ୍ୟୁଗ୍ସ/ବାଟେନହର୍ଷ୍ଟଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଅପରପକ୍ଷରେ ପୁରୁଷ ବିଭାଗର ପ୍ରଥମ ସେମିଫାଇନାଲରେ ଚେକ୍ ରିପବ୍ଲିକର ସିପକା/ଜାଭୋରୋନୋ ଯୋଡ଼ି ଏବଂ ଇସ୍ରାଏଲର ଏଲଜାରା/କୁଜମିସିଓଭଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଡେନମାର୍କର ବ୍ରିଙ୍କ/ହୌମାନ୍ନ ଯୋଡ଼ି ଓ ବେଲ୍‌ଜିୟମର ଭାନ ଲାଜେଣ୍ଡୋ/ଭରକ୍ୟୁଟେରେନ ଯୋଡ଼ି ଦ୍ୱିତୀୟ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ଆଜିର ପ୍ରି-କ୍ୱାର୍ଟର ଓ କ୍ୱାର୍ଟର ଫାଇନାଲ ମୁକାବିଲାରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସେମିଫାଇନାଲରେ ପ୍ରବେଶ କରିଥିବା ସମସ୍ତ ଦଳର ଖେଳାଳିଙ୍କୁ କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

**■ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ**

## ଫାଇନାଲରେ ଲକ୍ଷ୍ୟ ସେନ

**ବର୍ମିଂହାମ, ୭।୩ (ଏଜେନ୍ସି):** ଭାରତର ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଇଂଲଣ୍ଡର ବର୍ମିଂହାମରେ ଚାଲିଥିବା ସମ୍ମାନଜନକ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ବିଶ୍ୱ ମାନ୍ୟତାର ୧୨ତମ ସ୍ଥାନରେ ରହିଥିବା ଲକ୍ଷ୍ୟ ଶନିବାର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚରେ ୨୧-୧୬, ୧୮-୨୧, ୨୧-୧୫ ଗେମରେ କାନାଡାର ଭିକ୍ଟର ଲାଇ'ଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଲକ୍ଷ୍ୟଙ୍କୁ ମାତ୍ର ୩୭ ମିନିଟ୍ ସମୟ ଲାଗିଥିଲା। ବିଶ୍ୱ ମାନ୍ୟତାର ୧୬ତମ ସ୍ଥାନରେ ରହିଥିବା ଭିକ୍ଟର ଗତ ବର୍ଷ ପ୍ୟାରିସରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିଲେ। ବିଜୟ ସହ ଲକ୍ଷ୍ୟ ଦ୍ୱିତୀୟଥର ଲାଗି ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୨୨ରେ ସେ ଏଠାରେ ରନର୍ସଅପ୍ ହୋଇଥିଲେ। ରବିବାର ଟାଇଟଲ୍ ଲଢ଼େଇ ମୁକାବିଲାରେ ଲକ୍ଷ୍ୟଙ୍କ ମୁକାବିଲା ଚାଇନିଜ ତାଇପେଇ'ର ଲିନ୍ ଚୁନ-ୟି'ଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ଲିନ୍ ବିଶ୍ୱର ୨ୟ ମାନ୍ୟତା ଖେଳାଳି ଥାଇଲାଣ୍ଡର କୁନଲାଭଟ ଭିତିସାର୍ନଙ୍କୁ ପରାସ୍ତ କରିଥିଲେ। ଏଥିପୂର୍ବରୁ ଲକ୍ଷ୍ୟ କ୍ୱାର୍ଟରରେ ନଂ-୬ ଖେଳାଳି ଚାଇନାର ଲି ଶି ଫେଙ୍ଗ୍‌ଙ୍କୁ ହରାଇଥିଲେ।

**ଅଷ୍ଟ୍ରେଲିଆ ବିପକ୍ଷ ପିଙ୍କ୍‌ବଲ ଟେଷ୍ଟ**

## ପରାଜୟ ଦ୍ୱାରରେ ଭାରତୀୟ ମହିଳା ଦଳ



**ପର୍ଥ, ୭।୩ (ଏଜେନ୍ସି):** ଘରୋଇ ଅଷ୍ଟ୍ରେଲିଆ ମହିଳା ଦଳ ବିପକ୍ଷରେ ଏଠାରେ ଚାଲିଥିବା ଏକମାତ୍ର ପିଙ୍କବଲ୍ ଦିବାରାତ୍ର ଟେଷ୍ଟ ମ୍ୟାଚରେ ଭାରତ ପରାଜୟ ଦ୍ୱାରରେ ପହଞ୍ଚିଛି। ୧୨୫ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ଭାରତୀୟ ମହିଳା ଦଳ ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୨୯ ଓଭରରେ ୬ ୱିକେଟ ହରାଇ ୧୦୫ ରନ ସଂଗ୍ରହ କରିଛି। ପ୍ରତୀକା ରାୱଲ ୪୩ ଓ ସ୍ନେହ ରାଣା ୧୪ ରନ କରି ବ୍ୟାଟିଂ ଜାରି ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର୍ ସ୍ମୃତି ମନ୍ଧାନା ୨, ଶେଫାଳି ବର୍ମା ୫, ଜେମିମା ରୋଡ୍ରିଗ୍ସ ୧୪, ଅଧିନାୟକ ହରମନପ୍ରୀତ କୌର ୧୧, ରିଚା ଘୋଷ ୦ ଓ ଦୀପ୍ତି ଶର୍ମା ୯ ରନରେ ଆଉଟ୍ ହୋଇ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ବୋଲିଂରେ ଘରୋଇ ଦଳ ପକ୍ଷରୁ ଲୁସି ହାମିଲଟନ ୩ ଓ ଆନାବେଲ୍ ସଦରଲାଣ୍ଡ ୨ଟି ୱିକେଟ୍ ନେଇଥିଲେ। ହାତରେ ୪ ୱିକେଟ୍ ବଳକା ଥାଇ ଭାରତ ପାଳି ପରାଜୟ ଲାଗି ଆହୁରି ୨୦ ରନ ଆବଶ୍ୟକ କରୁଛି। ମ୍ୟାଚ ଆହୁରି ଦୁଇଦିନ ବାକି ଥିବାରୁ ଫଳାଫଳ ବାହାରିବା ସ୍ପଷ୍ଟ ହୋଇଛି।

### ସଦରଲାଣ୍ଡଙ୍କ ଶତକ;

ପୂର୍ବରୁ ଭାରତର ପ୍ରଥମ ପାଳି ସ୍କୋର ୧୯୮ ରନ ଜବାବରେ ଅଷ୍ଟ୍ରେଲିଆ ମହିଳା ଦଳ ଶୁକ୍ରବାର ପ୍ରଥମ ଦିବସ ଶେଷ ସୁଦ୍ଧା ୩ ୱିକେଟରେ ୯୬ ରନ ସଂଗ୍ରହ କରିଥିଲା। ଏହି ଅସମାପ୍ତ ପ୍ରଥମ ପାଳି ସ୍କୋରରୁ ଶନିବାର ବ୍ୟାଟିଂ ଆରମ୍ଭ କରି ଅଷ୍ଟ୍ରେଲିଆ ୩୨୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

ବୋଲିଂରେ ୪ଟି ୱିକେଟ୍ ସଫଳତା ପାଇଥିବା ସଦରଲାଣ୍ଡ ବ୍ୟାଟିଂରେ ମଧ୍ୟ ଶତକୀୟ ପାଳି ଖେଳି ଦଳକୁ ରକ୍ଷା କରିଥିଲେ। ସଦରଲାଣ୍ଡ ୧୭ ଚୌକା ସହାୟତାରେ ସର୍ବାଧିକ ୧୨୯ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲିସେ ପେରୀ ୭୬, ହାମିଲଟନ ୨୩, ଆଲାନ କିଙ୍ଗ୍ ୨୧, ବେଥ୍ ମୁନୀ ୧୯, ଅଧିନାୟିକା ଆଲିସା ହେଲୀ ଓ ତହଲିଆ ମ୍ୟାକଗ୍ରା ୧୩ ରନ ଲେଖାଏ କରିଥିଲେ। ଭାରତ ପକ୍ଷରୁ ସାୟଲୀ ସତଘରେ ୪ ଏବଂ କ୍ରାନ୍ତି ଗୌଡ଼ ଓ ଦୀପ୍ତି ଶର୍ମା ୨ଟି ଲେଖାଏ ୱିକେଟ ନେଇଥିଲେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS